R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭୭
ତିଥି : ଦ୍ୱାଦଶୀ
୧୨ ଜୁଲାଇ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 277
12 July 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଭିଏତନାମରେ ସ୍ପିଡ୍ ବୋଟ୍ ବୁଡ଼ି ୧୫ ଭାରତୀୟ ମୃତ

ନୂଆଦିଲ୍ଲୀ, ୧୧ ।୭ : ଭିଏତନାମର ଫୁ କ୍ୱୋକ ଦ୍ୱିପରେ ଏକ ସ୍ପିଡ୍ ବୋଟ୍ ବୁଡ଼ି ଯିବାରୁ ୧୫ ଭାରତୀୟଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୩ ପୁରୁଷ ଓ ୨ ମହିଳା ରହିଛନ୍ତି । ଭିଏତନାମରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏ ନେଇ ସୂଚନା ଜାରି କରାଯାଇଛି ।

ସ୍ପିଡ୍ ବୋଟ୍‌ରେ ୩୬ ଜଣ ଯାତ୍ରୀ ରହିଥିଲେ । ୨୧ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ବୋଟ୍‌ରେ ୩୨ ଭାରତୀୟ ପର୍ଯ୍ୟଟକ ଓ ୩ କ୍ରିୟୁ ସଦସ୍ୟ ଓ ଜଣେ ଆଟେନାଣ୍ଟ ରହିଥିଲେ ।ବୋଟ୍‌ଟି ଓଲଟି ପଡ଼ିବାରୁ ଏହି



ଅଘଟଣ ଘଟିଥିଲା । ସୂଚନା ଅନୁଯାୟୀ ଅପରାହ୍ଣ ୧ଟାରେ ଓସେନ୍‌ପିଅର ଆଇଲାଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ସ୍ପିଡ୍ ବୋଟ୍ ପର୍ଯ୍ୟଟକମାନଙ୍କୁ ନେଇ ଫୁ କ୍ୱୋକ୍ ବନ୍ଦରରୁ ୨୫ କିମି ଦୂରରେ ଥିବା ଆନ୍‌ଥୋଇ ବନ୍ଦରକୁ ଯାଉଥିଲା । ସମୁଦ୍ର ଅଶାନ୍ତ ହେବାରୁ ଖାନ୍‌ମେରୁଟ୍ ଏନ୍‌ଗୋଇ ଠାରୁ ମାତ୍ର ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା । ବୋଟ୍‌ରେ ଥିବା ସମସ୍ତ ଯାତ୍ରୀ ସମୁଦ୍ରରେ ବୁଡ଼ି ଯାଇଥିଲେ । ସୀମା ସୁରକ୍ଷା ବାହିନୀ ନୌସେନା ତଟରକ୍ଷୀ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ତେବେ ଏମାନେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଡଙ୍ଗା ଧରି ଉଦ୍ଧାର କରିବାକୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ବୋଟ୍‌ରେ ଥିବା ୨୧ ଜଣଙ୍କୁ ଉଦ୍ଧାର କରାଯିବା ସହ ୧୫ ମୃତକଙ୍କ ଶବ ମଧ୍ୟ ଅଣାଯାଇଛି । ଫୁ କ୍ୱୋକ୍ ଦ୍ୱୀପ ଏହାର ଧଳାବାଲି ବେଳାଭୂମି, ଅତି ସ୍ୱଚ୍ଛ ଜଳ ଯୋଗୁ ପ୍ରତିବର୍ଷ (୯ ପୃଷ୍ଠାରେ)

## ପାଠ୍ୟ ପୁସ୍ତକ ତ୍ରୁଟି : କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧ ।୭ (ସବ୍ୟୁ) : ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଞ୍ଚ ଏସ୍.ପି.ଙ୍କ ନିକଟରେ ଏଫ୍‌ଆଇଆର୍ ଦାୟର କରିବାକୁ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛପା ହୋଇଥିବା ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟି ପରିଲକ୍ଷିତ ହୋଇଥିଲା । ଏହାକୁ ନେଇ ବିଭିନ୍ନ ମହଲରେ ସରକାରଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥିଲା । ପାଠ୍ୟ ପୁସ୍ତକର ତ୍ରୁଟିକୁ ମୁଖ୍ୟମନ୍ତ୍ରୀ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଥିଲେ । ଏହାପରେ ଏହାର ଅନୁସନ୍ଧାନ ପାଇଁ କମିଟି ହୋଇଥିଲା । ଆଜି ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟିର ରିପୋର୍ଟ ଅନୁଯାୟୀ ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁମାର ମଙ୍ଗଳମ୍ ବିର୍ଲ୍ଲା

## କଂସାରିଗୁଡ଼ା ଆଲୁମିନା ରିଫାଇନାରିର ହେବ ସମ୍ପ୍ରସାରଣ

ଭୁବନେଶ୍ୱର, ୧୧ ।୭ (ସବ୍ୟୁ) : ଆଦିତ୍ୟବିର୍ଲ୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲ୍ଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି

### ୧୨ ହଜାର କୋଟି ବିନିଯୋଗ ହେବ

କଂସାରିଗୁଡ଼ା ଆଲୁମିନା ରିଫାଇନାରିର ସମ୍ପ୍ରସାରଣ ନେଇ ଆଲୋଚନା କରିଛନ୍ତି । ଆଦିତ୍ୟବିର୍ଲ୍ଲା ଗ୍ରୁପ୍ ସମ୍ପ୍ରସାରଣରେ ୧୨ ହଜାର କୋଟି ଟଙ୍କା ନିବେଶ କରିବ । ଏହି ବୈଠକରେ ଆଦିତ୍ୟବିର୍ଲ୍ଲା ଗ୍ରୁପ୍‌ର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ,



ସମୟମତେ ସହଜିକରଣ ଓ ଏହାର ଅଧିକ ବିସ୍ତାର ଲାଗି ଆଲୋଚନା ହୋଇଥିଲା ।

ରାୟଗଡା ଜିଲ୍ଲାର କଂସାରିଗୁଡ଼ାରେ ଥିବା ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ କରାଯିବ । (୯ ପୃଷ୍ଠାରେ)

## ଓଡ଼ିଶା କ୍ୟାଡର ଆଉଜଣେ ଆଇପିଏସ୍‌ଙ୍କ ଇସ୍ତଫା

ଭୁବନେଶ୍ୱର, ୧୧ ।୭ (ସବ୍ୟୁ) : ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ପରେ ଆଉ ଜଣେ ଓଡିଶା କ୍ୟାଡର ଆଇପିଏସ୍ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫାପତ୍ର ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ପାଖରେ ବିଚାରାଧୀନ ଅଛି ।

୨୦୨୫ ବ୍ୟାଚ୍‌ର ଆଇପିଏସ୍ ଚୌଧୁରୀ ଅଭିଜିତ୍ ରାମଦାସଙ୍କ ଘର ମହାରାଷ୍ଟ୍ର ହୋଇଥିବା ବେଳେ ସେ ଓଡିଶା କ୍ୟାଡର ଆଇପିଏସ୍ ଭାବେ ପ୍ରୋବେସନରେ ଅଛନ୍ତି । ରାମଦାସ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ପ୍ରଶିକ୍ଷଣରେ ଥିବାବେଳେ କାହିଁକି, କ'ଣ ପାଇଁ ଇସ୍ତଫା ଦେଇଛନ୍ତି ତାହା ସ୍ୱଷ୍ଟ ହୋଇନାହିଁ ।

ଶ୍ରୀ ରାମଦାସଙ୍କ ଇସ୍ତଫାପତ୍ର ପ୍ରଥମେ ପୋଲିସ ଏକାଡେମୀର ନିର୍ଦ୍ଦେଶକଙ୍କ ପାଖକୁ ଯାଇଥିଲା । ସେଠାରୁ ଓଡିଶା ଡିଜିପିଙ୍କ ପାଖକୁ ଆସିଛି । ନିୟମ ଅନୁଯାୟୀ ପ୍ରଶିକ୍ଷଣ ସମୟରେ ଯଦି କେହି ଇସ୍ତଫା ଦିଅନ୍ତି ତାହା ନିର୍ଦ୍ଦେଶକଙ୍କ ମାଧ୍ୟମରେ ଡିଜିପିଙ୍କ ପାଖକୁ ଆସିଥାଏ । ଡିଜିପିଙ୍କ ଅଫିସରୁ ରାଜ୍ୟ ସରକାରଙ୍କ (୯ ପୃଷ୍ଠାରେ)

## ମାଗଣା ନାମଲେଖା ଦ୍ୱନ୍ଦ୍ୱ ଦୂର ଲାଗି ଆସିବ ଏସ୍‌ଓପି

ଭୁବନେଶ୍ୱର, ୧୧ ।୭ (ସବ୍ୟୁ) : କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ନାମଲେଖା ଘୋଷଣା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ମାର୍ଗଦର୍ଶିକା ଓ ଏସ୍‌ଓପି ଆସିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଯେଉଁମାନେ ଆଗୁଆ ଟଙ୍କା ଦେଇ ନାମ ଲେଖାଇଛନ୍ତି ସେମାନଙ୍କୁ ପଇସା ଫେରସ୍ତ ହେବାସହ ନାମଲେଖା ଦେୟ ଛାଡ ହେବ । ପରବର୍ତ୍ତୀ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନ୍ୟ କୌଣସି ବାବଦରେ ଯେପରି କୌଣସି ଦେୟ ଆଦାୟ ନ ହୁଏ ସେନେଇ ଗାଇଡ୍‌ଲାଇନ୍‌ରେ ସ୍ୱଷ୍ଟ କରିବାକୁ ଶିକ୍ଷାବିତ୍‌ମାନେ କହିଛନ୍ତି ।

ନାମଲେଖା ପଇସା ଫେରାଇବାକୁ ଏକ ପୋର୍ଟାଲ ମଧ୍ୟ ସରକାର ଖୋଲିବେ । ଗ୍ରାଣ୍ଟଏନ୍‌ଏଡ୍ ପାଉଥିବା କଲେଜ ପାଇଁ ସରକାର ଅନୁଦାନ ଦେବେ । ଏସ୍‌ଓପିରେ ସମସ୍ତ ଜିନିଷ ଉଲ୍ଲେଖ ରହିବ । ସୋମବାର ଏସ୍‌ଓପି ଆସିବ ବୋଲି ମନ୍ତ୍ରୀ କହିଛନ୍ତି । ଏସ୍‌ଓପି ଆସିବା ପୂର୍ବରୁ ଛାତ୍ରଛାତ୍ରୀ, ଅଭିଭାବକ, କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା ଚାଲିଛି । ୬୬୨ ଓ ୪୪୮ ବର୍ଗ କଲେଜଗୁଡ଼ିକୁ ଅର୍ଥ ଦିଆଯିବାକୁ ବିଚାର (୯ ପୃଷ୍ଠାରେ)




## ଅନ୍ତର୍ଜାତୀୟ ମଲାଲା ଦିବସ



ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ ଅନ୍ତର୍ଜାତୀୟ ମଲାଲା ଦିବସ ରୂପେ ପାଳନ କରାଯାଉଛି । ନୋବେଲ୍ ପୁରସ୍କାରପ୍ରାପ୍ତ ପାକିସ୍ତାନୀ ଯୁବ କର୍ମକର୍ତ୍ତା ମଲାଲାୟୁସୁଫ୍‌ଜାଏଙ୍କ ପ୍ରତି ସମ୍ମାନ ପୂର୍ବକ ଏହି ଦିବସକୁ ପାଳନ କରାଯାଇଥାଏ । ମଲାଲା ଦୀର୍ଘ ବର୍ଷ ଧରି ମହିଳାମାନଙ୍କର ଶିକ୍ଷା ପାଇଁ ଲଢେଇ କରୁଛନ୍ତି । ତେଣୁ ତାଙ୍କୁ ସମ୍ମାନ ଜଣାଇବା ପାଇଁ ମିଳିତ ଜାତିସଂଘ ଦ୍ୱାରା ଏହି ଦିନକୁ ମଲାଲା ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଦିବସ ପ୍ରତ୍ୟେକ ପିଲାଙ୍କ ପାଇଁ ବାଧ୍ୟତାମୂଳକ ଏବଂ ମାଗଣା ଶିକ୍ଷା ସୁନିଶ୍ଚିତ କରିବାକୁ ଏକ ସୁଯୋଗ ପ୍ରଦାନ କରେ । ୧୯୯୭ ମସିହା ଜୁଲାଇ ୧୨ରେ ପାକିସ୍ତାନର ଖାଇବର ପାଖନତୁଆ ରାଜ୍ୟରେ ମଲାଲା ଜନ୍ମଗ୍ରହଣ କରିଥିଲେ । ପାକିସ୍ତାନର ଏହି ୨୫ ବର୍ଷୀୟା ଯୁବତୀ ନିଜର ସାହସୀ ମନୋଭାବ ତଥା ନିଜ ଅଞ୍ଚଳର ବାଳିକାମାନଙ୍କ ଶିକ୍ଷା ଅଧିକାର ପାଇଁ ଆତଙ୍କବାଦୀଙ୍କ ବିରୋଧରେ ଲଢେଇ କରି ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତାଙ୍କର ତ୍ୟାଗ ଓ ଅଦମ୍ୟ ସାହସିକତା ପାଇଁ ୨୦୧୩ରେ ୧୭ ବର୍ଷ ବୟସରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ୱଳ୍ପ ବୟସରୁ ତାଲିବାନ ବିରୋଧରେ ସେ ଲଢେଇ କରିଥିଲେ । ଏକଦା ଯୁବକ ଯୁବତୀଙ୍କୁ ସ୍କୁଲ ଯିବାକୁ ତାଲିବାନୀ ବାହିନୀ ବାରଣ କରୁଥିବାବେଳେ ମଲାଲା ସେମାନଙ୍କ ବିରୋଧରେ ବିରୋଧ କରୁଥିଲେ । ଏହି ସମୟରେ ତାଙ୍କୁ ଗୁଳି କରାଯାଇଥିଲା । ଆକ୍ରମଣ ପରେ ବି ଏହି ଯୁବ କର୍ମକର୍ତ୍ତାଜଣଙ୍କ ବାଳିକାମାନଙ୍କର ଶିକ୍ଷାକୁ ନେଇ ସ୍ୱର ଉତ୍ତୋଳନ କରିଥିଲେ ।

## କାର୍ଯ୍ୟାଳୟରେ ରୁହନ୍ତୁ ଫୁର୍ତ୍ତି



ସବୁବେଳେ କାର୍ଯ୍ୟାଳୟରେ ସତେଜ ଅନୁଭୂତି ହେବ ସେଭଳି କିଛି ନଥାଏ । ବେଳେବେଳେ ଅଫିସ୍‌ରେ ଥକ୍କା ଲାଗିବା ସହ ନିଦ ମଧ୍ୟ ଆସିଥାଏ । ତେବେ ଏହା ଆପଣଙ୍କର କାମ ଉପରେ ପ୍ରଭାବ ପକାଇଥାଏ । ବେଳେବେଳେ ଏଥିପାଇଁ ଅପ୍ରିତିକର ପରିସ୍ଥିତିର ସାମନା ମଧ୍ୟ କରିବାକୁ ପଡିଥାଏ । ତେଣୁ ଏଭଳି କିଛି ଛୋଟଛୋଟ ଟ୍ରିକ୍ ଅଛି ଯାହାକୁ ଆପଣାଇ ଅଫିସ୍‌ରେ ସତେଜ ରହିବା ସହ ନିଦକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ । ତେବେ ଏହା ଯଦି ନିତିଦିନିଆ ଘଟଣାରେ ପରିଣତ ହେଉଛି ତେବେ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇପାରିବେ ।

**କିଛି ସମୟ ପାଇଁ ନିଅନ୍ତୁ ବିଶ୍ରାମ -** ଗୋଟିଏ ସ୍ଥାନରେ ଅଧିକ ସମୟ ବସିବା ଫଳରେ ଶରୀରରେ ଥକ୍କାପଣ ଆସିବା ଏକ ସାଧାରଣ କଥା । ତେଣୁ ଅଧିକ ସମୟ ଗୋଟିଏ ସ୍ଥାନରେ ନବସି ମଝିରେ ମଝିରେ ଯାଗାରୁ ଉଠିବା ସହିତ କିଛି ସମୟ ବୁଲିଆସନ୍ତୁ । ଏପରି କରିବା ଫଳରେ ଶରୀରରେ ରକ୍ତ ପ୍ରବାହରେ ପରିବର୍ତ୍ତନ ଆସିଥାଏ, ଯାହା ଶରୀରକୁ ଫୁର୍ତ୍ତି କରିଥାଏ ।

**ସ୍ଥାନକୁ କରନ୍ତୁ ଆଲୋକିତ -** ଯେଉଁସ୍ଥାନରେ କାମ କରୁଛନ୍ତି, ସେହି ସ୍ଥାନକୁ ଆଲୋକିତ ରଖନ୍ତୁ । ସେହି ସ୍ଥାନରେ ଆଲୋକ ସହ ସତେଜ ବାୟୁ କିଭଳି ଚଳାଚଳ କରିବା ସେ ନେଇ ଧ୍ୟାନ ଦିଅନ୍ତୁ । ଏହାଫଳରେ ଆପଣ ଅଧିକ ସତେଜ ଅନୁଭବ କରିବା ସହିତ ଆପଣଙ୍କୁ ନିଦ ମଧ୍ୟ ଆସିବ ନାହିଁ ।

**ଖାଆନ୍ତୁ ମନପସନ୍ଦର ସ୍ନାକ୍ -** ସେହିଭଳି ଯଦି ଆପଣଙ୍କ କାର୍ଯ୍ୟାଳୟରେ ସୁବିଧା ରହିଛି, ତେବେ କାମ କରିବା ସମୟରେ କିଛି ଚକୋଲେଟ୍ ହେଉ କିମ୍ବା ଚିପସ୍ କି କିଛି ଖାଇବା ଖାଇପାରିବେ । ଏହା ଆପଣଙ୍କ ମୁଣ୍ଡକୁ ଆକ୍ଟିଭ ରଖିବା ସହିତ କାମରେ ମନଲାଗିବାରେ ସାହାଯ୍ୟ କରିବ । ଯଦି କାର୍ଯ୍ୟାଳୟରେ ଖାଇବାର ଅନୁମତି ଅଛି ତେବେ ଏହି ଉପାୟ ଆପଣାଇ ପାରିବେ । ସେହିଭଳି ଯଦି ଅଫିସ୍‌ରେ ଲଞ୍ଚ କରୁଛନ୍ତି ତେବେ ଅଧିକ ଖାଆନ୍ତୁ ନାହିଁ । ଏହା ନିଦ ଲାଗିବାର ଅନ୍ୟ ଏକ କାରଣ ସାଜିପାରେ । ସେହଭଳି ଆପଣ ମଝିରେ ମଝିରେ କଫି କିମ୍ବା ଚା'ର ସାହାଯ୍ୟ ନେଇପାରିବେ ।

## ରୋବଟ ବିବାହ



ରୁଷରେ ପ୍ରଥମ ଥର ପାଇଁ ଦୁଇଟି ହ୍ୟୁମାନଏଡ୍ ରୋବୋଟ୍‌ଙ୍କ ମଧ୍ୟରେ ଏକ ସାଙ୍କେତିକ ବିବାହ ସମ୍ପନ୍ନ ହୋଇଛି, ଯାହା ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ମସ୍କୋର ପୁଶ୍କିନ୍ ଲାଇବ୍ରେରୀରେ ଆୟୋଜିତ ଏହି ଅନନ୍ୟ ଉତ୍ସବରେ ଏଆଇ ଚାଳିତ ରୋବୋଟ୍ 'ରବର୍ଟ' ଏବଂ 'ମଟିଲ୍ଡା'ଙ୍କୁ ଆନୁଷ୍ଠାନିକ ଭାବେ "ରୋବୋଟ୍ ଜୀବନସାଥୀ" ଭାବେ ଘୋଷଣା କରାଯାଇଛି । ସମ୍ପୂର୍ଣ୍ଣ ମଣିଷଙ୍କ ବିବାହ ଶୈଳୀରେ ଅନୁଷ୍ଠିତ ଏହି ପ୍ରକ୍ରିୟାରେ ରବର୍ଟ ଏବଂ ମଟିଲ୍ଡା ପରସ୍ପରକୁ ପ୍ରତିଶ୍ରୁତି ଦେବା ସହ ସାଙ୍କେତିକ ବ୍ରେସଲେଟ୍ ମଧ୍ୟ ଅଦଳବଦଳ କରିଥିଲେ । ଏହି ଦୁଇ ରୋବୋଟ୍‌ଙ୍କ ମଧ୍ୟରୁ ରବର୍ଟଙ୍କୁ ଜଣେ ଅଫିସ୍ କର୍ମଚାରୀ ତଥା ବ୍ଲଗର୍ ଭାବେ ଡିଜାଇନ୍ କରାଯାଇଥିବା ବେଳେ ମଟିଲ୍ଡାଙ୍କୁ ଜଣେ ବାଲେ ଡାନ୍ସର ରୂପେ ପ୍ରସ୍ତୁତ କରାଯାଇଛି । ରୁଷିଆର ସରକାରୀ ନ୍ୟୁଜ୍ ଏଜେନ୍ସି 'ଆରଆଇଏ ନୋଭୋସ୍ତି' ଅନୁଯାୟୀ, ଏହା ଦେଶର ପ୍ରଥମ ସାଙ୍କେତିକ ରୋବୋଟ୍ ବିବାହ ସମାରୋହ ଅଟେ । ଏହା ପୂର୍ବରୁ ଏହି ଦୁଇ ରୋବୋଟ୍‌ଙ୍କୁ ସେଣ୍ଟ ପିଟର୍ସବର୍ଗ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ଫୋରମ୍‌ରେ ମଧ୍ୟ ପ୍ରଦର୍ଶିତ କରାଯାଇସାରିଛି ।

## ପୋକ ୱାଇନ

ଚୀନ୍‌ର କିଛି ଅଞ୍ଚଳର ଏକ ନିଆରା ପରମ୍ପରା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି, ଯେଉଁଠାରେ ମାଟିରୁ ବାହାରୁଥିବା ପୋକମାନଙ୍କ ସାହାଯ୍ୟରେ ୱାଇନ୍ ପ୍ରସ୍ତୁତ କରାଯାଉଛି । ଏଠାକାର ସ୍ଥାନୀୟ ଲୋକମାନେ ମାଟି ଖୋଳି ଏକ ସ୍ୱତନ୍ତ୍ର ପ୍ରକାରର ପୋକ ଓ ସେମାନଙ୍କର ଲାର୍ଭା ବାହାର କରିଥାନ୍ତି ଏବଂ ଏହାକୁ ଏକ ପାରମ୍ପରିକ ତଥା ଔଷଧୀୟ ପାନୀୟ ଭାବେ ଗ୍ରହଣ କରନ୍ତି । ଏହି ୱାଇନ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ବିଲ ବା ଜଙ୍ଗଲରୁ ମାଟି ଖୋଳି ସ୍ୱତନ୍ତ୍ର ଲାର୍ଭା ସଂଗ୍ରହ କରାଯାଏ । ତାପରେ ସେଗୁଡ଼ିକୁ ଭଲଭାବେ ସଫା କରି ଶୁଖାଯାଏ ଏବଂ ପରେ ଏହାର ଏକ ପାଉଡର ପ୍ରସ୍ତୁତ କରାଯାଏ । ଏହାପରେ ଏହି ପାଉଡରକୁ ଗରମ ପାଣି, ଚାଉଳରୁ ପ୍ରସ୍ତୁତ ରାଇସ୍ ୱାଇନ୍ କିମ୍ବା ଅନ୍ୟ କୌଣସି ଆଲକୋହଲ୍ ସହିତ ମିଶାଇ ଏହି ସ୍ୱତନ୍ତ୍ର ୱାଇନ୍ ପ୍ରସ୍ତୁତ କରାଯାଇଥାଏ । ଚାଇନିଜ୍ ଟ୍ରାଡିସନାଲ୍ ମେଡିସିନ୍ ବା ପାରମ୍ପରିକ ଚିକିତ୍ସା ପଦ୍ଧତିରେ ପୋକ ଏବଂ ଲାର୍ଭାର ବ୍ୟବହାର ଶତାବ୍ଦୀ ଶତାବ୍ଦୀ ଧରି ହୋଇଆସୁଛି । ସେଥିପାଇଁ ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ଯେ ଏହି ୱାଇନ୍ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ ।



## ସୋସିଆଲ କୋଟ୍ସ



ନିର୍ଦ୍ଦେଶକ ହିସାବରେ କୌଣସି ଷ୍ଟାରଙ୍କ ସହ କାମ କରିବାବେଳେ ପ୍ରେସର ଅଧିକା ଥାଏ । ସେମାନଙ୍କ ଇମେଜ ନେଇ ଅଧିକ ଯତ୍ନବାନ ହୋଇ କାମ କରିବାକୁ ହୋଇଥାଏ । କାରଣ ତାଙ୍କ ଫ୍ୟାନବେଶ୍ ସବୁବେଳେ ଆକ୍ଟିଭ ଥାଆନ୍ତି ।

**ଅନୁରାଗ କଶ୍ୟପ, ଫିଲ୍ମମେକର**



ମୋତେ ଟିଭି ଶୋ'ରୁ ଅନେକ ଫେମ୍ ମିଳିଛି । ଟେଲି ଶୋ ବିଗ୍ ବସ୍‌ରରୁ ମୋତେ ଫିଲ୍ମରୁ ବି ଅଧିକ ପପୁଲାରିଟି ମିଳିଥିଲା । ଏହା ମୋ କ୍ୟାରିୟରକୁ ଖୁବ ମାଇଲେଜ ଦେଇଥିଲା ।

**ଶିଳ୍ପା ସେଟ୍ଟି, ଅଭିନେତ୍ରୀ**



ସମ୍ମୀ କପୁର ମୋତେ ଏକାଧିକ ଭାଷାରେ ପ୍ରେମ ନିବେଦନ କରିଥିଲେ, ଯାହାକୁ ମୁଁ କିଛି ବି ବୁଝି ପାରିନଥିଲି । ଏହା ଏକ ଭିନ୍ନ ପ୍ରକାରର ପ୍ରେମ ନିବେଦନ ଥିଲା ।

**ବୀନା ରମାନୀ, ଲେଖିକା**

## ଦର୍ଶକ ସବୁକିଛି



ନିକଟରେ ମୁକ୍ତିଲାଭ କରିଥିବା ନୂଆ ଚଳଚ୍ଚିତ୍ର 'ବେବି ଡୁ ଡାଇ ଡୁ'ର ପ୍ରଚାର ପାଇଁ ଶୁକ୍ରବାର ଦିନ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବଲିଉଡ ଅଭିନେତ୍ରୀ ହୁମା କୁରେସୀ ଏବଂ ଫିଲ୍ମର ଷ୍ଟାରକାଷ୍ଟ ଡେରାଡୁନ୍‌ରେ ପହଞ୍ଚିଛନ୍ତି । ଏହି ଅବସରରେ ସିନେମାର ପ୍ରମୋସନ କରିବା ସହ ଟିମ୍ ଗଣମାଧ୍ୟମ ସହ ଆଲୋଚନା କରି ଫିଲ୍ମର କାହାଣୀ, ଦର୍ଶକଙ୍କଠାରୁ ମିଳୁଥିବା ସମର୍ଥନ ଏବଂ ପ୍ରଚାର ଅଭିଯାନ ବିଷୟରେ ସୂଚନା ଦେଇଛନ୍ତି । ପ୍ରେକ୍ଷାଳୟରେ ଫିଲ୍ମ ରିଲିଜ୍ ହେବା ଦିନଠାରୁ ଦେଶର ବିଭିନ୍ନ ସିନେମା ହଲ୍‌ରେ ଶୋ' ହାଉସଫୁଲ୍ ଚାଲିଥିବାବେଳେ ଏହି ପ୍ରତିକ୍ରିୟାକୁ ନିକଟରୁ ଦେଖିବା ଏବଂ ଦର୍ଶକଙ୍କ ସହ ସିଧାସଳଖ ଆଲୋଚନା କରି ଫିଡବ୍ୟାକ୍ ନେବା ପାଇଁ ସମ୍ପୂର୍ଣ୍ଣ ଟିମ୍ ବିଭିନ୍ନ ସହର ଗସ୍ତ କରୁଛନ୍ତି । ହୁମା କହିଛନ୍ତି ଯେ, ଏହା ଏକ ଅପେକ୍ଷାକୃତ ଛୋଟ ଚଳଚ୍ଚିତ୍ର ଏବଂ ଏହାର ବଡ଼ ସ୍ତରରେ ପ୍ରଚାର ପାଇଁ ବଜେଟ୍ ନାହିଁ । ତେଣୁ ଦର୍ଶକମାନେ ହିଁ ସେମାନଙ୍କର ସବୁଠାରୁ ବଡ଼ ପ୍ରଚାର ମାଧ୍ୟମ ପାଲଟିଛନ୍ତି । ମୁମ୍ବାଇର ଅପରାଧ ଦୁନିଆ ପୃଷ୍ଠଭୂମି ଉପରେ ଆଧାରିତ ଏହି ଫିଲ୍ମରେ କନ୍‌ଷ୍ଟ୍ରକ୍ସନ ମାଫିଆ, ଅପରାଧ ଏବଂ ରୋମାଞ୍ଚ ସହ ହାସ୍ୟରସର ଉପାଦାନଗୁଡ଼ିକୁ ସୁନ୍ଦର ଭାବେ ସଂଯୋଜିତ କରାଯାଇଛି । ଯେଉଁଥିରେ ସସପେନ୍ସ, କ୍ରାଇମ୍, ଥ୍ରୀଲର ଏବଂ କମେଡିର ଏକ ନିଆରା ମିଶ୍ରଣ ଦେଖିବାକୁ ମିଳିବ । ଫିଲ୍ମରେ ହୁମା କୁରେଶୀଙ୍କ ସହ ରଚିତ ସିଂହ ଏବଂ ମନୋରଥ ଶେଖାବତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଛନ୍ତି । ଏହି ମୌଳିକ ତଥା ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ରକୁ ସିନେମା ହଲ୍‌କୁ ଯାଇ ଦେଖିବା ପାଇଁ ସମଗ୍ର ଷ୍ଟାରକାଷ୍ଟ ଡେରାଡୁନ୍‌ର ଦର୍ଶକମାନଙ୍କୁ ନିବେଦନ କରିଛନ୍ତି ।

## ପୋଟଳ ଚପ୍

ସାମଗ୍ରୀ- ବଡ଼ପୋଟଳ, ଆଳୁ, ପିଆଜ, ରସୁଣ, କଞ୍ଚାଲଙ୍କା, ଅଦା, ତେଲ, ଲୁଣ ।

ପ୍ରଣାଳୀ-ପୋଟଳ ଉପରଅଂଶକୁ ଚାଞ୍ଛି ପେଟରୁ ଚିରି ଲମ୍ବା ଆକାରରେ କାଟି ଦିଅନ୍ତୁ । ପୋଟରର ମଞ୍ଜିକୁ କାଢ଼ିଦିଅନ୍ତୁ । ଏହାପରେ ଅଦା, କଞ୍ଚାଲଙ୍କା, ରସୁଣକୁ କାଟି ରଖନ୍ତୁ । ପ୍ରଥମେ ତେଲରେ କଟାମସଲାକୁ ପକାଇ ଭାଜନ୍ତୁ । ଏହାପରେ ଏଥିରେ ପୋଟଳମଞ୍ଜି ଆଳୁଚକଟା, ଲୁଣ ଓ କିଛି ଗୁଣ୍ଡମସଲା ଦେଇ କଷନ୍ତୁ । ଏହାପରେ ପୋଟଳ ମଧ୍ୟରେ ଏହି ପୁରକୁ ଦେଇ ବେସନରେ ବୁଡ଼ାଇ ଛାଣିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ପୋଟଳ ଚପ୍ ।



## ଇତିହାସ

୧୮୨୩- ଭାରତରେ ନିର୍ମିତ ପ୍ରଥମ ବାଷ୍ପ ଜାହାଜ ଡାଏନାର କୋଲକାତାରେ ଜଳାବତରଣ ।

୧୮୬୨- ଆମେରିକୀୟ କଂଗ୍ରେସ ମେଡାଲ ଅଫ୍ ଅନରକୁ ପ୍ରାଧିକୃତ କଲେ ।

୧୯୧୨- ଆମେରିକାରେ ପ୍ରଥମ ବିଦେଶୀ ଫିଲ୍ମ କୁଇନ୍ ଏଲିଜାବେଥ୍ ପ୍ରଦର୍ଶିତ ।

୧୯୪୯- ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ଆର୍‌ଏସ୍‌ଏସ୍ ଉପରେ ଥିବା ପ୍ରତିବନ୍ଧକକୁ ହଟାଗଲା ।

୧୯୫୭- ଧୂମ୍ରପାନ ଏବଂ ଫୁସଫୁସ ଜନୀତ କ୍ୟାନ୍‌ସର ମଧ୍ୟରେ ସମ୍ବନ୍ଧ ରହିଛି ବୋଲି ଆମେରିକୀୟ ସର୍ଜନ ଲେରୋ ଇ ବର୍ନ୍ନୀ ସୂଚାଇଲେ ।

୧୯୬୦- ଭାଗଲପୁର ଏବଂ ରାଞ୍ଚି ୟୁନିଭରସିଟିର ସ୍ଥାପନା ।

୧୯୭୦- ଅଲକାନନ୍ଦା ନଦୀ ବନ୍ୟାରେ ୬୦୦ ଲୋକଙ୍କ ମୃତ୍ୟୁ ।

୨୦୦୧- ଅଗରତାଲା ଓ ଢାକା ମଧ୍ୟରେ ମୈତ୍ରୀ ବସ୍ ସେବାର ଶୁଭାରମ୍ଭ ।

୨୦୧୨- ବିଶ୍ୱପ୍ରସିଦ୍ଧ ରେସଲର୍ ତଥା ହିନ୍ଦୀ ଫିଲ୍ମ ଅଭିନେତା ଦାରା ସିଂହଙ୍କ ପରଲୋକ ।



**ମେଷ:** ଶୁଭ ଖବର, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାତ୍ରା ସଫଳ, ଶାରୀରିକ ସୁସ୍ଥ, ବିବାଦ ସମାଧାନ, ସ୍ୱଜନ ବିରୋଧ, ଶତ୍ରୁ ସମସ୍ୟା, ଗୃହେ ଶୁଭ ଆଲୋଚନା । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**ବୃଷ:** ସମ୍ମାନ ଲାଭ, ବନ୍ଧୁ ଲାଭ, ସ୍ୱାସ୍ଥ୍ୟ ଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟି, ନୂତନ କର୍ମାରମ୍ଭ, ପାରିବାରିକ ଖୁସି, ବନ୍ଧୁଗୃହେ ଯାତ୍ରା, ଉତ୍ସବ ସଫଳ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** କର୍ମକ୍ଷେତ୍ରରେ ବିବାଦ, ଗୃହେ ସହଯୋଗ, ଶାରୀରିକ ସୁସ୍ଥ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦାମ୍ପତ୍ୟ ଖୁସି, ଅଯଥା କଳହ, ବିଶିଷ୍ଟ କାର୍ଯ୍ୟରେ ଲାଭ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା- ବିଷ୍ଣୁ ଭଗବାନ ।

**କର୍କଟ:** ବନ୍ଧୁମିଳନ, ଖୁସି ଖବର, ଦେବଦର୍ଶନ, ବିବାଦ ସମାଧାନ, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ, ବିଦ୍ୟାରେ ସଫଳତା, ପାରିବାରିକ ଖୁସି, ସ୍ୱାସ୍ଥ୍ୟ ଲାଭ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

**ସିଂହ:** ଶତ୍ରୁ ସମସ୍ୟା, ଶୁଭ ଖବର, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁ ବିରୋଧ, ଆଶାରେ କଷ୍ଟ, ଦେବ ଦର୍ଶନ, ଦାମ୍ପତ୍ୟ ଖୁସି, ବ୍ୟବସାୟରେ କଷ୍ଟ, ଶାରୀରିକ ସୁସ୍ଥ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**କନ୍ୟା:** ସମ୍ମାନ ବୃଦ୍ଧି, ଅର୍ଥ ଲାଭ, ଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ବନ୍ଧୁ ଲାଭ, ଶୁଭ ଖବର, ଶାରୀରିକ ସୁସ୍ଥ, ସନ୍ତାନ ଲାଭ, ମିଷ୍ଟାନ୍ନ ପ୍ରାପ୍ତି, ଗାଡ଼ି ଚାଳନାରେ ସାବଧାନ । ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ମା' ମଙ୍ଗଳା ।

**ତୁଳା:** ଭୟ ଓ ଆଶଙ୍କା, ଦାମ୍ପତ୍ୟ କଳହ, ଶାରୀରିକ କଷ୍ଟ, ଦେବଦର୍ଶନ, ଯାତ୍ରାରେ କଷ୍ଟ, ସ୍ୱାଦିଷ୍ଟ ଭୋଜନ, ବ୍ୟକ୍ତି ସାହାଯ୍ୟ, ଅର୍ଥ ଚିନ୍ତା, ବନ୍ଧୁ ଲାଭ, ନୂତନ କର୍ମ ଆରମ୍ଭ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ନୃସିଂହ ।

**ବିଛା:** ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ପାରିବାରିକ ସୁଖ, ବ୍ୟବସାୟରେ ଲାଭ, ସମ୍ପତ୍ତି ଲାଭ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ସନ୍ତାନ ଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ବିଷ୍ଣୁ ଭଗବାନ ।

**ଧନୁ:** ଅର୍ଥ ଲାଭ, ବିବାଦ ସମାଧାନ, ଦେବଭକ୍ତି, ବ୍ୟକ୍ତି ସହାୟତା, ଶତ୍ରୁ ପରାଜିତ, କର୍ମକ୍ଷେତ୍ରରେ ସଫଳ, ବ୍ୟବସାୟିକ ଲାଭ, ଶାରୀରିକ ସୁସ୍ଥ, ସମ୍ପତ୍ତି ଲାଭ, ସନ୍ତାନ ସମସ୍ୟା । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମକର:** ଶାରୀରିକ ଅସୁସ୍ଥ, ଦେବ କାର୍ଯ୍ୟ ପ୍ରତି ଆଗ୍ରହ, ଗୃହେ ଉତ୍ସବ, ବିବାଦ ସମାଧାନ, ଦାମ୍ପତ୍ୟ ଖୁସି, ମନରେ ସ୍ଥିରତା, ବାଣିଜ୍ୟରେ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ମା' ବଗଳାମୁଖୀ ।

**କୁମ୍ଭ:** ଅଯଥା ଅଶାନ୍ତି, ଶାରୀରିକ କଷ୍ଟ, ଶୁଭ ଆଲୋଚନା, ଗୃହେ ଉତ୍ସବ, ଦୂର ଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟ ଖୁସି, ସନ୍ତାନ ଚିନ୍ତା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ମୀନ:** ଆଶା ସଫଳ, ବ୍ୟବସାୟରେ ଲାଭ, ନୂତନ ସମ୍ପର୍କ, ପାରିବାରିକ ଖୁସି, ଦୂର ଯାତ୍ରା, ଦେବ ଦର୍ଶନ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ମା' ବିମଳା ।

**ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ**
**୧୨.୭.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ସିଏମ୍‌ଡି ଅଶୋକ କୁମାର ପଣ୍ଡା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି ।

### ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁଁ ଏନ୍‌ଏଚ୍ ୫୩ ଅସୁରକ୍ଷିତ

## ଦୁର୍ଘଟଣାରେ ପୁଣି ଗଲା ଯୁବକଙ୍କ ଜୀବନ, ରାସ୍ତାରୋକ

ଚଣ୍ଡିଖୋଲ, (ସବ୍ୟୁ) ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡୀଖୋଲ-ଦୁବୁରୀ ଅଂଶ ଏବେ ଅସୁରକ୍ଷିତ। ଏହି ରାସ୍ତାର ସଂପ୍ରସାରଣ କାର୍ଯ୍ୟ ବିଳମ୍ବ ଯୋଗୁଁ ଖାଲଖମାରେ ଭର୍ତ୍ତିହୋଇ ଦୈନିକ ଏକାଧିକ ଦୁର୍ଘଟଣା ଘଟି ଦୈନିକ ନିରିହ ଜୀବନ ଚାଲି ଯାଉଛି। ଚଳିତ ୧୫ ଦିନ ମଧ୍ୟରେ ଏହି ରାସ୍ତାରେ ୨୨ଟି ଦୁର୍ଘଟଣା ଘଟି ୩ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଶନିବାର ଦିନ ଆରୁହା ପୋଖରୀ ଛକରେ ଦୁର୍ଘଟଣା ଘଟି ଆଉଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଏସବୁ ଦୁର୍ଘଟଣାରେ ୧୨ ଜଣ ଗୁରୁତର ଆହତ ହୋଇ ବିଭିନ୍ନ ଡାକ୍ତର ଖାନାଲରେ ଚିକିତ୍ସା ହେଉଛନ୍ତି। ଆରୁହା ଠାରେ ଘଟିଥିବା ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଯୁବକଙ୍କ ନାମ ଶଶୀକାନ୍ତ ବାଲା (୪୧) । ରାସ୍ତାର ଦୁରବସ୍ଥା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି କ୍ଷତିପୂରଣ ଦାବିରେ ଲୋକେ ଘଟଣା ସ୍ଥଳରେ ମୃତଦେହ ରଖି ରାସ୍ତାରୋକ କରିଥିଲେ । ଫଳରେ ଏହି ଜାତୀୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। କଟକର ଏମଏସ ଆଇଏଲ ଠିକା କମ୍ପାନୀ ତିନିବର୍ଷ ମଧ୍ୟରେ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଏନ ଏଚ ଆଇ ସହ ଚୁକ୍ତିକରି ଥିଲା। ହେଲେ ଇତିମଧ୍ୟରେ ୭ ବର୍ଷ ବିତିଯିବା ପରେବି ରାସ୍ତାକାମ ଅଧାପାନ୍ତରା ହୋଇ ପଡିରହିଛି। ସବୁଠାରୁ ବଡକଥା ଉକ୍ତ ରାସ୍ତାରେ ନିର୍ମାଣ ହୋଇଥିବା ୧୨ଟି ଫ୍ଲାଏଓଭର ଓ ତତ୍ ସଂଲଗ୍ନ ସର୍ଭିସ ରୋଡ ଏବେ ସବୁଠାରୁ ଅସୁରକ୍ଷିତ ହୋଇପଡିଛି। ଫ୍ଲାଏଓଭର ଉପରେ ବଡବଡ ଗାତ ସୃଷ୍ଟି ହେବା ସହ ରାସ୍ତା ଦବି ଯାଇଥିବାରୁ ଏହା ହିଁ ଦୁର୍ଘଟଣାର କାରଣ ସାଜିଛି। ରାସ୍ତାର ଦୁରବସ୍ଥା ଯୋଗୁଁ ଗତ ତିନିଦିନ ତଳେ ଚଣ୍ଡିଖୋଲ ନିକଟ ସୁଭଦ୍ରାପୁର ଛକରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ବେଳେ ତାର କେଇଦିନ ପୂର୍ବରୁ ମଧ ସେହିଠାରେ ଆଉଜଣେ ମୃତ୍ୟୁ ବରଣ କରିଥିଲେ। ଚଳିତ ୧୫ ଦିନ ମଧ୍ୟରେ ସେହି ସ୍ଥାନ ଓ ରାମଚନ୍ଦ୍ରପୁର ତାରିଣୀ ଛକ ଫ୍ଲାଏଓଭର ରେ ଦୁର୍ଘଟଣା ଘଟି ଆଉ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ସେହି ଫ୍ଲାଏଓଭର ଉପରେ ସୃଷ୍ଟି ହୋଇଥିବା ପାଣି ଭର୍ତ୍ତି ଗାତରେ ପଡି ଜେନାପୁର ଥାନା ଗୋଡିପାଟିଆ ଗ୍ରାମର କବିବର ସାହୁ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଗଛନ୍ତି। ଏଥିସହ ଏହି ସମୟ ମଧ୍ୟରେ ଅନ୍ୟ ୧୦ ଜଣ ବ୍ୟକ୍ତି ରାସ୍ତାରେ



ହୋଇଥିବା ଗଡରେ ପଡି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ରାସ୍ତାର ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଓ ସଂପ୍ରସାରଣ କାର୍ଯ୍ୟ କରୁଥିବା ଏମ ଏସ ଆଇ ଏଲ ଠିକା।ସଂସ୍ଥାର ଦାୟିତ୍ୱ ହୀନତା କାର୍ଯ୍ୟ ପାଇଁ ଏହି ଜାତୀୟ ରାଜପଥରେ କ୍ରମାଗତ ଭାବେ ଦୁର୍ଘଟଣା ଘଟିଚାଲିଛି। ଗତ ଦୁଇ ବର୍ଷ ମଧ୍ୟରେ ରାସ୍ତାର ଖାଲଖମାରେ ପଡି ୧୦୮ ଜଣଙ୍କ ମୃତ୍ୟୁ ହୋଇଥିଲଖ ବେଳେ ଶତାଧିକ ଗୁରୁତର ହୋଇଛନ୍ତି। ଏହା ପ୍ରତିବାଦରେ ସଚେତନ ନାଗରିକ ମଞ୍ଚ କ୍ରମାଗତ ଆନ୍ଦୋଳନ ଓ ରାସ୍ତାରୋକ କରି ବିଭାଗୀୟ ଅଧିକାରୀ ଓ ସରକାଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଉକ୍ତ ରାସ୍ତା ଓ କବାଟବନ୍ଧ ଠାରେ ପ୍ରସ୍ତାବିତ ଦ୍ୱିତୀୟ ବ୍ରାହ୍ମଣୀ ସେତୁର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ଦାବିରେ ଗତ ୨୦୨୪ ଡିସେମ୍ବର ୯ ତାରିଖରେ ମଞ୍ଚ ପକ୍ଷରୁ ଗଣଧାରଣା ଓ ରାସ୍ତାରୋକ କରାଯାଇଥିଲା। ସେତେବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଧର୍ମଶାଳା ବିଧାୟକ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାର ନିର୍ମାଣ କାର୍ଯ୍ୟ ତିନିମାସ ମଧ୍ୟରେ ଓ ସେତୁ କାର୍ଯ୍ୟ ବର୍ଷକ ଭିତରେ ଶେଷ କରିବାକୁ ଘୋଷଣା କରିଥିଲେ। ଯଦି ବିଭାଗୀୟ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ଭିତରେ କାର୍ଯ୍ୟ ଶେଷ ନକରନ୍ତି ତେବେ ବିଧାୟକ ନିଜେ ଧାରଣାଳରେ ବସିବେ ବୋଲି ଆନ୍ଦୋଳନକାରୀ ମାନଙ୍କୁ ପ୍ରତିଶୃତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ ଓ ଭରହାକରି ସେତେବେଳେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ତିନିମାସ ସ୍ଥାନରେ ଇତି ମଧ୍ୟରେ ବିଧାୟକଙ୍କ ପ୍ରତିଶ୍ରୁତିକୁ ୨୦ ମାସ ପୁରି ଯାଇଥିଲେ ମଧ ତାଙ୍କ ପ୍ରତିସୃତି ସେ ରଖିପାରି ନଥିବା ଆଲୋଚନା ହେଉଛି। ଅପରପକ୍ଷରେ ଏହି ୧୭ ମାହ ସମୟ ମଧ୍ୟରେ ରାସ୍ତା ଓ ସେତୂ ନିର୍ମାଣ କାର୍ଯ୍ୟରେ ବିଶେଷକିଛି ଅଗ୍ରଗତି ହୋଇନଥିଲା ବେଳେ ଏହା ମଧ୍ୟରେ ଉକ୍ତ ରାସ୍ତାରେ ୨୫୬ ଟି ଦୁର୍ଘଟଣା ଘଟି ୫୨ ଟି ଜିବନ ଯାଇସାରିଛି। ଏଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ସହ ଚଣ୍ଡିଖୋଲ-ଦୁବୁରୀ ରାସ୍ତା ଓ ଦ୍ୱିତୀୟ ବ୍ରାହ୍ମଣୀ ସେତୂର ନିର୍ମାଣ କାମ ଶେଷ ହେବା ଦିଗରେ ନିଜ ଦାୟିତ୍ୱ ଓ ପ୍ରତିଶ୍ରୁତି ରକ୍ଷା ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଧର୍ମଶାଳା ବିଧାୟକଙ୍କ ହସ୍ତକ୍ଷେପ ଲୋଡା ଯାଇଛି।

### ବଢୁଛି ଆତ୍ମହତ୍ୟା: ବ୍ରିଜ୍ ପାଲଟିଛି ହଟ୍‌ସ୍ପଟ୍

## ବ୍ରିଜ୍ ବାଡ଼ରେ ଲାଗିଲାନି ତାର ଜାଲି: ଲୋକ ଦେଖାଣିଆ ପାଟ୍ରୋଲିଂ

କଟକ,(ସବ୍ୟୁ): ମହାନଦୀ ଓ କାଠଯୋଡ଼ିରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହେଉଛି । କମିଶନରେଟ୍ ପୁଲିସ ପକ୍ଷରୁ ଉଭୟ ନଦୀ ତଟରେ ସୂଚନା ଫଳକ ଲଗାଯାଇଛି ସତ କିନ୍ତୁ ଏହାକୁ କେହି ମାନୁନଥିବା ଗତ ୨ଦିନ ହେବ ଦେଖିବାକୁ ମିଳିଛି । ଗତ ୩ ଦିନ ପୂର୍ବରୁ ନରାଜରେ ୩ଜଣ ଯୁବକ ରିଲ୍ସ କରୁ କରୁ ବୁଡ଼ିଯାଇଥିଲେ ।ଏହପେରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା ।ହେଲେ ଏସବୁ କେବଳ ପ୍ରହସନରେ ପରିଣତ ହୋଇଛି । ଆଜି ନରାଜ, ଯୋବ୍ରା ଓ ମୁଣ୍ଡୁଳି ଠାରେ ବିପଦଶଙ୍କୁଳ ଭାବେ ଲୋକମାନେ ଫଟୋ ଉଠାଇବା ସହିତ ରିଲ୍ସ କରୁଥିବା ଦେଖିବାକୁ ମିଳିଛି ।ସେହିପରି ମତ୍ସ୍ୟଜୀବୀମାନେ ମଧ୍ୟ ବିପଦପୂର୍ଣ୍ଣ ଭାବେ ମାଛ ଧରୁଛନ୍ତି ।ଯଦିଓ ଗତ ୧୫ଦିନ ଭିତରେ କେହି ଆତ୍ମହତ୍ୟା କରିନାହାନ୍ତି, ତଥାପି ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଯେଉଁ ଭଳି ଭାବେ ସଚେତନତା, ପାଟ୍ରୋଲିଂ ଓ ପୂର୍ବ ଯୋଜନାକୁ କାର୍ଯ୍ୟକରିବା କଥା, ତାହା କରୁନାହାନ୍ତି ।

ଗତବର୍ଷ ନଦୀ ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରୁ ବ୍ରିଜ୍ ବାଡରେ ୬ଫୁଟ୍ ଉଚ୍ଚତାର ତାରଜାଲି ଲଗାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ବ୍ରିଜ୍ ମଧ୍ୟରେ ସିସି କ୍ୟାମେରା ଲଗାଯିବା ସହିତ ପୁଲିସ ପାଟ୍ରୋଲିଂକୁ କଡାକଡି କରାଯିବାକୁ କୁହାଯାଇଥିଲା । କଟକ ସହରରେ ଥିବା ସମସ୍ତ ବ୍ରିଜ୍‌ରେ ଆତ୍ମହତ୍ୟା ନିରୋଧ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଉଭୟ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜଳ ସମ୍ପଦ ବିଭାଗ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଥିଲେ । ମୁଣ୍ଡଳୀ, ନରାଜ, ସୁବାଷ ସେତୁ, ମଧୁ ସେତୁ ଓ ଜାତୀୟ ରାଜପଥରେ ମହାନଦୀ ଓ କାଠଯୋଡିରେ ଥିବା ସେତୁରେ ତାରଜାଲି ଲଗାଯିବ ।ରାଜ୍ୟ ବାହାରେ ବିଭିନ୍ନ ସହରରେ ଥିବା ବ୍ରିଜ୍ ଗୁଡ଼ିକରେ ତାରଜାଲି ଲାଗିଛି ।ତେବେ କଟକର ବ୍ରିଜ୍ ଗୁଡ଼ିକରେ ଏହି ବ୍ୟବସ୍ଥା ନଥିଲା ।ଆତ୍ମହତ୍ୟା ସଂଖ୍ୟା ବଢ଼ିବାରୁ ଜଳସମ୍ପଦ ବିଭାଗ ଏବେ ତତ୍ପରତା ଦେଖାଇଥିଲା । ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟ ରିପୋର୍ଟ ଅନୁସାରେ, କଟକ ସହରରେ ୨୦୨୩ ଜୁଲାଇ ମାସରୁ ଏ ପର୍ଯ୍ୟନ୍ତ ଅର୍ଥାତ ଏହି ଏକ ବର୍ଷ ମଧ୍ୟରେ ସମୁଦାୟ ନଦୀକୁ ୩୯ ଜଣ ଡେଇଁଥିଲେ । ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଜୀବିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ୨୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଯେତେଶୀଘ୍ର ବ୍ରିଜ୍ ବାଡରେ ତାରଜାଲି ଲଗାଯାଇ ଥାଆନ୍ତା ଆତ୍ମହତ୍ୟା ସଂଖ୍ୟାକୁ ରୋକାଯାଇ ପାରିଥାଆନ୍ତା ବୋଲି ପ୍ରଶାସନ କହିଥିଲା । ହେଲେ ଏହି ଯୋଜନା କେବଳ ଘୋଷଣା ମଧ୍ୟରେ ଅଟକି ଯାଇଛି ।

### ମହାନଦୀ ଜଳ ବିବାଦ ମାମଲା

## ଆପୋଷ ସମାଧାନ ଲାଗି ଦୁଇ ରାଜ୍ୟର ସହମତି

ଭୁବନେଶ୍ୱର, (ସବ୍ୟୁ) : ମହାନଦୀ ଜଳ ବିବାଦର ଖୁବ୍‌ଶୀଘ୍ର ସମାଧାନ ହେବ । ଟ୍ରିବ୍ୟୁନାଲ ଶୁଣାଣିରେ ସମାଧାନ ପାଇଁ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ଛତିଶଗଡ଼ ମୋହର ମାରିଛି। ଆପୋସ ସମାଧାନ ପାଇଁ ଦୁଇ ରାଜ୍ୟ ସହମତି ପ୍ରକାଶ କରିଥିବା ଆଡ୍‌ଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଶନିବାର ଜଳ ବିବାଦ ମାମଲାର ଶୁଣାଣି ହୋଇଥିଲା। ଟ୍ରିବ୍ୟୁନାଲ ସମ୍ମୁଖରେ ଛତିଶଗଡ ସରକାର ସ୍ପଷ୍ଟ କରିଛନ୍ତି ଯେ ସେମାନେ ଓଡ଼ିଶା ସହ ଆପୋଷ ଆଲୋଚନା ଜରିଆରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଆଗ୍ରହୀ ଅଛନ୍ତି । ଆଲୋଚନା ଓ ସହମତି ଆଧାରରେ ଟ୍ରିବ୍ୟୁନାଲ ଛତିଶଗଡ଼ ଠାରୁ ଲିଖିତ ପ୍ରତିଶ୍ରୁତି ଲୋଡ଼ିଛନ୍ତି। ଆଗାମୀ ଶୁଣାଣି ପୂର୍ବରୁ କୋର୍ଟରେ ତାହା ଦାଖଲ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୨୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି।

## ବିଯୁଟି ମହାନ୍ତିଙ୍କ ବିୟୋଗରେ ଶୋକ

କଟକ,(ସବ୍ୟୁ): ଚାଉଳିଆଗଞ୍ଜ ଥାନାର ପୂର୍ବତନ ଅଧିକାରୀ ବିଯୁଟି ମହାନ୍ତିଙ୍କ ଅକାଳ ବିୟୋଗରେ ଚାଉଳିଆଗଞ୍ଜ ପୂଜା କମିଟି ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ମିଳିତ ଆନୁକୂଲ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଶୋକସଭାରେ ସ୍ୱର୍ଗତା ମହାନ୍ତିଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କର ଜନହିତକର କାର୍ଯ୍ୟ ଓ ପୁଲିସ ସେବାରେ ଥିବା ଅବଦାନକୁ ସ୍ମରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏସିପିଙ୍କ ସମେତ କଟକର ପ୍ରାୟ ସମସ୍ତ ଥାନାର ଅଧିକାରୀ ଏବଂ ବହୁ ସଂଖ୍ୟାରେ ପୁଲିସ କର୍ମଚାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ଥାନୀୟ ଜନସାଧାରଣ ଓ ପୂଜା କମିଟିର କର୍ମକର୍ତ୍ତାମାନେ ମଧ୍ୟ ଏଥିରେ ସାମିଲ ହୋଇ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ରଥଯାତ୍ରାରେ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପୁଲିସ ଅଧିକାରୀଙ୍କୁ ପରାମର୍ଶ ଦେଲେ ଡିଜିପି

ପୁରୀ, (ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୨୦୨୬ ପାଇଁ ଶେଷ




ପର୍ଯ୍ୟାୟରେ ପହଁଞ୍ଚିଛି ଓଡ଼ିଶା ପୋଲିସ୍ର ପ୍ରସ୍ତୁତି । ରଥଯାତ୍ରାରେ ଯୋଗଦେବା ବାହାରୁ ଆସୁଥିବା ଅନ୍ ଡ୍ୟୁଟି ପୋଲିସ ଅଫିସରଙ୍କୁ ରବିବାର ଦିନ ସ୍ଥାନୀୟ ଟାଉନହଲ ଠାରେ ଜେନେରାଲ ବ୍ରିଫିଙ୍ଗ କରିଛନ୍ତି ରାଜ୍ୟ ପୋଲିସ ଡିଜି । ଫାସିଲିଟେଟର ହୋଇ ସେବା ମନୋବୃତ୍ତି ନେଇ କାମ କରିବାକୁ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଡିଜିପି । ସେବା ମନୋଭାବ ଓ ବନ୍ଧୁତ୍ୱ ବାତାବରଣ ରେ ଦର୍ଶନାର୍ଥୀଙ୍କ ସହ ଉତ୍ତମ ବ୍ୟବହାର କରିବାକୁ ସବୁ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜି। ଏନଫୋର୍ସମେଣ୍ଟ ଜରୁରୀ କିନ୍ତୁ ପୋଲାଇଟ ୟେଟ୍ ଫାର ବୋଲି ଅଫିସର୍ ମାନଙ୍କୁ କହିଛନ୍ତି ଡିଜିପି ।ତେବେ ଚଳିତ ବର୍ଷ ୧୩ ହଜାର ପାଖାପାଖି ପୋଲିସ୍ କର୍ମୀ ରଥଯାତ୍ରାରେ ଡ୍ୟୁଟିରେ ନିୟୋଜିତ ହେବେ ବୋଲି ସୂଚନା ଦେଇଛନ୍ତି ଡିଜିପି । ସିଏପିଏଫ୍, ଆର୍ପିଏଫ୍ ,ବିଏସଏଫ ଙ୍କୁ ମିଶାଇ ୧୫ କମାଣ୍ଡ କେନ୍ଦ୍ରୀୟ ଫୋର୍ସ ଏଥର ନିୟୋଜିତ ରହିବେ। ଏନଫୋର୍ସମେଣ୍ଟ ୱିଙ୍ଗ ମଧ କାର୍ଯ୍ୟ କରିବା । ଟ୍ରାଫିକ , ସୁରକ୍ଷା, ଭିଡ ନିୟନ୍ତ୍ରଣ ଉପରେ ରହିଛି ଫୋକସ ।ସେପଟେ ମେରାଇନ୍ ପୋଲିସ ସହ ମିଶି କୋଷ୍ଟଗାର୍ଡ ଓ ଇଣ୍ଡିଆନ୍ ନାଭି ତଟ ସୁରକ୍ଷା ଦାୟିତ୍ୱରେ ରହିବେ ।ରେଳବାଇ ର ଆର୍ପିଏଫ୍ ଜିଆରପି ସହ ମଧ ସମନ୍ୱୟ ରଖି କାମ କରିବ ପୋଲିସ।

### ସ୍ୱାସ୍ଥ୍ୟ ମିତ୍ରଙ୍କ ଦାନାପାଣି ମାରୁଛନ୍ତି ସରକାର'

## ଛଟେଇକୁ ନେଇ କଂଗ୍ରେସର କଡ଼ା ସମାଲୋଚନା

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ସ୍ୱାସ୍ଥ୍ୟ ମିତ୍ରଙ୍କ ସମୂହ ଛଟେଇକୁ ନେଇ ରାଜନୈତିକ ତାପମାତ୍ରା ବଢ଼ିଛି । ପୁନଃନିଯୁକ୍ତି ଦାବିରେ ଲୋୟର ପିଏମଜିରେ ୨୦ ଦିନରୁ ଅଧିକ ସମୟ ଧରି ଧାରଣାରେ ବସିଥିବା ସ୍ୱାସ୍ଥ୍ୟ ମିତ୍ରଙ୍କ ଆନ୍ଦୋଳନକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି । ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଓ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ଦେବାଶିଷ ନାୟକ କହିଛନ୍ତି ଯେ, ସ୍ୱାସ୍ଥ୍ୟ ମିତ୍ରମାନେ କେବଳ ଜଣେ କର୍ମଚାରୀ ନୁହଁନ୍ତି, ବରଂ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ ।ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ରୋଗୀମାନେ ଯେପରି ହଇରାଣ ନହୁଅନ୍ତି ଏବଂ ଘରୋଇ ହସ୍ପିଟାଲରେ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ହେଉ, ସେଥିପାଇଁ ସ୍ୱାସ୍ଥ୍ୟ ମିତ୍ରମାନେ କାମ କରୁଥିଲେ । ଏଭଳି କର୍ମଚାରୀଙ୍କୁ ହଠାତ୍ ଚାକିରିରୁ ବିଦା କରି ସରକାର ସେମାନଙ୍କ ଦାନାପାଣି ମାରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଧାରଣାସ୍ଥଳକୁ ଯାଇ ସ୍ୱାସ୍ଥ୍ୟ ମିତ୍ରଙ୍କ ସହ ଆଲୋଚନା କରିଥିବା ଉଲ୍ଲେଖ କରି ସରକାର ତୁରନ୍ତ ଆଲୋଚନା କରି ସେମାନଙ୍କୁ




ପୁନଃନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି । କଂଗ୍ରେସ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରାୟ ୯ ୯୩ ଜଣ ସ୍ୱାସ୍ଥ୍ୟ ମିତ୍ର ୨୦୧୮ ମସିହାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରିଆସୁଥିଲେ । ଗରିବ ଲୋକଙ୍କୁ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ପହଞ୍ଚାଇବା ସହ ଘରୋଇ ହସ୍ପିଟାଲ ଗୁଡ଼ିକର ଅନିୟମିତତା ଉପରେ ନଜର ରଖିବାରେ ସେମାନଙ୍କର ବଡ଼ ଭୂମିକା ଥିଲା । କିନ୍ତୁ ଦୀର୍ଘ ୮ ବର୍ଷ ସେବା ପରେ ରାତାରାତି ସେମାନଙ୍କୁ ଚାକିରିରୁ ବିଦା କରିଦିଆଯାଇଛି । ନିର୍ବାଚନ ସମୟରେ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିବା ସରକାର ବର୍ତ୍ତମାନ ଚାକିରି ଛଡ଼ାଇ ନେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଯଦି ସ୍ୱାସ୍ଥ୍ୟ ମିତ୍ରଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ପୁନଃନିଯୁକ୍ତି ନଦିଅନ୍ତି, ତେବେ କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟ ମିତ୍ରଙ୍କୁ ସାଙ୍ଗରେ ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି ।

## ନିର୍ମାଣାଧୀନ ପାଇଖାନା ଟାଙ୍କିରେ ୨ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ବଡଗଡ ଥାନା ଅନ୍ତର୍ଗତ ବିଜେବି ନଗରରେ ଜଣେ ବ୍ୟକ୍ତିଙ୍କର କୋଠା ନିର୍ମାଣ ହେଉଥିବା ବେଳେ ସେଠାରେ ନିର୍ମିତ ପାଇଖାନା ଟାଙ୍କିରେ ଶନିବାର ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ବିଜେବି ନଗରରେ ନିର୍ମାଣାଧୀନ ଘରକୁ ଜଣେ ବଙ୍ଗୀୟ ଠିକାଦାର ଠିକା ନେଇ କାର୍ଯ୍ୟ କରୁଛନ୍ତି ।ସେଠାରେ ପଶ୍ଚିମବଙ୍ଗ ଓ ମୟୂରଭଞ୍ଜର କିଛି ଶ୍ରମିକ କାମରେ ନିୟୋଜିତ ଥିବା ବେଳେ ଶନିବାର ନିର୍ମାଣାଧୀନ ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା ପାଇଁ ଭିତରକୁ ଯାଇଥିଲେ ମୟୂରଭଞ୍ଜର ଧୂନା ଟୁଡୁ (୪୦) ଓ ପଶ୍ଚିମବଙ୍ଗ ମେଦିନାପୁରର ପ୍ରବୀର ଦାସ(୫୬) ।ଟାଙ୍କି ଭିତରେ ପାଣି ଜମି ରହିଥିଲା, ହେଲେ ସେହି ପାଣି ଭିତରକୁ ଯାଇ ସେଣ୍ଟ୍ରିଂ ଖୋଲିବା ବେଳେ ତାହା ଭୁଶୁଡି ପଡିଥିଲା ।୨ ଜଣ ଯାକ ସେଠାରୁ ବାହାରକୁ ବାହାରି ପାରିନଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଶ୍ରମିକଙ୍କୁ ଉଦ୍ଧାର କରି ଚିକିସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ ପଠାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଗ୍ନିଶମ ବାହିନୀ ଉଦ୍ଧାର କରିବା ପୂର୍ବରୁ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିଲା । ବଡଗଡ ଥାନା ପୋଲିସ ଶବ ଜବତ କରି ୨୦ ଓ ୨୧ ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଜାରି ରଖିଛି । କ୍ୟାପିଟାଲ ହସ୍ପିଟାଲ ବ୍ୟବଚ୍ଛେଦ ପାଖକୁ ଆସିଥିବା ଧୂନା ଟୁଡୁ ସ୍ତ୍ରୀଙ୍କ କହିବାନୁଯାୟୀ ତାଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହେବାରୁ ମୃତ୍ୟୁ ହୋଇଗଲା । ପାଖରେ ଥିବା ଅନ୍ୟ ଶ୍ରମିକମାନେ ମଧ୍ୟ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କଲେ ନାହିଁ । ଖବର ପାଇଁ ଅଗ୍ନିଶମ ବାହିନୀ ପହଞ୍ଚିବା ବିଳମ୍ବ ମଧ ହେଲା, ଯାହା ଫଳରେ ଶ୍ୱାସରୁଦ୍ଧ ହୋଇ ମୋ ସ୍ୱାମୀ ଓ ପ୍ରବୀର ଦାସଙ୍କ ମୃତ୍ୟୁ ହୋଇଗଲା ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକକୁ ହତ୍ୟା, ଅଭିଯୁକ୍ତ ଗିରଫ

ଜଟଣୀ, (ସବ୍ୟୁ): ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଗ୍ରାମଠାରେ ପୂର୍ବ ଶତ୍ରୁତା ଓ ଅପମାନକୁ କେନ୍ଦ୍ରକରି ମାର୍କଣ୍ଡ ବଳିଆରସିଂହ ଓରଫ ଜଗା (୪୦ ବର୍ଷ) ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ରାତିରେ ଛୁରୀ ସାହାଯ୍ୟରେ ହତ୍ୟା କରାଯାଇଛି। ପୁଲିସ ସୂଚନା ମୁତାବକ ମୃତ ମାର୍କଣ୍ଡ ବଳିଆରସିଂହ ଓରଫ ଜଗା ଏବଂ ଅଭିଯୁକ୍ତ ମହେଶ୍ୱର ହରିଚନ୍ଦନ ପରସ୍ପରର ପଡ଼ୋଶୀ ଅଟନ୍ତି । ଅଭିଯୁକ୍ତ ପ୍ରାୟ ଦୁଇ ମାସ ପୂର୍ବରୁ ଏକ ନୂଆ ଅଟୋ-ରିକ୍ସା କିଣିଥିଲେ । ଜଗା ପ୍ରାୟତଃ ମଦ୍ୟପାନ କରି ମହେଶ୍ୱରଙ୍କୁ ଗାଳିଗୁଲଜ କରୁଥିଲେ ଏବଂ ମଦ ପିଇବା ପାଇଁ ପଇସା ମାଗୁଥିଲେ । ଗ୍ରାମ ରାସ୍ତାରେ ଯିବାଆସିବା ସମୟରେ ମଧ୍ୟ ସେ ତାଙ୍କୁ ଅଟକାଇ ମଦ ଦାବି କରୁଥିଲେ, ଯାହାକୁ ନେଇ ଅଭିଯୁକ୍ତଙ୍କ ମନରେ କ୍ରୋଧ ଓ ଅସନ୍ତୋଷ ରହିଥିଲା । ଏହିପରି ଭାବେ ୧୦ ତାରିଖ ଅପରାହ୍ନ ପ୍ରାୟ ୦୪:୩୦ ରୁ ୦୫:୦୦ ମଧ୍ୟରେ ଅଭିଯୁକ୍ତ ଜଟଣୀ ସ୍ଥିତ 'ଦୁଖିଆ ବାର୍'କୁ ମଦ କିଣିବାକୁ ଯାଇଥିଲେ । ସେଠାରେ ଜଗା ଓ ତାଙ୍କ ଗ୍ରାମର ଟୁକୁ ନାମକ ଜଣେ ବ୍ୟକ୍ତି ମଦ ପିଉଥିଲେ । ମହେଶ୍ୱରଙ୍କୁ ଦେଖି ଜଗା ତାଙ୍କୁ ଡାକିଥିଲେ ଏବଂ ନୂଆ ଅଟୋ କିଣିବା ଖୁସିରେ ମଦ ପିଆଇବାକୁ କହିଥିଲେ



। ହେଲେ ତାଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ସେ ମନା କରିବାରୁ, ଜଗା ସମସ୍ତଙ୍କ ସାମ୍ନାରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ । ଏହାଦ୍ୱାରା ମହେଶ୍ୱର ନିଜକୁ ଅପମାନିତ ମନେ କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ । ଏବଂ ସେହିଦିନ ରାତି ପ୍ରାୟ ୧୦:୦୦ ସମୟରେ, ମଦ୍ୟପ ଅବସ୍ଥାରେ ଜଗା ମହେଶ୍ୱରଙ୍କ ଘର ନିକଟରେ ଥିବା ଏକ ଗଛ ମୂଳେ ଆସି ବସିଥିଲେ ଏବଂ ପୁଣି ଜୋରଜବରଦସ୍ତ ମଦ ଦାବି କରିଥିଲେ । ବାଧ୍ୟହୋଇ ମହେଶ୍ୱର ସଲିମ୍ ନାମକ ଜଣେ ବ୍ୟକ୍ତିଙ୍କ ହାତରେ ଏକ ବୋତଲ ମଦ ମଗାଇ ଜଗାଙ୍କୁ ଦେଇଥିଲେ । ସେତିକି ମଦ ଶେଷ କରିବା ପରେ ଜଗା ଆହୁରି ମଦ ମାଗିବାରୁ ସେ ନିଜ ଘରକୁ ଚାଲିଯାଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଜଗା ତାଙ୍କ ଘର ସାମ୍ନାରେ ପାଟିତୁଣ୍ଡ କରି ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ।ଯାହାକୁ ନେଇ ରାତି ପ୍ରାୟ ୧୦:୩୦ ମିନିଟରେ ଅତ୍ୟଧିକ କ୍ରୋଧ ଜର୍ଜରିତ ହୋଇ ଅଭିଯୁକ୍ତ ନିଜ ଘରୁ ପରିବା କଟା ଛୁରୀ ଆଣି ଜଗାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ପେଟ ଓ ଛାତିରେ ୩ ରୁ ୪ ଥର ଶକ୍ତ ଆଘାତ କରିଥିଲେ । ଛୁରାମାଡ଼ ଯୋଗୁଁ ଜଗା ନିଜ ମୋଟରସାଇକେଲ ସହ ସେଠାରେ ରାସ୍ତା ଉପରେ ପଡ଼ିଯାଇଥିଲେ । ତାପରେ ହତ୍ୟାରେ ବ୍ୟବହୃତ ଛୁରୀକୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ନିକଟସ୍ଥ ଏକ ପଥର ତଳେ ଲୁଚାଇ ଦେଇ ଘରକୁ ଫେରିଆସିଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ପି.ସି.ଆର୍ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଗାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ , ଯେଉଁଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ବାରମ୍ବାର ନିର୍ଯ୍ୟାତନା, ସର୍ବସାଧାରଣରେ ଅପମାନ ଏବଂ ମଦ ପାଇଁ ବେଆଇନ ଅର୍ଥ ଦାବି ଅସହ୍ୟ ହେବାରୁ ଅଭିଯୁକ୍ତ ଏହି ସାଂଘାତିକ କାଣ୍ଡ ଭିଆଇଥିବା ସ୍ୱୀକାର କରିଛନ୍ତି । ଏ ନେଇ ଜଟଣୀ ଥାନା କେସ୍ ନଂ. ୩୮୭/୨୦୨୬ ରୁଜୁ କରାଯାଇ ହତ୍ୟା ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି ।

## ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ରୋଟାରୀ କ୍ଲବ ଦ୍ୱାରା ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବରିଷ୍ଠ ନାଗରିକ ମଂଚ ସଭାଗୃହରେ ଆୟୋଜିତ ହୋଇଯାଇଛି। ଅପଥଲୋଜିଷ୍ଟ ଦେବବ୍ରତ ଶ୍ରୀଚନ୍ଦନ ୩୪ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ରୋଟାରୀ କ୍ଲବ ତରଫରୁ ଚଷମା ପ୍ରଦାନ କରାଯାଇଥିଲା। ଉଭୟ ଅନୁଷ୍ଠାନର ଉପଦେଷ୍ଟା ଦେବ ପ୍ରସାଦ ମଜୁମଦାର ଶିବିରକୁ ଉଦଘାଟନ କରିଥିଲେ। ରୋଟାରୀ କ୍ଲବ ଭୁବନେଶ୍ୱରସ୍ଥିତ ହସ୍ପିଟାଲରେ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜନ କରୁଛି ଏବଂ ଆଗ୍ରହୀ ବ୍ୟକ୍ତି ଏଥି ପାଇଁ ଖୋର୍ଦ୍ଧା ରୋଟାରୀ କ୍ଲବ ସହିତ ଯୋଗାଯୋଗ କରନ୍ତୁ ବୋଲି ଶ୍ରୀ ମଜୁମଦାର କହିଥିଲେ। ଚକ୍ଷୁ ଦାନ ପାଇଁ ଖୋର୍ଦ୍ଧା ରୋଟାରୀ କ୍ଲବ ଓ ବରିଷ୍ଠ ନାଗରିକ ମଂଚ ର ମିଳିତ ଉଦ୍ୟମରେ ଆସନ୍ତା ମାସରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ।

## କ୍ରାଇମବ୍ରାଞ୍ଚ ଓ ପୁରୀ ପୋଲିସ ପକ୍ଷରୁ ସାଇବର ରଥର ଶୁଭାରମ୍ଭ

ପୁରୀ, (ସବ୍ୟୁ): ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଞ୍ଚ ଓ ସାଇବର୍ ପୋଲିସ ପକ୍ଷରୁ ସମସ୍ତଙ୍କୁ ସଚେତନ କରିବା ପାଇଁ ଶନିବାର ସନ୍ଧ୍ୟାରେ ପୁରୀ ଟାଉନ ଥାନା ସମ୍ମୁଖରୁ ଆରମ୍ଭ ହୋଇଛି ସାଇବର ସାଥୀ ରଥ । ଏହି ସାଇବର ସୁରକ୍ଷା ସଚେତନତା ଅଭିଯାନକୁ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଓ ପୁରୀ ଏସପି ପ୍ରତୀକ ସିଂହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ସୋସିଆଲ ମିଡିଆ ଓ ଗୁଗଲ ତଥା ବିଭିନ୍ନ ଫେକ୍ ଆପ୍ କରି ସାଇବର୍ ଅପରାଧୀ ମାନେ ରଥଯାତ୍ରାରେ ସାମିଲ ହୋଇ ହୋଟେଲ ବୁକ୍ କରୁଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି ।ଏଭଳି ଠକାମିର ଶିକାର ହେଲେ ତୁରନ୍ତ ୧୯୩୦ କୁ କଲ୍ କରିବା ପାଇଁ ଅପିଲ କରିଛନ୍ତି କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ। ସେହିପରି ପୁରୀ ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନକୁ ସଚେତନ କରାଯାଇଛି ।ସେହିପରି ଠକାମିର ଶିକାର ହେଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ତୁରନ୍ତ ରୁମ୍ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଉଛି ।ଅତ୍ୟଧିକ ଗହଳିର ସୁଯୋଗ ନେଇ ଚେନ ଲୁଟ୍ କରୁଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଆଣ୍ଟି ସ୍ନାଚିଙ୍ଗ ଟିମ ଓ ଫେସ ରେକୋନାଇଜେସନ ସିଷ୍ଟମର ବ୍ୟବସ୍ଥା କରାଯାଉଛି। ନକଲି ହୋଟେଲ ବୁକିଂ ୱେବସାଇଟ୍ ଓ ସୋସିଆଲ ମିଡିଆ ପେଜ୍ ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ୍ କରୁଥିବା ୨୧୨ ଟି ନକଲି ହୋଟେଲ ୱେବସାଇଟ୍ ଏବଂ ୨୬ଟି ନକଲି ୱେବପେଜ୍ ଚିହ୍ନଟ କରି ବନ୍ଦ କରାଯାଇଛି। କେବଳ ଜୁନ୍ ମାସରେ ୫୦ଟି ନକଲି ୱେବସାଇଟ୍ ଓ ୨୬ଟି ୱେବପେଜ୍ ବ୍ଲକ୍ କରାଯାଇଛି। ଶ୍ରଦ୍ଧାଳୁଙ୍କୁ କେବଳ ଅଧିକୃତ ୱେବସାଇଟ୍ ମାଧ୍ୟମରେ ହୋଟେଲ ବୁକିଂ କରିବା ଏବଂ କୌଣସି ସନ୍ଦେହଜନକ ଲିଙ୍କ୍ କିମ୍ବା ଅଫରରେ ବିଶ୍ୱାସ ନ କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରଥ ସହରର ବିଭିନ୍ନ ସ୍ଥାନ ବୁଲି ଶ୍ରଦ୍ଧାଳୁ, ପର୍ଯ୍ୟଟକ, ହୋଟେଲ ମାଲିକ ଓ ସ୍ଥାନୀୟ ଲୋକଙ୍କୁ ସାଇବର ଠକେଇ ସମ୍ପର୍କରେ ସଚେତନ କରିବ ।ସେହିପରି ରଥଯାତ୍ରାରେ ପୂଜାପାଠକୁ ଆଳ କରି ଫେସବୁକରେ ମାଳ ମାଳ ବିଜ୍ଞାପନ ଘଟଣା । ତୁଳସୀ ଚଢ଼ା,ସୁଦର୍ଶନ ହୋମ୍,ଭକ୍ତଙ୍କୁ ଖାଦ୍ୟ ନାଁରେ ଦାନ ମାଗିବା ଅଭିଯୋଗରେ ୪ ଟି ୱେବ୍ ସାଇଟ୍ ଡାଉନ୍ କରିଛି ସାଇବର ସେଲ୍ ଓ କ୍ରାଇମବ୍ରାଞ୍ଚ ।ଏ ନେଇ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ।

### ଓଡ଼ିଶାରେ ସ୍ୱଚ୍ଛ-କାର୍ବନ ନିର୍ମାଣ ପାଇଁ

# 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ପ୍ରତିଷ୍ଠା ନିମନ୍ତେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ-ସହନଶୀଳ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଶନିବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ 'ସେଣ୍ଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍ସଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଣ୍ଟ' (ସ୍ୱଚ୍ଛ କାର୍ବନ ନିର୍ମାଣ ସାମଗ୍ରୀ ଏବଂ ସ୍ଥାୟୀ ବିକାଶ କେନ୍ଦ୍ର) ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶାକୁ ସ୍ୱଚ୍ଛ, ସବୁଜ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରରେ ପରିଣତ କରିବାର ସଂକଳ୍ପକୁ ସାକାର କରିବା ପାଇଁ ଗବେଷଣା, ନବୋନ୍ମେଷ, ଦକ୍ଷତା ବିକାଶ ଏବଂ ସ୍ଥାୟୀ ନିର୍ମାଣ ଶୈଳୀର ପ୍ରସାର କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ ଏକାଡେମୀ , ଆଇଆଇଟି ଭୁବନେଶ୍ୱର ଏବଂ ଡେଭେଲପମେଣ୍ଟ ଅଲଟରନେଟିଭ୍ସ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର



ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଏବଂ ଡେଭେଲପମେଣ୍ଟ ଅଲଟରନେଟିଭ୍ସର ସି ଇ ଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ ।

ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶା ୨୦୩୬ ସୁଦ୍ଧା ଏକ 'ବିକଶିତ ଓଡ଼ିଶା' ଗଠନ କରିବା ଦିଗରେ ଦୃଢ଼ତାର ସହ ଆଗେଇ ଚାଲିଛି, ଯାହା ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଜାତୀୟ ସଂକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ସେ ଗୁରୁତ୍ୱ ଦେଇ କହିଛନ୍ତି ଯେ ସହରୀ ବିକାଶ କେବଳ ଭୌତିକ ଭିତ୍ତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତ୍ତିଭୂମି ଏବଂ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ । ଏହି 'ସେଣ୍ଟର ଅଫ୍ ଏକ୍ସଲେନ୍ସ'କୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ପାଇଁ ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ସାଜିବ । ଏହାର ପ୍ରଥମ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସ ଦ୍ରୁତ ଗତିରେ ସହରୀକରଣ ହେଉଥିବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ ଏବଂ ପିପିଲି କ୍ଲଷ୍ଟର ପାଇଁ 'ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା' ପରିଚାଳନା ନିମନ୍ତେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିବ । ଏହି ପ୍ରକଳ୍ପ ଅନ୍ତର୍ଗତ ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା ସୃଷ୍ଟିର ବୈଜ୍ଞାନିକ ମୂଲ୍ୟାଙ୍କନ, ଏକ ସମନ୍ୱିତ ବର୍ଜ୍ୟବସ୍ତୁ ପରିଚାଳନା କୌଶଳ ପ୍ରସ୍ତୁତି, ଅଭିନବ ପ୍ରଯୁକ୍ତିବିଦ୍ୟାର ପ୍ରସାର, ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି ଏବଂ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ପଦକ୍ଷେପ ଅଧୀନରେ ପ୍ରସ୍ତୁତ କରାଯାଉଥିବା ରୂପରେଖ ଓଡ଼ିଶାର ଅନ୍ୟାନ୍ୟ ସହରୀ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ କରିବା ପାଇଁ ଏକ ଅନୁକରଣୀୟ ମଡେଲ ଭାବେ କାର୍ଯ୍ୟ କରିବ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆଗାମୀ ସହରୀ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଦୃଢ଼ ଆନୁଷ୍ଠାନିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ସହନଶୀଳ, ସମ୍ବଳ-ଦକ୍ଷ ଏବଂ ପରିବେଶ ଅନୁକୂଳ ସହର ଗଠନ ପାଇଁ ସହରୀ ବିକାଶ ଗଠନ ପ୍ରକ୍ରିୟାରେ ସ୍ଥାୟୀ ନିର୍ମାଣ ଶୈଳୀ, ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରମାଣ-ଆଧାରିତ ଯୋଜନାକୁ ସାମିଲ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ଆଜି ଦଳବଳ ଧରି ବିଜେପିରେ ମିଶିବେ ପ୍ରଭାତ

କଟକ, (ସ୍ୱପ୍ର): ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାଶୀନ ଥିବା ବିଜୁ ଜନତା ଦଳର ସ୍ଥିତି କଟକ ଜିଲ୍ଲାରେ ଦୁର୍ବଳ ହେବାରେ ଲାଗିଛି । ଦଳର ସଙ୍ଗଠନ ଧିରେଧିରେ ତାସଘର ପରି ଭାଙ୍ଗି ପଡୁଥିବା ଲକ୍ଷ୍ୟ କରାଯାଉଛି । ଦୀର୍ଘ ଦୁଇ ଦଶନ୍ଧି ଧରି କଟକ ଜିଲ୍ଲାରେ ବିଜେଡି ସ୍ଥିତି ଭଲ ଥିବାବେଳେ ଗତ ସାଧାରଣ ନିର୍ବାଚନରେ ଏହା ଦୁର୍ବଳ ହୋଇଛି । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ବିଜେପି ତାର କଳେବର ବୃଦ୍ଧି କରିବାକୁ ବିଭିନ୍ନ କୌଶଳ ରଚନା କରୁଛି ।

ଏହି କ୍ରମରେ ଗତ ରାଜ୍ୟସଭା ନିର୍ବାଚନରେ କଟକ ଲୋକସଭା କ୍ଷେତ୍ରର ୩ ବିଧାୟକ ଦଳୀୟ ହ୍ୱିପ୍‌କୁ ଅମାନ୍ୟ କରି ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇ ଦଳରୁ ସସ୍‌ପେଣ୍ଡ ହୋଇଛନ୍ତି । ହେଲେ କଟକ ଲୋକସଭା କ୍ଷେତ୍ରର ଏହି ତିନି ନିର୍ବାଚନ ମଣ୍ଡଳୀ ଠାରୁ ବେଶୀ ଚର୍ଚ୍ଚାରେ ରହିଛି ଚୌଦ୍ୱାର କଟକ । ଏଠାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପିତା ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ କଟକ ସଦର ଆସନରୁ ସ୍ୱାଧୀନଭାବେ ବିଧାୟକ ହୋଇ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ସେ ସ୍ୱାଧୀନଭାବେ ଥରେ ଓ ବିଜେଡି ଟିକେଟରେ ଦୁଇ ଥର ବିଧାୟକ ହୋଇଥିବାବେଳେ ତାଙ୍କ ପୁତ୍ର ସୌଭିକ୍ ମଧ୍ୟ ଦୁଇ ଥର ବିଧାୟକ ହୋଇଛନ୍ତି । ଖାଲି ଏତିକି ନୁହେଁ ପ୍ରଭାତଙ୍କ ପତ୍ନୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳ ମଧ୍ୟ କଟକ ଜିଲ୍ଲାପରିଷଦ ଅଧ୍ୟକ୍ଷା ହୋଇଥିଲେ । ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ନିଜର



ଲୋକପ୍ରିୟତା ବଜାୟ ରଖିବାରେ ସେ ସଫଳ ହୋଇଛନ୍ତି । ଏବେ ସେ ବିଜେପି ମୁହାଁ ହୋଇଛନ୍ତି । ସେ ଆସନ୍ତାକାଲି ରବିବାର ନିଜର ଦଳବଳ ନେଇ ବିଧିବଦ୍ଧଭାବେ ବିଜେପିରେ ଯୋଗ ଦେବେ । ଏହି ଯୋଗଦାନରେ ତାଙ୍କ ସମର୍ଥନରେ ଥିବା କର୍ପୋରେଟର, ସରପଞ୍ଚ, ସମିତିସଭ୍ୟ ଓ ଛାମୁଆକର୍ମୀଙ୍କ ସହିତ ବିଜେପିରେ ମିଶିବେ ବୋଲି ଜଣାପଡିଛି । ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏକ ଶୋଭାଯାତ୍ରାରେ ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଳୟ ଅଭିମୁଖେ ଯାଇ ମିଶ୍ରଣ ପର୍ବରେ ସାମିଲ ହେବେ । ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଦିଲ୍ଲୀପ ରାୟ, ବହୁ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳୀୟ ପଦାଧିକାରୀମାନେ ଯୋଗ ଦେବେ । ପ୍ରଭାତଙ୍କ ବିଜେପିରେ ମିଶ୍ରଣ ପରେ ତାଙ୍କର ଲୋକପ୍ରିୟତା ଓ ସାଙ୍ଗଠନିକ କୌଶଳ ବିଜେପିକୁ ପୁରା କଟକରେ ଯେ ଶକ୍ତିଶାଳୀ କରିବ ଏଥିରେ ଦ୍ୱିମତ ନାହିଁ । ନିକଟରେ ବିଜେପିରୁ ରାଜ୍ୟସଭା ଯାଇଥିବା ପୂର୍ବତନ ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ବିଶ୍ୱାଳଙ୍କ ଯୋଡି କଟକରେ ବିଜେପିକୁ ରାଜନୈତିକ ଶିଖର ଛୁଆଁଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପୋଷଣ କରୁଛନ୍ତି । ଲୋକପ୍ରିୟତା ଓ ସାଙ୍ଗଠନିକ କୌଶଳ ବିଜେପିକୁ ପୁରା କଟକରେ ଯେ, ଶକ୍ତିଶାଳୀ କରିବ ଏଥିରେ ଦ୍ୱିମତ ନାହିଁ । ନିକଟରେ ବିଜେଡି ଛାଡି ବିଜେପିରୁ ରାଜ୍ୟସଭା ଯାଇଥିବା ବାରବାଟୀ କଟକର ପୂର୍ବତନ ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ବିଶ୍ୱାଳଙ୍କ ଯୋଡି କଟକରେ ବିଜେପିକୁ ରାଜନୈତିକ ଶିଖର ଛୁଆଁଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପୋଷଣ କରୁଛନ୍ତି ।

# କ୍ରାଇମ୍ ବ୍ରାଞ୍ଚ ସ୍ପେସିଆଲ ଟାକ୍ଟିକାଲ୍ ଫୋର୍ସ ପଞ୍ଝାରେ ଗଞ୍ଜେଇ ଚାଲାଣ କିଙ୍ଗପିନ୍

ପୁରୀ, (ସବ୍ୟୁ): କ୍ରାଇମ୍ ବ୍ରାଞ୍ଚ ସ୍ପେସିଆଲ ଟାକ୍ଟିକାଲ୍ ଫୋର୍ସ ପଞ୍ଝାରେ ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ କିଙ୍ଗପିନ୍ ଧରା ପଡିଛି । ପଶ୍ଚିମ ବଙ୍ଗ ପୋଲିସ୍ ସହାୟତାରେ ପଶ୍ଚିମବଙ୍ଗର ପୂର୍ବ ମେଦିନିପୁରରୁ ଆନ୍ତଃ ରାଜ୍ୟ କିଙ୍ଗପିନ୍‌କୁ ଗିରଫ କରାଯାଇଛି । ଏହି ସୂଚନା ଦେଇଛନ୍ତି ରାଜ୍ୟ କ୍ରାଇମବ୍ରାଞ୍ଚ ଏସଟିଏଫ୍ ଡିଆଇଜି କନୱର ବିଶାଲ ସିଂ । କନ୍ଧମାଳ ବୌଦ୍ଧ ସୋନପୁର ଆଦି ଅଞ୍ଚଳରେ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲା ଏହି କିଙ୍ଗପିନ୍ । ତେବେ ଗଞ୍ଜେଇ ମାଫିଆଙ୍କ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଆପଣା ଯାଉଛି କହିଛନ୍ତି ଏସଟିଏଫ୍ ଡିଆଇଜି କନୱର ବିଶାଲ ସିଂହ । ରାଜ୍ୟରେ ଡାଟା ଡ୍ରିଭେନ୍ ଆପ୍ରୋଚ ମାଧ୍ୟମରେ ମାଫିଆଙ୍କ ବିରୋଧରେ ଚାଲିଛି ଖୋଳତାଡ । ଆନ୍ତଃ ରାଜ୍ୟ ମାଫିଆ କିଙ୍ଗପିନ୍ଙ୍କ ଉପରେ ରହିଛି କଡ଼ା ନଜର । ବ୍ୟାଙ୍କୱାର୍ଡ ଲିଙ୍କେଜ୍ ରେ ଥିବା ମାଫିଆ ଙ୍କ ଉପରେ ନଜର ରଖାଯାଇଛି । ଇଣ୍ଟେଲିଜେନ୍ସ ବେସଡ ତଥ୍ୟ ଯୋଗାଡ କରି ମାଫିଆଙ୍କ ଉପରେ ଚାଲିଛି ଖୋଳତାଡ । ଛତିଶଗଡ,ଆନ୍ଧ୍ର,ତେଲେଙ୍ଗାନା, ପଶ୍ଚିମବଙ୍ଗ ପୋଲିସ ସହ ସମ୍ପର୍କରେ ରହି ଅପରେସନ ଜାରି ରଖିଛି ଏସଟିଏଫ୍ । ଏକ ସମ୍ପୂର୍ଣ୍ଣ ଡାଟା ବେସ୍ ପ୍ରସ୍ତୁତ କରି ନିୟମିତ ମାଫିଆ କିଙ୍ଗପିନଙ୍କ ଗତିବିଧି ଉପରେ ରଖାଯାଇଛି ନଜର ।

### ଘରୋଇ ନର୍ସିଂ କଲେଜ ରେ ଅଘଟଣ

## ବିଷାକ୍ତ ଖାଦ୍ୟ ଖାଇ ୧୧ ଛାତ୍ରୀ ଗୁରୁତର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ବରୁଣେଇ ପାଦଦେଶରେ ଥିବା କେଏମ୍‌ବିବି ନର୍ସିଙ୍ଗ କଲେଜରେ ଘଟିଛି ଅଘଟଣ । ବିଷାକ୍ତ ଖାଦ୍ୟ ଖାଇ ୧୧ଜଣ ଛାତ୍ରୀ ଅସୁସ୍ଥ ହୋଇଛନ୍ତି । ସେମାନଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରାଯାଇଛି । ତନ୍ମଧ୍ୟରେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଆହତ ଛାତ୍ରୀମାନେ ହେଲେ ମଧୁସ୍ମିତା ବେହେରା (୧୯), ଗାୟତ୍ରୀ ଛୁଆଳସିଂହ (୧୮), ରାଜଶ୍ରୀ ଜେନା (୧୭), ଯଶ୍ମିନ ନାୟକ (୧୭), ଗୀତିକ୍ରିଷ୍ଣା ମହାନ୍ତି (୧୮), ପ୍ରାଚୀ ପୃଷ୍ଟି (୧୮), ଶୁଭଦ୍ରା (୧୭), ଲୋପାମୁଦ୍ରା ପଣ୍ଡା (୧୯), ଶୁଭଲକ୍ଷ୍ମୀ ସାମନ୍ତରାୟ (୧୯) ପ୍ରମୁଖ ୧୧ଜଣ ରହିଛନ୍ତି । ଗତ ସପ୍ତାହ ହେଲା ଖାଦ୍ୟରେ ପୋକ ବାରୁଥିବାନେଇ ଅଭିଯୋଗ ସତ୍ତ୍ୱେ ମଧ୍ୟ ହଷ୍ଟେଲ ୱାର୍ଡେନର ଏବଂ କ୍ୟାଟିନ୍ ମାଲିକ ଗୁରୁତ୍ୱ ଦେଇନଥିଲେ । ଶୁକ୍ରବାର ରାତିରେ ମଧ୍ୟ ସମାନ ଅଭିଯୋଗ ହୋଇଥିଲା । କିଛି ଛାତ୍ରୀ ଅସନ୍ତୋଷ ପ୍ରକାଶ କରି ଖାଦ୍ୟ ଖାଇନଥିଲେ । ଆଜି ଦ୍ୱିପ୍ରହରରେ ଖାଦ୍ୟ ଖାଇବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ । କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ଜଣଙ୍କର ପେଟ ଓ ଛାତିରେ ଯନ୍ତ୍ରଣା ଅନୁଭବ ସହ ନିଶ୍ୱାସ ନେବାରେ କଷ୍ଟ ହେଉଥିବା ଗଣମାଧ୍ୟମ ଅଗରେ କହିଛନ୍ତି । ବର୍ତ୍ତମାନ ଚିକିତ୍ସାଧିନ ସମସ୍ତ ଛାତ୍ରୀମାନଙ୍କ ଅବସ୍ଥା ସ୍ଥିର ଥିବାବେଳେ ଅସୁସ୍ଥତା ପଛରେ ଖାଦ୍ୟ ବିଷାକ୍ତ ହେବାର ଅଭିଯୋଗ କରିଛନ୍ତି ଅଭିଭାବକ । ତେବେ ଖାଦ୍ୟ ବିଷାକ୍ତ ଘଟଣାକୁ କ୍ୟାଂଟିନ୍ ମାଲିକ ପ୍ରକାଶ ସାମନ୍ତରାୟ ଅସ୍ୱୀକାର କରିଥିବା ବେଳେ ଏହା ଏସିଡିଟି କାରଣରୁ ହୋଇଥିବା ନେଇ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ।

### ଲାଞ୍ଜିଗଡ଼ ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲରେ

# ଡିଜିଟାଲ ଶିକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲରେ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବର ଉଦଘାଟନ ସହିତ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଡିଜିଟାଲ ଶିକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିଛି । ୮୦ ଟି ନୂତନ ଡେସ୍କଟପ୍ କମ୍ପ୍ୟୁଟର ସହିତ ସଜ୍ଜିତ, ଉନ୍ନତ ଲ୍ୟାବ ୧୪୦୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୬୦ଜଣ ଶିକ୍ଷକଙ୍କୁ ଉପକୃତ କରିବ । ଏହା ଡିଜିଟାଲ ଶିକ୍ଷଣ ବ୍ୟବସ୍ଥାକୁ ଆଗକୁ ନେବା ସହିତ ଏକ କ୍ରମବର୍ଦ୍ଧିଷ୍ଣୁ ନବସୃଜନ ପରିଚାଳିତ ବିଶ୍ୱରେ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଦକ୍ଷତା ସହିତ ଛାତ୍ରଛାତ୍ରୀଙ୍କୁ ସହାୟତା କରିବ ।



ଯେହେତୁ ଡିଜିଟାଲ୍ ସାକ୍ଷରତା ଏକାଡେମିକ୍ ସଫଳତା ଏବଂ ଭବିଷ୍ୟତର ନିଯୁକ୍ତି ପାଇଁ ଅଧିକ ଆବଶ୍ୟକ ହେଉଛି, ଶିକ୍ଷା କ୍ଷେତ୍ରରେ ଏଭଳି ଆଧୁନିକ ଶିକ୍ଷା ଭିତ୍ତିଭୂମିର ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ବିଦ୍ୟାଳୟର ଡିଜିଟାଲ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମ୍ ୮୦ଟି ଲେନୋଭୋ ଆଇଡିଆ ସେଣ୍ଟର୍ ଏ.ଆଇ.ଓ. ୩ ଅଲ୍-ଇନ୍-ୱାନ୍ ଡେସ୍କଟପ୍ ସହିତ କମ୍ପ୍ୟୁଟର ଲ୍ୟାବକୁ ଉନ୍ନତ କରିଛି । ଏହି ସୁବିଧା କମ୍ପ୍ୟୁଟର ଶିକ୍ଷା, କୋଡିଂ, ଡିଜିଟାଲ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ଶିକ୍ଷାକୁ ସମର୍ଥନ କରିବ, ଯେତେବେଳେ କି ଛାତ୍ରଛାତ୍ରୀଙ୍କୁ ଆଧୁନିକ ଉପକରଣ ଏବଂ ପ୍ଲାଟଫର୍ମ ସହିତ ଅଭିଜ୍ଞତା ପ୍ରଦାନ କରିବ ।

ଏହି ଅବସରରେ ଭିଏଏମଏଲ, ଲାଞ୍ଜିଗଡ଼ର ଆଲୁମିନା ବ୍ୟବସାୟ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଭବିଷ୍ୟତ ପାଇଁ ଯୁବ ମସ୍ତିଷ୍କକୁ ପ୍ରସ୍ତୁତ କରିବା ସହିତ ଗୁଣାତ୍ମକ ଶିକ୍ଷା ଏବଂ ଡିଜିଟାଲ ସମ୍ବଳର ଉପଲବ୍ଧତା ଜରୁରୀ । ଉନ୍ନତ କମ୍ପ୍ୟୁଟର ଲ୍ୟାବ ବିଶ୍ୱସ୍ତରୀୟ ଡିଜିଟାଲ ଭିତ୍ତିଭୂମି, ଅର୍ଥପୂର୍ଣ୍ଣ ଶିକ୍ଷଣ ସୁଯୋଗ ଏବଂ ଉନ୍ନତ ବୈଷୟିକ ଦକ୍ଷତା ହାସଲ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

ଲାଞ୍ଜିଗଡ଼ର ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରଧାନଶିକ୍ଷକ ସର୍ବେଶ୍ୱର ଭୁଜବଳ କହିଛନ୍ତି, "ଏହି ପଦକ୍ଷେପ ଏବଂ ଆମ ଅଞ୍ଚଳରେ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତା ଲାଗି ଆମେ ବେଦାନ୍ତ ଆଲୁମିନିୟମ ପ୍ରତି କୃତଜ୍ଞ । ଡିଜିଟାଲ୍ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଯୁଗରେ, ଆମର ଛାତ୍ରମାନଙ୍କ ପାଇଁ ଆଧୁନିକ ଉପକରଣ ଏବଂ ଶିକ୍ଷଣ ପ୍ଲାଟଫର୍ମ ଶୀଘ୍ର ସଫଳତା ହାସଲ କରିବା ନିହାତି ଆବଶ୍ୟକ । ଉନ୍ନତ କମ୍ପ୍ୟୁଟର ଲ୍ୟାବ ଡିଜିଟାଲ ଶିକ୍ଷଣ ସୁଯୋଗକୁ ବୃଦ୍ଧି କରିବ ଏବଂ ଛାତ୍ରମାନଙ୍କୁ ଆତ୍ମବିଶ୍ୱାସର ସହ ଅନଲାଇନ୍ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନା କରିବାରେ ସକ୍ଷମ କରିବ ।

### ରାଜନୈତିକ କାର୍ଯ୍ୟକ୍ରମରେ ସ୍କୁଲ ପିଲା ସାମିଲ ଘଟଣା

# ବିଜେଡି ସଭାପତିଙ୍କ ସମେତ ତିନି ନେତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର/ଝାରସୁଗୁଡ଼ା, (ସବ୍ୟୁ): ଝାରସୁଗୁଡ଼ାରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ସ୍କୁଲୟୁନିଫର୍ମ ପିନ୍ଧିଥିବା କୋମଳମତି ଶିଶୁମାନଙ୍କୁ ଜଳନ୍ତା ନିଆଁ ଏବଂ ପ୍ରବଳ ଧୂଆଁ ଠିଆ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସ୍ୱତଃପ୍ରବୃତ୍ତ ମାମଲା ରୁଜୁ କରିଛନ୍ତି । ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଏହି ଘଟଣାକୁ ଅତ୍ୟନ୍ତ ଉଦବେଗଜନକ ଏବଂ ଶିଶୁ ଅଧିକାର ଉପରେ ଏକ ବଡ଼ ପ୍ରହାର ବୋଲି କହିଛନ୍ତି । ଏହି ମାମଲାରେ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି ଯେ ଶୁକ୍ରବାର ସୋସିଆଲ ମିଡିଆ ଆମ ସାମ୍ନାକୁ ଏକ ଅତ୍ୟନ୍ତ ବିଚଳିତ କଲାଭଳି ଦୃଶ୍ୟ ଆସିଥିଲା । ଛୋଟ ଛୋଟ ପିଲାମାନଙ୍କୁ ଜଳନ୍ତା ନିଆଁ ସାମ୍ନାରେ ଠିଆ କରାଯାଇଥିଲା, ଯେଉଁଠି ଧୂଆଁ ଯୋଗୁଁ ସେମାନେ ନିଜ ଆଖି ଆଉଁସୁଥିଲେ । ସେଠାରେ ଠିଆ ହୋଇଥିବା ପିଲାମାନଙ୍କ ଆଗରେ ବିଜୁ ଜନତା ଦଳର ମହିଳା ନେତ୍ରୀମାନେ ନାଚୁଥିଲେ ଏବଂ ପିଲାମାନଙ୍କୁ ମଧ୍ୟ ନାଚିବା ପାଇଁ କହୁଥିଲେ । ଏହା ପିଲାମାନଙ୍କ ପାଠପଢ଼ାରେ ଏକ ବଡ଼ ବ୍ୟାଘାତ । ପିଲାମାନେ ସ୍କୁଲ ଡ୍ରେସ୍ ଏବଂ ଏହା ସେମାନଙ୍କ 'ରାଇଟ୍ ଟୁ ଏଜୁକେସନ୍' (ଶିକ୍ଷା ଅଧିକାର) ତଥା ଜେ.ଜେ. ଆକଟ (ଜୁଭେନାଇଲ ଜଷ୍ଟିସ ଆକଟ) ଉପରେ ଏକ ବଡ଼ ପ୍ରହାର । ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଶିଶୁ ଆୟୋଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଆୟୋଗଙ୍କ ପକ୍ଷରୁ ଏହି ପ୍ରମୁଖ ବ୍ୟକ୍ତିମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେମାନଙ୍କ ମଧ୍ୟରେ ରାଜ୍ୟ ସଭାପତି, ବିଜୁ ଜନତା ଦଳ, ଅଲକା ମହାନ୍ତି (ପୂର୍ବତନ ବିଧାୟିକା, ବ୍ରଜରାଜନଗର ), ଦୀପାଳି ଦାସ (ପୂର୍ବତନ ବିଧାୟିକା, ଝାରସୁଗୁଡା ) ଏବଂ ଈପ୍ସିତା ସାହୁ (ରାଜ୍ୟ ସଭାନେତ୍ରୀ, ଛାତ୍ର ବିଜୁ ଜନତା ଦଳ) ।

ଆୟୋଗଙ୍କ କମିଶନରଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳ , ଏସପି ଏବଂ ଶିଶୁ ମଙ୍ଗଳ କମିଟି ଠାରୁ 'କାର୍ଯ୍ୟାନୁଷ୍ଠାନ ରିପୋର୍ଟ' ତଲବ କରାଯାଇଛି । ପୋଲିସ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ୭ ଦିନ ମଧ୍ୟରେ ଏହି ସମ୍ପୂର୍ଣ୍ଣ ମାମଲାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଆୟୋଗଙ୍କ ନିକଟରେ ଦାଖଲ କରିବେ । ୧୪ ବର୍ଷ ପର୍ଯ୍ୟନ୍ତ ବୟସର କୌଣସି ବି ଶିଶୁଙ୍କୁ ଏଭଳି କୌଣସି କାର୍ଯ୍ୟରେ ସାମିଲ କରାଯାଇପାରିବ ନାହିଁ, ଯାହାଦ୍ୱାରା ସେମାନଙ୍କର ବିକାଶ କିମ୍ବା ଶିକ୍ଷା ପ୍ରଭାବିତ ହେବ । ଯଦି ଶିଶୁମାନଙ୍କର ସର୍ବୋତ୍ତମ ସ୍ୱାର୍ଥ ଉପରେ ଆଘାତ ଲାଗିବ, ତେବେ ଆୟୋଗ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

### ଆଜି ବିଶ୍ୱ ପେପର ବ୍ୟାଗ୍ ଦିବସ, ପ୍ଲାଷ୍ଟିକ୍ କୁ 'ନା', କାଗଜ ମୁଣାକୁ 'ହଁ'

# କାଗଜ ମୁଣା ଆପଣେଇବାକୁ କୁନି ଶିଳ୍ପୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଜୁଲାଇ ମାସ ୧୨ ତାରିଖକୁ ସାରା ବିଶ୍ୱରେ 'ପେପର ବ୍ୟାଗ୍ ଦିବସ' ରୂପେ ପାଳନ କରାଯାଇଥାଏ । ଏହି ବିଶେଷ ଅବସରରେ ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଏକ ସୁନ୍ଦର ଓ ଅର୍ଥପୂର୍ଣ୍ଣ ଚିତ୍ରକଳା ଅଙ୍କନ କରିଛନ୍ତି । ଏହି ଚିତ୍ର ମାଧ୍ୟମରେ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ବର୍ଜନ କରିବା ସହ ପୁନଃଚକ୍ରଣ ଯୋଗ୍ୟ କାଗଜ ମୁଣାର ବ୍ୟବହାର କରିବାକୁ ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଶାନ୍ତନୁଙ୍କ ଦ୍ୱାରା ଅଙ୍କିତ ଏହି ଚିତ୍ରରେ ଏକ ଆକର୍ଷଣୀୟ କାଗଜ ବ୍ୟାଗ୍ ସହ ସବୁଜ ଗଛ ଲତା ଏବଂ ପ୍ରକୃତିର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଛି । ଚିତ୍ରରେ ପୁନଃଚକ୍ରଣ




କାଗଜକୁ ହଁ କୁହନ୍ତୁ, ପ୍ଲାଷ୍ଟିକ୍ ବ୍ୟାଗ୍‌କୁ ନା କୁହନ୍ତୁ ସ୍ଲୋଗାନ୍‌ଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏହା ସହ " Reuse, Recycle, Choose Sustainability" ର ବାର୍ତ୍ତା ଦେଇ ସେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଲୋକଙ୍କୁ ପ୍ରେରିତ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ପରିବେଶବିତ୍‌ମାନେ ମଧ୍ୟ ଛାତ୍ରଙ୍କର ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରିବା ସହ ଏହା ସମାଜରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ଆଶା ପ୍ରକଟ କରିଛନ୍ତି । ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁଁ ପୃଥିବୀ ବିପଦରେ ଥିବା ବେଳେ, ଶାନ୍ତନୁଙ୍କ ଭଳି କୋମଳମତି ଶିଶୁଙ୍କ ଏଭଳି ଚିନ୍ତାଧାରା ଆଗାମୀ ପିଢ଼ୀ ପାଇଁ ପ୍ରେରଣାଦାୟୀ ଅଟେ । ଶେଷରେ ଶାନ୍ତନୁ କହିଛନ୍ତି ଯେ, ଯଦି ଆମେ ସମସ୍ତେ କାଗଜ ମୁଣାର ବ୍ୟବହାର କରିବା ତେବେ ଆମ ପୃଥିବୀକୁ ଆମେ ସବୁଜ ସୁନ୍ଦର ଏବଂ ପ୍ରଦୂଷଣମୁକ୍ତ କରିପାରିବା ।

### ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ ତମ ପ୍ରତିଷ୍ଠା ଦିବସ

# ଜାତୀୟ ସାହିତ୍ୟ ସମ୍ମାନ ପ୍ରଦାନ, ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ସବ୍ୟୁ): ଉଚ୍ଚଶିକ୍ଷା, ଗବେଷଣା, ସାହିତ୍ୟ, ନବସୃଜନ ଓ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାରୋହର ପ୍ରମୁଖ ଆକର୍ଷଣ ଥିଲା ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ସାମ୍ବାଦିକ ଓ ସାହିତ୍ୟ ସମ୍ପାଦକ ବଳରାମ ପ୍ରେମ ନାରାୟଣଙ୍କୁ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ-୨୦୨୬' ପ୍ରଦାନ । ମୁଖ୍ୟ ଅତିଥି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଭାରତୀୟ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ଅର୍ପଣ କରିଥିଲେ ।

ଏହି ଅବସରରେ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ଼କ୍ଟର ସୋମା ଚାନ୍ଦଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅବିସ୍ମରଣୀୟଅବଦାନ ପାଇଁ 'ବ୍ୟାସ ଗୌରବ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ସମକାଳୀନ 



କଥାସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବ ଗଳ୍ପିକା ପୁରସ୍କାର-୨୦୨୬', ବାବୁଲ କୁମାର କବିଙ୍କୁ 'ମନୋଜ ନବ ପ୍ରତିଭା କବିତା ପୁରସ୍କାର-୨୦୨୬', ଶ୍ରୀମତୀ ସୋନାଲି ନାୟକଙ୍କୁ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୬' ଏବଂ ଶ୍ରୀମତୀ ରାଜଲକ୍ଷ୍ମୀ ବେହେରାଙ୍କୁ 'ଡ଼କ୍ଟର ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର-୨୦୨୬' ପ୍ରଦାନ କରାଯାଇଥିଲା ।

ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ୍ ପ୍ରତିଯୋଗିତାର ବିଜେତା ଦଳମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପବିଜେତା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଉପବିଜେତା ହୋଇଥିଲା । ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ, କୁଳପତି କପ୍ ବିତର୍କ ପ୍ରତିଯୋଗିତା ଓ ବିଭିନ୍ନ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ୨୦୨୪, ୨୦୨୫ ଓ ୨୦୨୬ ଶିକ୍ଷାବର୍ଷ ପାଇଁ ଶଲ୍ୟଚିକିତ୍ସା ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଚିତ୍ରମଣି ପାଣିଗ୍ରାହୀ ଓ ଡକ୍ଟର ଦୀନବନ୍ଧୁ ପାଣିଗ୍ରାହୀ ସ୍ମୃତି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ବିଶ୍ୱବିଦ୍ୟାଳୟକୁ ୧୭ ଆସନ ବିଶିଷ୍ଟ ବୈଦ୍ୟୁତିକ ଯାନ ଦାନ କରିଥିବା ୟୁକୋ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ ମୁଖ୍ୟ ତଥା ସହକାରୀ ମହାପ୍ରବନ୍ଧକ ନୀତିଶ କୁମାର ମହାନ୍ତିଙ୍କୁ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ସନ୍ତୋଷ ଖଟୁଆ ନିଜ ଅଭିଭାଷଣ ପ୍ରଦାନ କରି, ଉଚ୍ଚମାନର ଶିକ୍ଷା, ଗବେଷଣା, ନବସୃଜନ ଓ ସାହିତ୍ୟ ସଂସ୍କୃତିର ବିକାଶ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ପ୍ରୟାସର ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନ ଦେଇଥିଲେ । ସମାରୋହରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ-୨୦୨୫-୨୬' ଓ 'ଫକୀରମୋହନ ଶବ୍ଦାବଳୀ' ଉନ୍ମୋଚିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶାଶୁ ଘରେ ମହିଳାଙ୍କ ଆତ୍ମାହୂତି ଉଦ୍ୟମ ଘଟଣା

# ଯୌନ ନିର୍ଯାତନା, ବ୍ଲାକମେଲ ଅଭିଯୋଗରେ ବାପା ଗିରଫ



ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅଞ୍ଚଳରେ ରାଜଲକ୍ଷ୍ମୀ ମିଶ୍ର ନାମକ ଜଣେ ମହିଳା ତାଙ୍କ ଶାଶୁ ଘରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହୁତି ଉଦ୍ୟମ କରିଥିଲେ । ଗୁରୁତଙ୍କ ମୃତ୍ୟୁ କାଳୀନ ଜମାନବନ୍ଦୀ ଅଧାରରେ ପୋଲିସ ତଦନ୍ତ କରିଥିଲା । ମହିଳାଙ୍କ ବାପା ସୁବାସ ଚନ୍ଦ୍ର ମିଶ୍ର ନିଜ ଝିଅକୁ ଦୀର୍ଘଦିନ ଧରି ଯୌନ ନିର୍ଯାତନା, ବ୍ଲାକ ମେଲ ଓ ଆତ୍ମହତ୍ୟା ପାଇଁ ପ୍ରରୋଚନା କରୁଥିବା ଅଭିଯୋଗରେ ତାଙ୍କ ବାପାଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ବଜ୍ରଗୁମ୍ଫା ଗ୍ରାମର ସୁଭାଷ ଚନ୍ଦ୍ର ମିଶ୍ର (୫୭) । ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତଙ୍କର ଦୁଇଟି ମୋବାଇଲ ଫୋନ ଓ ପୀଡ଼ିତାଙ୍କ ଗୋଟିଏ ମୋବାଇଲ ଫୋନ ଜବତ କରିଛି ।

ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ବିବାହ ପୂର୍ବରୁ ଅଭିଯୁକ୍ତ ପୀଡ଼ିତାଙ୍କ ଶ୍ୱଶୁରଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଧାର ନେଇଥିଲେ । ପୀଡ଼ିତା ଏହି ଟଙ୍କା ଫେରସ୍ତ ଦାବି କରିବା ପରେ ଅଭିଯୁକ୍ତ ଆପତ୍ତିଜନକ ଫଟୋ ଦେଖାଇ ବ୍ଲାକମେଲ କରୁଥିଲେ । ଏହି ମାନସିକ ଚାପ ହିଁ ପୀଡ଼ିତାଙ୍କ ଆତ୍ମହତ୍ୟା ଉଦ୍ୟମର କାରଣ ବୋଲି ନିମଖଣ୍ଡି ଥାନା ଆଇଆଇସି ଶ୍ରୀକୃଷ୍ଣ ସାହା ସୂଚନା ପ୍ରଦାନ କରିଛନ୍ତି । ମାମଲା ନଂ ୨୨୦/୨୬ ରେ ଶନିବାର ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ଘଟଣାର ତଦନ୍ତ ଜାରି ରହିଛି । ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଥିବା ଜଣାପଡିଲେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି ।

ତଦନ୍ତରୁ ଜଣାପଡ଼ିଛି ଯେ, ପୀଡ଼ିତା ରାଜଲକ୍ଷ୍ମୀ ମିଶ୍ରଙ୍କ ବିବାହ ୨୦୨୫ ମସିହାରେ କାଳୀପ୍ରସାଦ ମିଶ୍ରଙ୍କ ସହ ହୋଇଥିଲା । ବିବାହର ପ୍ରାୟ ଛଅ ମାସ ପରେ ସେ ସାମାଜିକ ଗଣମାଧ୍ୟମରେ ନିଜ ବାପାଙ୍କ ବିରୋଧରେ ଯୌନ ନିର୍ଯାତନା ଓ ହଇରାଣ ଅଭିଯୋଗ ଆଣିଥିଲେ । ଏହାକୁ ନେଇ ବୈବାହିକ ଜୀବନରେ ବିବାଦ ସୃଷ୍ଟି ହୋଇଥିଲା । ଗତ ୯ ତାରିଖ ସକାଳେ ପୀଡ଼ିତା ବ୍ରହ୍ମପୁର ବାସୁଦେବ ନଗର ତୃତୀୟ ଲାଇନ ସ୍ଥିତ ଶ୍ୱଶୁର ଘରର ଛାତ ଉପରେ ନିଜକୁ ବନ୍ଦ କରି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କ ଦିଅର ରାମପ୍ରସାଦ ମିଶ୍ର ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

### ବିବାହିତା ମହିଳାଙ୍କ ସହ ରୋମାନ୍ସ

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିର୍ଧୁମ ଛେଚିଲେ ଗ୍ରାମବାସୀ

ବୁଗୁଡ଼ା, (ସବ୍ୟୁ) : ବିବାହିତା ମହିଳାଙ୍କ ସହ ସମ୍ପର୍କ ରଖି ହଟହଟା ହୋଇଛନ୍ତି ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ । ସମ୍ପୃକ୍ତ ମହିଳାଙ୍କ ଘରେ ପଶିଥିବା ବେଳେ ଗ୍ରାମବାସୀ ଉଭୟଙ୍କୁ ଧରିନେବା ସହ ପ୍ରଧାନ ଶିକ୍ଷକଙ୍କୁ ନିର୍ଧୁମ ମାଡ଼ ମାରିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡ଼ା ଥାନାକୁ ଆଣିଥିଲେ । ତେବେ ପ୍ରଧାନ ଶିକ୍ଷକ ଜଣଙ୍କ ଅବିବାହିତ ଥିବା ଏବଂ ସମ୍ପୃକ୍ତ ମହିଳାଙ୍କୁ ବାହାହେବେ ବୋଲି ପ୍ରତିଶୃତି ଦେବା ପରେ ସମ୍ପୃକ୍ତ ମହିଳା ନିଜ ଆଡୁ କୌଣସି ଅଭିଯୋଗ କରିବେ ନାହିଁ ବୋଲି ଲିଖିତ ଜଣାଇଥିଲେ । ଫଳରେ ପୋଲିସ କୌଣସି ମାମଲା ରୁଜୁ ନକରି ଉଭୟଙ୍କୁ ଛାଡିଥିବା ବୁଗୁଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ସୂଚନା ଅନୁସାରେ ପ୍ରଧାନ ଶିକ୍ଷକ ଜଣକ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବାହାରେ ରହୁଥିବାର ସୁଯୋଗ ନେଇ ଅଧିକାଂଶ ସମୟରେ ତାଙ୍କ ଘରକୁ ଯାଉଥିଲେ । ଗ୍ରାମବାସୀ ଏବଂ ମହିଳାଙ୍କ ସମ୍ପର୍କୀୟମାନେ ଏ ବିଷୟରେ ଜାଣିବା ପରେ ପ୍ରଧାନ ଶିକ୍ଷକଙ୍କୁ ପାନେ ଦେବା ପାଇଁ ସୁଯୋଗ ଖୋଜୁ ଥିଲେ । ତେବେ ଗତକାଲି ରାତି ପ୍ରାୟ ୧୦ଟା ବେଳେ ପ୍ରଧାନ ଶିକ୍ଷକ ମହିଳାଙ୍କ ଘରେ ପଶିଥିବା ବେଳେ ମହିଳାଙ୍କ ଶାଶୁ ଉଭୟଙ୍କୁ ଅସଂଜତ ଅବସ୍ଥାରେ ଦେଖିଦେବାରୁ ପ୍ରଧାନ ଶିକ୍ଷକ ତାଙ୍କୁ ମାରିବା ପାଇଁ ଛୁରୀ ଧରି ଗୋଡାଇବାରୁ ସେ ଚିତ୍କାର କରିଥିଲେ । ତାଙ୍କ ପାଟି ଶୁଣି ଗ୍ରାମବାସୀ ଓ ସମ୍ପର୍କୀୟମାନେ ପହଞ୍ଚି ଉଭୟଙ୍କୁ ଧରି ପୋଲିସକୁ ଖବର ଦେଇଥିବା ନେଇ ମହିଳାଙ୍କ ଶାଶୁ ଥାନାରେ ଅଭିଯୋଗ କରିଛନ୍ତି । ତେବେ ମହିଳାଙ୍କ ଗୋଟିଏ ୪ ବର୍ଷର ପୁତ୍ର ଥିବାବେଳେ ତାଙ୍କର ଛାଡ଼ପତ୍ର ହେବା ପରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ତାଙ୍କୁ ବାହା ହେବେ ବୋଲି ଲିଖିତ ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ଡିଭାଇନ୍ ନର୍ସିଙ୍ଗ କଲେଜ ଓ ଉତ୍କଳ ହସ୍ପିଟାଲର ମିଳିତ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ବାରିପଦା, (ସବ୍ୟୁ) : ବାରିପଦା ସହର ସ୍ଥିତ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନସ୍‌ରେ ଜୁଲାଇ ୧୧ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଉତ୍କଳ ହସପିଟାଲ, ଶାନ୍ତି ଚେରିଟବୁଲ ଟ୍ରଷ୍ଟ, ବାରିପଦାର ରୋଟାରୀ କ୍ଲବ ଓ ଇନର ହୁଇଲ କ୍ଲବ ତଥା ଡିଭାଇନ୍ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଓ ରେସର୍ଚ୍ଚର ମିଳିତ ଉଦ୍ୟମ ରେ ଏକ ବୃହତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବିଶାଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ବାରିପଦାର ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାସ, ବାରିପଦା ରୋଟାରୀ କ୍ଲବର ସଭାପତି ତିମିର କୁମାର ଘୋଷ, ସମ୍ପାଦକ ସନ୍ଦିପ କୁମାର ଚାନ୍ଦ ଓ ସ୍ୱତନ୍ତ୍ର ଅତିଥି ଭାବେ ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଡା. ଅରୁଣ ମହାନ୍ତି ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସୁରେଶ ନାରାୟଣନ, ମାନବ ସମ୍ବଳ ଅଧିକାରୀ ସନ୍ଦିପ ନାୟକ ବିପଣନ ମୁଖ୍ୟ ସୁବାସ ପତି ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଅତିଥି ଏବଂ ଉତ୍କଳ ହସପିଟାଲରୁ ଆସିଥିବା ସମସ୍ତ ଅଧିକାରୀ, ସମସ୍ତ ଚିକିତ୍ସକଙ୍କୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରିଥିଲେ ଡିଭାଇନର ପ୍ରତିଷ୍ଠାତା ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ । ଏଥିରେ ଉତ୍କଳ ହସପିଟାଲରୁ ଆସିଥିବା ସ୍ତ୍ରୀ ଓ ପ୍ରସୂତି, ଭେଷଜ, କର୍ଣ୍ଣ-ନାସା-ଗଳା, ଅସ୍ଥିଶଲ୍ୟ, ହୃଦରୋଗ, କର୍କଟ ଓ ଶିଶୁ ରୋଗ, ବୃକକ ରୋଗ ବିଭାଗର ବରିଷ୍ଠ ଚିକିତ୍ସକ ସମୂହ ଉପସ୍ଥିତ ରହି ବାରିପଦା ସହର ଓ ସନ୍ନିକଟ ଅଞ୍ଚଳରୁ ତିନି ସହରୁ ଉର୍ଦ୍ଧ୍ୱର୍ ବ୍ୟକ୍ତିବିଶେଷଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ପ୍ରଦାନ କରିଥିଲେ । ବିଭିନ୍ନ ରକ୍ତ ପରୀକ୍ଷା, ଇ.ସି.ଜି ଇତ୍ୟାଦି ମାଗଣାରେ କରାଇ ନେଇଥିଲେ । କାର୍ଯ୍ୟକ୍ରମର ପରିଶେଷରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱନାଥ ଦାସ ସଂକ୍ଷିପ୍ତ ପରିଦର୍ଶନରେ ଆସି ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ପ୍ରକାଶ ଥାଉ କି ଉତ୍କଳ ହସପିଟାଲର ଅଧ୍ୟକ୍ଷ ଡା. ଆଦିତ୍ୟ ସାମଲ ସୁଦୂର ଆମେରିକାରୁ ଓ ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଡା. ନିତ୍ୟାନନ୍ଦ ଉପଧ୍ୟାୟ ସୁଦୂର ଦୁବାଇରେ ରହି ଏହି ଚିକିତ୍ସା ଶିବିରକୁ ଅନୁଧ୍ୟାନ କରିବା ସହ ପରିଚାଳନର ଗୁରୁ ଦାୟୀତ୍ୱ ବହନ କରିଥିଲେ । ଏହି ପ୍ରସଙ୍ଗରେ ଡିଭାଇନ୍‌ର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ସାଧୁବାଦ ଜଣାଇବା ସହ ସେଇ ଅନୁଷ୍ଠାନକୁ କୃତଜ୍ଞତା ଜ୍ଞାପନ କରିଥିଲେ । ତତ୍‌ସହିତ ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡେଇ ମୟୂରଭଞ୍ଜରେ ଏହି ପରି ସ୍ୱାସ୍ଥ୍ୟ ଶିବିରର ଆବଶ୍ୟକତା ସମ୍ପର୍କରେ ନିଜର ଅଭିମତ ପ୍ରଦାନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ ସଫଳ ପରିଚାଳନା କରିବାରେ ଡିଭାଇନ୍ ଗ୍ରୁପର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଏବଂ ବିଶେଷ ଭାବେ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ବି.ଏସ୍.ସି (ନର୍ସିଙ୍ଗ) ଓ ଜିଏନ୍‌ଏମ୍‌ର ଛାତ୍ରଛାତ୍ରୀ ମାନଙ୍କର ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

### ସାମ୍ବାଦିକ ସ୍ୱର୍ଗତଃ ଅମରେନ୍ଦ୍ରଲାଲଙ୍କ ସ୍ମୃତିରେ ରକ୍ତଦାନ ଶିବିର

# ରକ୍ତଦାନ କରି ପ୍ରେରଣା ସାଜିଲେ ଏସ୍‌ପି



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକଙ୍କ ଭୀଷ୍ମ ପିତାମହ' ସ୍ୱର୍ଗତଃ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମ୍ବାଦିକ ପରିବାର, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହିତ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ତାଙ୍କ ସହିତ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ନିଜେ ରକ୍ତଦାନ କରି ଦିବଂଗତ ଶ୍ରୀ ବୋଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁଦ୍ଦୟାଙ୍କ ଉପସ୍ଥିତିରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କଳିଙ୍ଗ କେଶରୀ ଜେନା, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ, ସୁକାନ୍ତ କୁମାର ଜିଉ ଓ ସମାଜସେବୀ ଅମରସେଠୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କୋଣ ଅନୁକୋଣରୁ ସାମ୍ବାଦିକ ଓ ସ୍ୱେଚ୍ଛାକୃତ ରକ୍ତ ଦାତା ରକ୍ତଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶିବିରରେ ମୋଟ୍ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ରକ୍ତଦାତା କାର୍ଡ ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ସୁଜିତ ମହାନ୍ତି, ଦେବାଶିଷ ପାତ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସୌମରଞ୍ଜନ ମିଶ୍ର, ରାଜା ଖାନ୍, ବିପ୍ଳବ ଭଞ୍ଜନ ବୁଗୁଡେଇ ଓ ସୁନୀଲ ନାୟକ ପ୍ରମୁଖ ମହତ କାର୍ଯ୍ୟର ପ୍ରଶଂସା କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ସୌମରଞ୍ଜନ ନାୟକ ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଶିବିର ପରିଚାଳନାରେ ସୋମନାଥ ସିଂ, ନିରୋଜ ଲୋଚନ ପୁଥାଳ ଓ ଅସୀମ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ । ୨୦୨୭ ଜାନୁଆରୀ ୧୭ତାରିଖରେ ଜିଲ୍ଲାର ଅନ୍ୟତମ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତିରେ ମଧ୍ୟ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ହେଲେ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ର



ବ୍ରହ୍ମପୁର, (ସବ୍ୟୁ) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ହେଲେ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ର । ଉଚ୍ଚଶିକ୍ଷା ବିଭାଗ ଚିଠି ଅନୁସାରେ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ର, ଇତିହାସ ବିଭାଗର ମୁଖ୍ୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ପାଇଁ ପରୀକ୍ଷା ନିୟନ୍ତ୍ରକ ଭାବେ ନିଯୁକ୍ତି ମିଳିବା ପରେ, ଡ. ନରେନ୍ଦ୍ର ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗଦେଲେ । ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ଼. ମନୋଜ କୁମାର ପଟ୍ଟନାୟକ ଦାୟିତ୍ୱ ହସ୍ତାନ୍ତର କରି ନୂତନ ପରୀକ୍ଷା ନିୟନ୍ତ୍ରକ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ନୂତନ ପରୀକ୍ଷା ନିୟନ୍ତ୍ରକଙ୍କୁ ଅଭିବାଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ମୃତ ପୋଲିସ କର୍ମଚାରୀଙ୍କ ପରିବାରକୁ ଏସ୍‌ବିଆଇ ପକ୍ଷରୁ ବୀମାରାଶୀ ପ୍ରଦାନ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ପୁଲିସ ପଡିଆ ପରିସରରେ ଗଞ୍ଜାମ ଏସପି ହରିଶ ବିସି ଜଣେ ମୃତ ପୋଲିସ କର୍ମଚାରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ବିମା ରାଶୀ ପ୍ରଦାନ କରିଛନ୍ତି । ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ମୃତ ପୋଲିସ କର୍ମଚାରୀ ସ୍ୱର୍ଗତ ସଞ୍ଜିତ କୁମାର ସ୍ୱାଇଁଙ୍କ ସ୍ତ୍ରୀ ଝିଲି ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି । ସ୍ୱର୍ଗତ ସ୍ୱାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କର ପୁଲିସ ଦରମା ପ୍ୟାକେଜରେ ସାମିଲ ଥିଲେ । ପୋଲିସ କର୍ମାଚରୀଙ୍କ ପାଇଁ ଭାରତୀୟ ଷ୍ଟେଟବ୍ୟାଙ୍କର ପୋଲିସ ଦରମା ପ୍ୟାକେଜ ବ୍ୟବସ୍ଥା ରହିଛି । କାର୍ଯ୍ୟକ୍ଷେତ୍ର ବେଳେ ମୃତ୍ୟୁ ହେଲେ ଏହି ସ୍ୱତନ୍ତ୍ର ପ୍ୟାକେଜରେ ବୀମା ରାଶି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯେଉଁ ପୋଲିସ କର୍ମଚାରୀଙ୍କ ସାଲେରୀ ଆକାଉଣ୍ଟ ଏସବିଆଇରେ ରହିଛି ସେମାନଙ୍କୁ ଏହି ସୁବିଧା ମିଳିଥାଏ । ସେମାନଙ୍କୁ କୌଣସି ଅତିରିକ୍ତ ପ୍ରିମିୟମ ଦେବାକୁ ପଡିନଥାଏ । ଏହା ମାଗଣରେ ଏହି ସୁବିଧା ମିଳିଥାଏ । ଏହି ଟଙ୍କା ସ୍ୱର୍ଗତ ପରିବାରଙ୍କୁ ବିଶେଷ ସହାୟକ ହୋଇଥାଏ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି । ଏହି ୧୦ ଲକ୍ଷ ଟଙ୍କାର ଚେକ ପ୍ରଦାନ ଗଞ୍ଜାମ ଏସପି ପ୍ରଦାନ କରିବା ବେଳେ ସ୍ୱର୍ଗତ ସ୍ୱାଇଁଙ୍କ ପରିବାର ସଦସ୍ୟ, ବ୍ୟାଙ୍କ କର୍ମଚାରୀ ଓ ପୁଲିସ କର୍ମଚାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ସ୍ୱର୍ଗତ ସଞ୍ଜିତ କୁମାର ସ୍ୱାଇଁ ଚମାଖଣ୍ଡି ଥାନାରେ କାର୍ଯ୍ୟରତ ଥିବା ସମୟରେ ଦେହ ଅସୁସ୍ଥତା ହେତୁ ଦେହାନ୍ତ ହୋଇଥିଲା । ଯଦି କୌଣସି ପୁଲିସ କର୍ମଚାରୀ ଦୁର୍ଘଟଣାରେ ମୃତ୍ୟୁ ବରଣ କରିବେ ତେବେ ତାଙ୍କ ପରିବାରକୁ ୧ କୋଟି ଏବଂ ବୀମାନ ଦୁର୍ଘଟଣାରେ ମୃତ୍ୟୁ ହେଲେ ୧ କୋଟି ୬୦ ଲକ୍ଷ ଟଙ୍କାର ବିମା ରାଶି ମିଳିଥାଏ ବୋଲି ଏସବିଆଇ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏସବିଆଇ ମୁଖ୍ୟ ପରିଚାଳକ ସ୍ୱାଗତ ପାଢୀ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟବ୍ରତ ଦାଶ, ଦେବାଶିଷ ପରିଡା, ଜିତେନ୍ଦ୍ର କୁମାର ପଲେଇ, ବିଶ୍ୱ ନାରାୟଣ ରେଡି, ଏନ. ସୋମେଶ ରେଡି ଏବଂ ସୋରେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଅଭିଯୁକ୍ତ ଯବାନ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେହେଲେ ସୁରଜ ବିହାରର ସୌରବ ସାହୁ (୨୮) । ଯୁବକ ଜଣକ ଯବାନ ବୋଲି ଜଣାପଡ଼ିଛି । ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି । ମାମଲା ନଂ ୩୫୫/୨୬ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳର ଜଣେ ୨୪ ବାର୍ଷିଆ ଯୁବତୀଙ୍କ ସହ ଅଭିଯୁକ୍ତ ସୌରବ ଦୀର୍ଘ ବର୍ଷ ହେବ ସମ୍ପର୍କରେ ରହିଥିଲେ । ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେ ବିଭିନ୍ନ ସ୍ଥାନକୁ ବୁଲାଇ ନେଇ ଶାରୀରିକ ସମ୍ପର୍କ ରଖିଥିଲେ । ଯୁବତୀ ଜଣଙ୍କ ବିବାହ କଥା କହିଲେ ସେ ନାନାପ୍ରକାର ବାହାନ କରି ଦିନ ଗଡାଉଥିଲେ । ଶେଷରେ ସୌରଭ ବିବାହ କରିବେ ନାହିଁ ବୋଲି ମନା କରିଦେଇଥିଲେ । ପ୍ରତାରଣାର ଶିକାର ହେବା ପରେ ଯୁବତୀ ଜଣଙ୍କ ବୈଦ୍ୟନାଥପୁର ଥାନାକୁ ଯାଇ ଏନେଇ ଅଭିଯୋଗ କରିଥିଲେ । ପିଡିତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା । ଆଜି ପୋଲିସ ସୌରବଙ୍କୁ ଗିରଫ କରିଥିବା କହିଛି ।

## ଜାତୀୟ ସ୍ତରୀୟ ଖୋ - ଖୋ ପ୍ରତିଯୋଗିତା

# ଭାଗ ନେବେ ବାରିପଦା କେ.ଭିର ୪ ଖେଳାଳି

ବାରିପଦା, (ସବ୍ୟୁ) : ଚଣ୍ଡିଗଡ ସ୍ଥିତ ଭାଗଓ୍ୱାରା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବାକୁ ଥିବା ୫୫ତମ ଆଞ୍ଚଳିକ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଲକ୍ଷ୍ମୀପୋଷିର ୪ ଖେଳାଳି ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ହେବାକୁଥିବା ୧୭ବର୍ଷରୁ କମ ଖୋ-ଖୋ ପ୍ରତିଯୋଗିତାରେ ୧୦ମ ଶ୍ରେଣୀର ଆୟୁଷ ମୁଣ୍ଡା, ୯ମ ଶ୍ରେଣୀର ଲବ ମୁର୍ମୁ, କୁଶ ମୁର୍ମୁ ଓ ଚନ୍ଦନ ମାର୍ଣ୍ଡି ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟର ଅଧକ୍ଷ ଏଲଡିଏସ ଯାଦବ ଜଣାଇଛନ୍ତି । ପ୍ରକାଶଥାଉକି ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଚମ୍ପିୟାନ ହୋଇ ଏହି ପ୍ରତିଯୋଗୀମାନେ ଚଳିତମାସ ୨୨ ରୁ ୨୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ବୋଲି ବିଦ୍ୟାଳୟର କ୍ରୀଡା ଦାୟିତ୍ୱରେ ଥିବା ପିସି ନାୟକ ଜଣାଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତମାଖୁ ସଚେତନତା



କଟକ, (ସ୍ୱପ୍ର) : ଯୋବ୍ରା ସ୍ଥିତ ବ୍ରଜରମ୍ଭା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ତମାଖୁ ସଚେତନତା କାର୍ଯ୍ୟକ୍ରମ ସିଡିଏ ସେକଟର ୯ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଧୀରେ ଧୀରେ କୋମଳମତି ଛାତ୍ରଛାତ୍ରୀ ମାନେ ନିଶା ଓ ତମାଖୁ ପ୍ରତି ଆକର୍ଷିତ ହୋଇ ପଥଭ୍ରଷ୍ଟ ହେଉଛନ୍ତି । ତେଣୁ ସେମାନଙ୍କୁ ନିଶା ଠାରୁ ଦୁରେଇ ରହିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ବ୍ରଜରମ୍ଭା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତଥା ଲାପରସ୍କୋପିକ ସର୍ଜନ ଡାକ୍ତର ସୁବାସ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କିଭଳି ଭାବରେ ତମାଖୁ ବର୍ଜନ କରିବା, ନିଶା ଠାରୁ ଦୁରେଇ ରହି ଏକ ଶୃଙ୍ଖଳିତ ଜୀବନ ଯାପନ କରାଯାଇପାରିବ ସେ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଯାଇଥିଲା । ତମାଖୁ ସେବନ ଦ୍ୱାରା ଉପୁଜୁଥିବା ଦୁରାରୋଗ୍ୟ ବ୍ୟାଧି କେତେ ଭୟଙ୍କର ହୋଇପାରେ ସେନେଇ ଡାକ୍ତର ସୁବାସ ପିଲାମାନଙ୍କୁ ହୃଦବୋଧ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସହାୟକ ଭାବରେ ନିଗମ ସାହୁ, ପ୍ରତ୍ୟୁଷ ଜେନାମଣି ପ୍ରଭୃତି ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ ଦାସ ଏବଂ ଅନ୍ୟାୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No.-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**NOTICE TO SHAREHOLDERS**

**TRANSFER OF EQUITY SHARES TO INVESTOR EDUCATION & PROTECTION FUND**

This Notice is published pursuant to Section 124(6) of the Companies Act, 2013 read with the Investor Education and Protection Fund Authority (Accounting, Audit, Transfer and Refund) Rules, 2016 ("the Rules"),as amended.
The Rules, inter-alia, provide for transfer of all shares in respect of which dividend has not been encashed or claimed by the shareholders for seven consecutive years, to the Investor Education and Protection Fund (IEPF), set up by the Central Government. The Company is in the process of sending individual communications to the shareholders at their latest available addresses whose shares are liable to be transferred to IEPF under the said Rules. The Company has uploaded the details of such shareholders and shares due for transfer to IEPF on its website at **www.nalcoindia.com**. Shareholders are requested to refer to the Investor Services page on the Company's website to verify the details of the shares liable to be transferred to IEPF.
Notice is hereby given to all such shareholders to make application to the Company's Registrar (M/s.Bigshare Services Private Limited) by 18.10.2026 to claim their unpaid Final dividend for the year 2018-19 onwards so that the shares are not transferred to the IEPF. It may please be noted that if no claim is made by 18.10.2026, the Company with a view to comply with the requirements of the IEPF Rules, will transfer the dividend amount and shares to IEPF account by the due date i.e. 25.10.2026 as per the procedure stipulated in the rules, without any further notice by following the due process in the rules as under:
i) **Shares held in demat mode:** The Company shall inform the Depositories to execute the corporate action and debit the shares lying in the demat account of the shareholder(s) and transfer such shares in favour of the IEPF Authority;
ii) **Shares held in physical mode:** The physical shares will be converted in to demat form and will be transferred in favour of the IEPF Authority on completion of necessary formalities. The original share certificate(s) which stand registered in the name of the shareholder(s) will be deemed cancelled and non-negotiable.
It may also be noted that the shares transferred to IEPF, including all benefits accruing on such shares, if any, can be claimed back from the IEPF Authority after following the procedure prescribed under the Rules.
For any clarification on the matter, please contact the Company's Registrar and Transfer Agents:M/s. Bigshare Services Private Limited,Office No S6-2, 6th floor Pinnacle Business Park,Next to Ahura Centre,Mahakali Caves Road Andheri (East) Mumbai – 400093, Email: alisterl@bigshareonline.com/ csemanager@bigshareonline.com, Customer Number: 022-62638200, RTA Website: https://www.bigshareonline.com/.
For **National Aluminium Company Limited**
Sd/-
( B. K. Sahu )
Company Secretary
Place : Bhubaneswar
Date : 02.07.2026

HI-TECH ESTATES
Regd No. : 15-05577-1998-99
**Hi-Tech Estates & Promoters [Pvt.] Ltd.**
A-103, Saheed Nagar, Bhubaneswar-751007
Ph.(0674)2546390/2541164/2542899

**PUBLIC NOTICE**

This is for the information of all concerned that in the year 2012 Crime Branch has initiated some criminal cases against the organisation and its functionaries for which some of the landed properties have been attached and some landed properties are under dispute like :

a. In many land sale cases by the company some legal heirs have claimed that their signature/consent are not taken at the time of sale of lands. Cases have been filed by the legal heirs in this regard.
b. Certain lands in the name of the company are not in possession of the company and also in certain cases previous owners have not left possession. Therefore, those land parcels are under dispute.
c. Certain land parcels purchased by the company are not proper as the company is not the first purchaser of the plots and other purchasers are also present before us for the same land. Company is either second/third purchaser of the same plots. Therefore, there are substantial disputes are present in land bank of the company. The general public are therefore advised not to deal with any property of the company till the disputes are pending as a result of which our Bonafide customers and associated persons have faced innumerable difficulties, for this inconvenience we have intense feeling of deep sorrow.

The Directors and Shareholders are determined not to be involved in any type of unconstitutional activities/ issues which will hamper the interest of our customers in future. The Directors/ Shareholders have decided not to proceed with the Plotted Scheme/ business of landed property / construction of apartment, and any construction related business until and unless the cases pending in the court of law are disposed of. The Directors and Shareholders have not authorised/engaged anybody to sell/purchase/market for any type of plotted scheme land or housing project or construction business. We do hereby caution to all concerned that if anyone deals with any unauthorised person regarding the property matter in connection with Hi-Tech Estates & Promoters Pvt. Ltd., it shall be presumed that they have done that at their own risk. By this notice we are requesting to our esteemed customers to have patience till the disposal of the cases to proceed further in a very fair and clean manner.

Subsequently, our esteemed customers, if they have any problems/ difficulties are requested to kindly contact with our legal advisor Mr. Bhakti Binod Behera through E Mail b.b.behera227@gmail.com for necessary redressal of measures,

Directors & Shareholders
Hi-Tech Estates & Promoters Pvt Ltd
Saheed Nagar, Bhubaneswar

# ବିନା ପାଠ୍ୟ ପୁସ୍ତକରେ ମାସିକ ପରୀକ୍ଷା ପ୍ରସ୍ତୁତି, ଅଭିଭାବକ ମହଲରେ ଅସନ୍ତୋଷ

ହିନ୍ଦୋଳ ,(ସବ୍ୟୁ) : ନୂଆଁ ଶିକ୍ଷା ବର୍ଷ ଆରମ୍ଭର ୩ ମାସ ହେଲାଣି ହେଲେ ଏଯାଏଁ ଅନୁଷ୍ଠାନର ୬ ଷ୍ଠ ଶ୍ରେଣୀ ଠାରୁ ୧୦ ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ପାଠ ପୁସ୍ତକ ମିଳିଲା ନାହିଁ । ପୁରୁଣା ବହିରେ କାମ ଚଳାଇ ଦିଆଯାଉଛି । ନବମ ଶ୍ରେଣୀର ପାଠ୍ୟ ପୁସ୍ତକ ସମ୍ପୂର୍ଣ୍ଣ ବଦଳିଛି ମାତ୍ର ଏଠାରେ ଛାତ୍ରଛାତ୍ରୀଙ୍କୁ କେବଳ ଇଂରାଜୀ ଓ ଓଡିଆ ଭାଷାର ୨ ଟି ପାଠ୍ୟ ପୁସ୍ତକ ସରାକରଙ୍କ ପକ୍ଷରୁ ମାଗଣା ମିଳିଛି । ଶିକ୍ଷକ ଶିକ୍ଷୟତ୍ରୀ ମାନେ ପିଡିଏଫ ଜରିଆରେ ପାଠ ଛାଡ଼ି ଦେଇ ଶ୍ରେଣୀ କକ୍ଷରେ ଜେନତେନ ପଢ଼ାଇ କାମ ଚଳାଉଛନ୍ତି । ।

ଏଭଳି ସ୍ଥଳରେ ନବମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କେତେକ ଅଭିଭାବକ ଅଭିଯୋଗ କରୁଛନ୍ତି । ଏପ୍ରିଲ ମାସରୁ ଶିକ୍ଷା ବର୍ଷ ଆରମ୍ଭ ହେବା ପରେ ପ୍ରାୟ ଦେଢ଼ ମାସ ଧରି ଗ୍ରୀଷ୍ମ ଅବକାଶି ଏବଂ ପୁନର୍ବାର ଜୁନ ୧୮ ତାରିଖ ଯାଏଁ ଏଯାଏଁ ବିଦ୍ୟାଳୟ ଚାଲିବା ପରେ ମଧ ପିଲାଙ୍କୁ ଉପଯୁକ୍ତ ବିଷୟଭିତ୍ତିକ ପାଠ୍ୟ ପୁସ୍ତକ ମିଳି ପାରିନଥିବା ଶିକ୍ଷା ବିଭାଗର ଆଦର୍ଶ ଶିକ୍ଷା ନୀତିକୁ ଘୋର ସମାଲୋଚନା କରାଯାଉଛି ।

ଚଳିତ ବର୍ଷ ୬ ଷ୍ଠ ଶ୍ରେଣୀ ଛାତଛାତ୍ରୀଙ୍କୁ ଏଯାଏଁ ଚାରୋଟି ବିଷୟର ପାଠ୍ୟପୁସ୍ତକ ଯୋଗାଣ ହୋଇ ନଥିବା ବେଳେ ସପ୍ତମ ଶ୍ରେଣୀର ଚାରୋଟି, ଅଷ୍ଟମ ଶ୍ରେଣୀର ଚାରୋଟି, ନବମ ଶ୍ରେଣୀର ନୂତନ ଭାବେ ପରିବର୍ତ୍ତନ ହୋଇଥିବା ପାଠ୍ୟପୁସ୍ତକ ଗୁଡ଼ିକ ମଧ୍ୟରୁ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ପ୍ରଥମ ଭାଗ ଦ୍ୱିତୀୟ ଭାଗ, ସୁଚନା ଓ ପ୍ରଯୁକ୍ତି ବିଦ୍ୟା, ଏମ୍ପ୍ଲଇବିଲିଟି ସ୍କିଲ, ହିନ୍ଦୀ ଓ ସଂସ୍କୃତ ଭଳି ପାଠ୍ୟ ପୁସ୍ତକ ଆଜି ଯାଏଁ ଛାତ୍ରଛାତ୍ରୀ ପାଇପାରି ନାହାନ୍ତି । ସେହିଭଳି ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଇଂରାଜୀ, ଗଣିତ, ବିଜ୍ଞାନ ସହିତ ୯ ଟି ବିଭିନ୍ନ ବିଷୟର ପାଠ୍ୟପୁସ୍ତକ ଆଜି ଯାଏଁ ପ୍ରଦାନ କରାଯାଇ ନାହିଁ । ଶିକ୍ଷକ ଶିକ୍ଷୟତ୍ରୀ ମାନେ ପୁରୁଣା ବହିରେ କାମ ଚଳାଇ ଦେଉଥିବାର ଖୋଦ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଜଣା ଯାଇଛି । ସରାକରଙ୍କ ଘୋଷଣା ଅନୁଯାୟୀ ଚଳିତ ବର୍ଷ ୨୦୨୬/୨୭ ଶିକ୍ଷା ବର୍ଷ ପାଇଁ ଏ ବି ବୁକ୍ସ ଇଣ୍ଡିଆ ନାମକ ସଂସ୍ଥା ପାଠ୍ୟ ପୁସ୍ତକ ଯୋଗାଣ ନିମନ୍ତେ ଟେଣ୍ଡର ପାଇ ସିବିଏସି ଅନୁବନ୍ଧିତ ସମସ୍ତ ପାଠ୍ୟପୁସ୍ତକ ଯୋଗାଣ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି କରିଛି ।

ଶିକ୍ଷାବର୍ଷ ଆରମ୍ଭ ହେବା ଠାରୁ କିଛି କିଛି ବହି ବଜାରରେ ଉପଲବ୍ଧ ହେବା ପରେ କେତେକ ଛାତ୍ର ଛାତ୍ରୀ କ୍ରୟ କରି ପାଠ ପଢ଼ାରେ ମନ ନିବେଶ କରିଥିଲେ । ମାତ୍ର ଏଯାଏଁ ଅର୍ଦ୍ଧାଧିକ ଛାତ୍ର ଛାତ୍ରୀଙ୍କ ନିକଟରେ ପାଠ୍ୟ ପୁସ୍ତକ ନଥିବା ଜଣା ଯାଉଛି । ବ୍ୟବସ୍ଥାରେ ବ୍ୟତିକ୍ରମ ଯୋଗୁଁ ଏଭଳି ଅସୁବିଧା ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ଅନ୍ତରାୟ ସାଜିବ ବୋଲି ଅନେକ ଅଭିଭାବକ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକଟ କରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଇତି ମଧ୍ୟରେ ପ୍ରତ୍ୟେକ ଶିକ୍ଷା ବର୍ଷ ଭଳି ଅନୁଷ୍ଠାନରେ ପ୍ରଥମ ମାସିକ ପରୀକ୍ଷା ପାଇଁ କର୍ତ୍ତୃପକ୍ଷ ଚଳିତ ମାସ ୧୪ ତାରିଖ ଠାରୁ ଦିନ ଧାର୍ଯ୍ୟ କରି ମାସିକ ପରୀକ୍ଷାର ସମୟ ସାରଣୀ ପ୍ରଦାନ କହିଛନ୍ତି । ବିନା ପାଠ୍ୟ ପୁସ୍ତକରେ ଶିକ୍ଷା ଦାନ ଏ ତରବରିଆ ପରୀକ୍ଷା ଆୟୋଜନ ନେଇ ଅନେକ ଅଭିଭାବକ ଅଭିଭାବିକା କ୍ଷୋଭ ପ୍ରକାଶ କରିଛନ୍ତି । ଏଥିରେ ସୁଧାର ଆଣିବା ପାଇଁ ଆଶାବ୍ୟକ୍ତ କରିଛନ୍ତି ।

### ୧୪୯ ନଂ ଜାତୀୟ ରାଜପଥରେ ଦୁଇ ଟ୍ରକ ମୁହାଁମୁହିଁ

# ଜଳିଗଲା ଗୋଟିଏ: ଜଣେ ମୃତ, ଜଣେ ଗୁରୁତର

କଣିହାଁ, (ସବ୍ୟୁ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଠାରେ ୧୪୯ ନମ୍ବର ଜାତୀୟ ରାଜପଥ ଉପର ଶନିବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହୋଇ ଗୋଟିଏ ଟ୍ରକ ଜଳି ଯାଇଥିବାବେଳେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ଅନୁଗୋଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।



ମୃତ ଚାଳକ ହେଲେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ପାଟବେଢ଼ା ଗ୍ରାମର ପ୍ରଶାନ୍ତ କୁମାର ସାହୁ (୫୫) । ଖମାର ପଟୁ ଆସୁଥିବା ଓଡି୧୬ ଏଲ୬୦୬୫ ପାଉଁଶ ବୋଝେଇ ହାଇୱା ଟ୍ରକ ଓ ବିପରୀତ ଦିଗରୁ ପିଟିରି ପଟୁ ଆସୁଥିବା ଜେଏଚ୦୫ ବିଏସ୭୯୪୧ ନମ୍ବର ଖାଲି ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇ ପାଉଁଶ ଟ୍ରକ ଜଳି ଯାଇଥିଲା । ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ ଉଭୟ ପାଶ୍ୱର୍ରେ ଶହ ଶହ ଯାନବାହନ ଅଟକି ରହିଥିଲା । ଖବର ପାଇ ସମଲ ଥାନା ପୋଲିସ ଓ କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ । ସମଲ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।

# ଲୁହାରଡ଼ରେ ପିଟି ହତ୍ୟା, ସ୍ୱାମୀ କୋର୍ଟ ଚାଲାଣ




ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମର ଏକ ଭଡା ଘରୁ ମାଙ୍କଡ଼ଚୁଆ ଗ୍ରାମର ବିବାହିତା ମହିଳା ପୁଷ୍ପଲତା ଦେହୁରୀ (୪୦) ଙ୍କର ମୃତଦେହକୁ ସୋମବାର ଦିନ ହଣ୍ଡପା ପୋଲିସ ଉଦ୍ଧାର କରିଥିଲା । ତାଙ୍କ ମୃତଦେହ ତାଙ୍କ ବେଡରେ ସନ୍ଦେହ ଭାବରେ ପଡିଥିବା ବେଳେ ପୁଷ୍ପଲତାଙ୍କ ଭାଉଜଙ୍କ ଅଭିଯୋଗ କ୍ରମେ ପୋଲିସ ୬/୨୬ ଏକ ଅପମୃତ ମାମଲା ରୁଜୁ କରିଥିଲା । ହେଲେ ମଙ୍ଗଳବାର ଦିନ ପୁଷ୍ପଲତାଙ୍କ ମା ଠାକୁରଗଡ ଥାନା ଅଞ୍ଚଳର ଗିଲା ପ୍ରଧାନ ଅଭିଯୋଗ କରିବା ପରେ ହଣ୍ଡପା ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୫୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରି ପୁଷ୍ପଲତାଙ୍କର ସ୍ୱାମୀ ମାଙ୍କଡଚୁଆ ଗ୍ରାମର ସୁମନ୍ତ ଦେହୁରୀ (୪୬ଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ଏକ ଲୁହାରଡକୁ ଜବତ କରିଛି। ପୋଲିସ କହିଛି ଯେ ସୁମନ୍ତ ଓ ପୁଷ୍ପଲତା ମାଙ୍କଡଚୁଆ ଗ୍ରାମରୁ ଆସି ବଇସିଣା ଗ୍ରାମରେ ଭଡା ଘରେ ରହୁଥିଲେ । ହେଲେ କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା । ସୁମନ୍ତ ତାଙ୍କ ପତ୍ନୀଙ୍କର ଚରିତ୍ରକୁ ସନ୍ଦେହ କରି ଅନେକ ସମୟରେ ମାଡ ମାରୁଥିଲେ ।

ରବିବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡା ସୃଷ୍ଟି ହୋଇଥିଲା। ପରେ ସୁମନ୍ତ ଉତକ୍ଷିପ୍ତ ହୋଇ ପୁଷ୍ପଲତାଙ୍କୁ ଏକ ଲୁହାରଡରେ ପିଠିକୁ ମାରିବା ସହ ତାଙ୍କ ଯୌନ ାଙ୍ଗରେ ଲୁହାରଡ ପୁରାଇ ହତ୍ୟା କରିଥିଲେ । ପରେ ତାଙ୍କ ମୃତଦେହକୁ ତାଙ୍କ ବେଡରେ ପକାଇ ଫେରାର ହୋଇ ଯାଇଥିଲେ। ତାଙ୍କୁ ପୋଲିସ ଶୁକ୍ରବାର ଦିନ ଗିରଫ କରି ଆଠମଲ୍ଲିକ କୋର୍ଟ ଚାଲାଣ କରିଛି ।

## ଆଇଜିଆଇଟିରେ ସ୍ଥଳ ସୈନିକ କ୍ୟାମ୍ପ ଓ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

## ୫୬୨ କ୍ୟାଡେଟଙ୍କ ଯୋଗଦାନ

ଢେଙ୍କାନାଳ/ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସରାଙ୍ଗ ସ୍ଥିତ ଆଇଜିଆଇଟିରେ ଏନ୍‌ସିସି ସ୍ଥଳ ସୈନିକ କ୍ୟାମ୍ପ ଓ ବାର୍ଷିକ ପ୍ରଶିକ୍ଷଣ ଶିବିର ସଫଳତାର ସହ ଉଦଯାପିତ ହୋଇଯାଇଛି । ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଜୁଲାଇ ୨ରୁ ୧୧ ପର୍ଯ୍ୟନ୍ତ ଏନ୍‌ସିସି ସ୍ଥଳ ସୈନିକ କ୍ୟାମ୍ପ ଇଣ୍ଟର ୟୁନିଟ୍ ପ୍ରତିଯୋଗିତା ଏବଂ କମ୍ବାଇନ୍‌ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ୨୦୨୬ ସଫଳତାର ସହ ଆୟୋଜିତ ହୋଇଛି । ଏହି ଶିବିରରେ ବିଭିନ୍ନ ଏନ୍‌ସିସିୟୁନିଟ୍‌ରୁ ମୋଟ ୫୬୨ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ ।

ଉଦଘାଟନୀ ସମାରୋହରେ କର୍ଣ୍ଣେଲ ସି.ସି. ନାଗ କମାଣ୍ଡିଂ ଅଫିସର ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଶୃଙ୍ଖଳା, ନେତୃତ୍ୱ, ଦେଶପ୍ରେମ ଓ ସେବାଭାବ ଉପରେ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ । ଶିବିର ପରିଚାଳନାରେ କର୍ଣ୍ଣେଲ ରାଜୀବ କୁମାର ବାଲା, ପ୍ରଶାସନିକ ଅଧିକାରୀଙ୍କ ସହ ଆସୋସିଏଟ୍ ଏନ୍‌ସିସି ଅଫିସର ଓ ପର୍ମାନେଣ୍ଟ ଇନ୍‌ଷ୍ଟ୍ରକଟରମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା ।ଶିବିରରେ ଅବଷ୍ଟାକଲ୍ ଟ୍ରେନିଂ, ମ୍ୟାପ୍ ରିଡିଂ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଦୂରତା ନିର୍ଣ୍ଣୟ, ଫ୍ଲାଗ୍ ସିଗ୍ନାଲ୍, ଫାୟାରିଂ ଓ ସର୍ଭିସ୍ ଶୁଟିଂ ଆଦି ବିଭିନ୍ନ ପ୍ରତିଯୋଗିତା ଓ ଚୟନ ପରୀକ୍ଷା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତା ମାଧ୍ୟମରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ସ୍ଥଳ କ୍ୟାଡେଟ୍‌ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ବିଜୟୀ କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ କର୍ଣ୍ଣେଲ ଏସ୍‌ଜିଏସ୍ ଶେଖର, ଗ୍ରୁପ୍ କମାଣ୍ଡର କଟକ ଗ୍ରୁପ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏନ୍‌ସିସିର ମୂଳମନ୍ତ୍ର ଏକତା ଓ ଶୃଙ୍ଖଳାକୁ ଜୀବନରେ ପାଳନ କରି ଦେଶର ଆଦର୍ଶ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ ଜଣାଇଥିଲେ । ଶିବିରର ସଫଳ ଆୟୋଜନରେ ସମସ୍ତ ଅଧିକାରୀ, ପ୍ରଶିକ୍ଷକ ଓ କ୍ୟାଡେଟ୍‌ମାନଙ୍କର ସମନ୍ୱିତ ସହଯୋଗ ଉଲ୍ଲେଖନୀୟ ଥିଲା ।

# ଜଙ୍ଗଲ ସୁରକ୍ଷା ବୃଦ୍ଧି - ଶିକାର ବିରୋଧୀ ବ୍ୟାରେକ ଉଦ୍‌ଘାଟନ



ଅନୁଗୋଳ,(ସବ୍ୟୁ) :ଅନୁଗୋଳ ବନଖଣ୍ଡରେ ବନ୍ୟପ୍ରାଣୀ ସୁରକ୍ଷା ଏବଂ ଜଙ୍ଗଲ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଛେଣ୍ଡିପଦା ରେଞ୍ଜ ଅଫିସ ପରିସରରେ ଏକ ନୂତନ "ଶିକାର ବିରୋଧୀ ବ୍ୟାରେକ' ଉଦଘାଟିତ ହୋଇଯାଇଛି ।

ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୋଳ ଆରସିସିଏଫ ଡ. ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳ ଡିଏଫଓ ନିତୀଶ କୁମାର , ସମ୍ବଲପୁର ସାଂସଦ ପ୍ରତିନିଧି ସୁଦୀପ ଗଡ଼ନାୟକ, ଛେଣ୍ଡିପଦା ରେଞ୍ଜ ଅଫିସର ଶୁଭ୍ରା ସୁଚିସ୍ମିତା ମହାପାତ୍ର, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା, ଛେଣ୍ଡିପଦା ଫରେଷ୍ଟର ବେଣୁଧର ବେହେରା, ପରିବେଶବି ଚୌଧୁରୀ ପ୍ରଧାନ, ଗ୍ରାମ ସଭାପତି ବଳରାମ ସାହୁ, ସାମ୍ବାଦିକ ଲଳିତ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଅକ୍ଷୟପଦ ବେହେରାଙ୍କ ସମେତ ଛେଣ୍ଡିପଦା ଅଞ୍ଚଳର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଶିକାର ବିରୋଧୀ ଅଭିଯାନକୁ ସୁଦୃଢ଼ କରିବା ଦିଗରେ ବନ ବିଭାଗର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ।ଏହି ନୂତନ ବ୍ୟାରେକ ବନ କର୍ମଚାରୀମାନଙ୍କ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବା ସହ ଆମର ସମୃଦ୍ଧ ପ୍ରାକୃତିକ ସମ୍ପଦକୁ ସଂରକ୍ଷଣ କରିବାର ମିଶନକୁ ଆହୁରି ମଜଭୁତ କରିବ ।ସୁଦୃଢ଼ ଜଙ୍ଗଲ, ସୁରକ୍ଷିତ ବନ୍ୟପ୍ରାଣୀ ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଆମେ ସମସ୍ତେ ଏକାଠି ହେବା ବୋଲି ଅତିଥି ମାନେ କହିଥିଲେ ।

# ରୋଟାରୀ କ୍ଲବ ତାଳଚେରର ଅଧିଷ୍ଠାନ ଉତ୍ସବ

ତାଳଚେର, (ସବ୍ୟୁ): ରୋଟାରୀ କ୍ଲବ ତାଳଚେରର ୬ଷ୍ଠ ତମ ଅଧିଷ୍ଠାନ ଉତ୍ସବ ଦେଉଳବେଡା ସ୍ଥିତ ମଙ୍ଗଳମ କ୍ଲବ ଠାରେ କ୍ଲବର ବିଦାୟୀ ସଭାପତି ଡ. ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ ଇଂଟରନେସନାଲ ଜିଲ୍ଲା ୩୨୬୨ର ନବ ନିଯୁକ୍ତ ପ୍ରାନ୍ତପାଳ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନିଲ କୁମାର ସାମଲ ଯୋଗଦେଇ ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତା ମାନଙ୍କୁ ଅଧିଷ୍ଠିତ କରାଇଥିଲେ । ଏହି ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଓ ଉପଦେଷ୍ଟା ଶୁଭାଂଶୁ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ । ନୂତନ ଭାବେ ନିଯୁକ୍ତ ସଭାପତି ଆଇନଜୀବୀ ହରେକୃଷ୍ଣ ପାତ୍ର ଶପଥ ପାଠ ପୂର୍ବକ ଦାୟୀତ୍ୱ ଗ୍ରହଣ କରିଥିଲେ । ରୋଟାରୀ କ୍ଲବର ପୂର୍ବବର୍ଷ କରିଥିବା ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ପୂର୍ବତନ ସଭାପତି ବର୍ଣ୍ଣନା କରିଥିଲେ ।ଆଗାମୀ ଦିନରେ ହେବାକୁ ଥିବା ଜନହିତକର କାର୍ଯ୍ୟ ବିଷୟରେ ସଭାପତି ଶ୍ରୀ ପାତ୍ର ସୂଚନା ଦେଇଥିଲେ ।

ଏହି ଅବସରରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ରଥ, ବରିଷ୍ଠ ଡାକ୍ତର ଶୁକ୍ଳାମ୍ବର ପଣ୍ଡା ଓ ଚାଟାର୍ଡ ଆକାଉଂଟାଟ ଆଶିଷ ଗୋଏଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାକୁ ରୋଟାରିଆନ ମାନସ ରଂଜନ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଟ୍ରକ ମାଲିକ ସଂଘର ସଭାପତି ଦିଲିପ ପାଣି ଓ ଜେସିଆଇ ର ଆଶିଷ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ ଏବଂ ରୋଟାରିଆନ ଡ. ବିଜୟ କୁମାର ସାମଲ, ଆଇନଜୀବୀ ବିନୋଦ କୁମାର ଅଗ୍ରୱାଲା, ତାଳଚେର କଲେଜ ର ଅଧ୍ୟକ୍ଷ ମେଜର ସୁବ୍ରତ ଦାସ, ସୁଶାନ୍ତ କୁମାର ପ୍ରଧାନ, ଇଂ ମନୋଜ କୁମାର ପ୍ରଧାନ, ଜିତେନ୍ଦ୍ର ଭୂତିଆ, ବଜରଙ୍ଗ ଅଗ୍ରୱାଲା, ଆନନ୍ଦ ଚନ୍ଦ୍ର ତ୍ରିପାଠୀ, ଆଶାଲତା ଅଗ୍ରୱାଲ, ଇଂ ବ୍ରଜବନ୍ଧୁ ବିଶ୍ୱାଳ, କିଶୋର ଚନ୍ଦ୍ର ସାହୁ, ସମାଜସେବୀ ବାପି ମହାନ୍ତି, ହୀରାଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କ୍ଲବର ସଂପାଦକ ଡାକ୍ତର ଅଶୋକ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ୨ବର୍ଷ ପରେ ପୌରସଂସ୍ଥା ସମୀକ୍ଷା ବୈଠକ

# ସ୍ମାର୍ଟ ସିଟି ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ପୌରସଂସ୍ଥାର ଦୁଇ ବର୍ଷ ପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଯୋଗଦେଇ ସ୍ମାର୍ଟ ସିଟି ପାଇଁ ସହରର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।



ଆଜି ପୌରସଂସ୍ଥାର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ କହିଛନ୍ତି ଯେ ଏହି ବୈଠକ ଦୁଇ ବର୍ଷ ପରେ ହେଉଛି । ମୁଖ୍ୟମନ୍ତ୍ରୀ ସହରକୁ ସ୍ମାର୍ଟ ସହରରେ ପରିଣତ କରିବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ଫଳରେ ସହରର ଡ୍ରେନେଜ ବ୍ୟବସ୍ଥା,ସ୍ୱରେଜ ବ୍ୟବସ୍ଥା,ପାନୀୟ ଜଳ ସମସ୍ୟାକୁ ସମାଧାନ କରାଯିବ । ଏହି କାର୍ଯ୍ୟ ଗୁଡିକ ଧୀମାରେ ଚାଲୁଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛି । ଢେଙ୍କାନାଳକୁ ଭଲ ସହରରେ ପରିଣତ କରିବା ଏବଂ ସ୍ୱପ୍ନକୁ ପୂରଣ କରିବାକୁ କହିଥିଲେ । ପୌରସଂସ୍ଥାର ନୂତନ ଘର ସହିତ କର୍ମଚାରୀଙ୍କ ପାଇଁ କ୍ୱାଟର୍ସ ନିର୍ମାଣ ପାଇଁ କହିଥିଲେ ।

ମହିଷାପାଟଠାରେ ଥିବା ପଡିଆରେ ସମସ୍ତ ପ୍ରକାରର ସଭା ସମିତି ହେଉଥିବା ବେଳେ ଲକ୍ଷ୍ମୀ ପୂଜା ସମୟରେ ମେଳାର ଆୟୋଜନ ଢେଙ୍କାନାଳ ମହୋତ୍ସବ ବି ହେଉଛି । କୌଣସି ନେତା ଆସିଲେ ସଭାସମିତି କରିବାକୁ ଭଲ ପଡିଆଟିଏ ନାହିଁ । ଏହି ପଡିଆ ଭଲ ହୋଇଥାଉ ଫଳରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଆସିଲେ ସଭା ସମିତି ହେବ ବୋଲି କହିଥିଲେ । ସେଠାରେ ନିର୍ମାଣ ହେଉଥିବା ପାର୍କର କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ । ଏହି ବୈଠକରେ ମନ୍ତ୍ରୀଙ୍କ ସହିତ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୌରନିର୍ବାହୀ ଅଧିକାରୀଙ୍କ ସହିତ ବିଭିନ୍ନ ଅଧିକାରୀଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକର ବଉଳିଗୋଡ, ଗୋଡ଼ାସନ୍ତ୍ରି ଗ୍ରାମପଞ୍ଚାୟତର ଗୋଡାସନ୍ତ୍ରୀ , ଭକ୍ତପୁର୍ ସିମିଳିଛୁଇଁ,ଅରହଟ, ପୁରିକିଆ ଗ୍ରାମରେ ବିଶ୍ୱ, ଯୁବ କେନ୍ଦ୍ର ବଣୀନାଳୀ ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ଦ୍ୱାରା ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ବୈଠକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଅଙ୍ଗନଓ୍ୱାଡି କର୍ମୀ ,କିଶୋରୀଙ୍କ ଉପସ୍ଥିରେ ଜିଲ୍ଲାରେ ଶିଶୁଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବାଲ୍ୟବିବାହ , ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ଆଲୋଚନା କରାଯାଇଥିଲା ।ବାଲ୍ୟବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟ ବିବାହ ର ଦଣ୍ଡ ବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁ ର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା । ବିଶ୍ୱ, ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁ ଓ ଅଭିଷେକ ମହାପାତ୍ରଙ୍କ ତି ବଧାନରେ ପ୍ରକଳ୍ପ ସହଯୋଗୀ ଶ୍ରୀମତୀ ଲକ୍ଷ୍ମୀ ବେହେରା ସଭା ପରିଚାଳନା କରିଥିଲେ ।

## ବାଇକ୍‌କୁ ଧକ୍କା ଦେଲା କାର

ବଇଣ୍ଡା,(ସବ୍ୟୁ) : ବଇଣ୍ଡା ବାଙ୍କମଠ ପାଖ ଫ୍ଲାଏ ଓଭର ଉପରେ ଏକ ବାଇକକୁ ଧକ୍କା ଦେଲା କାର । ବାଇକରେ ବସିଥିବା ୩ଜଣ ବ୍ୟକ୍ତି ମଧ୍ୟରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ମେଡିକାଲ ପଠେଇ ଦିଆଯାଇଥିବା ସୂଚନା ମିଳିଛି । ପରିଚୟ ଜଣା ପଡ଼ିନାହିଁ ।

# ଆଠମଲ୍ଲିକ ମହାବିଦ୍ୟାଳୟରେ ଏବିଭିପିର ପ୍ରତିଷ୍ଠା ଦିବସ



ଆଠମଲ୍ଲିକ, (ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୮ତମ ପ୍ରତିଷ୍ଠା ଦିବସ ଅବସରେ ଆଜି ସ୍ଥାନୀୟ ଆଠମଲ୍ଲିକ ମହାବିଦ୍ୟାଳୟରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଏ ବି ଭି ପିୟୁନିଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏବିଭିପି ପତକା ଉତ୍ତୋଳନ ହୋଇଥିଲା ।

ଏହି ଅବସରରେ ଏ ବି ଭି ପିର ଇତିହାସ ଓ ଛାତ୍ର ଆନ୍ଦୋଳନରେ ସଂଗଠନର ଭୂମିକା ସମ୍ପର୍କରେ ଆଲୋଚନା କରାଗଲା। ବକ୍ତାମାନେ ଦେଶ ସେବା ଓ ସମାଜ ସେବା ପାଇଁ ଛାତ୍ର ସମାଜକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅନୁଗୋଳ ଜିଲ୍ଲା ସଂଯୋଜକ ଉମେଶ ବାଘ, ନଗର ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ, କ୍ୟାମ୍ପସୟୁନିଟ ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ନମିତା ମହାକୁଡ଼,ଏବିଭିପି ନଗର ଷ୍ଟୁଡେଣ୍ଟ ଫର୍ ସେବା ପ୍ରମୁଖ ମହେଶ ପ୍ରଧାନ ଓ କଲେଜୟୁନିଟ ର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କଟୁରୀରେ ଆକ୍ରମଣ ମାମଲା: ଦୋଷୀକୁ ୩ବର୍ଷ କାରାଦଣ୍ଡ

ତାଳଚେର,(ସବ୍ୟୁ): ଜଣେ ବ୍ୟକ୍ତିକୁ କଟୁରୀରେ ଆକ୍ରମଣ କରି ୪ହଜାର ଟଙ୍କା ଜବରଦସ୍ତ ଛଡ଼ାଇ ନେବା ମାମଲାରେ ତାଳଚେର ଥାନା ଅନ୍ତର୍ଗତ ରେମୁଆଁ ନୂଆସାହିର ଲୋକନାଥ ପଟ୍ଟନାୟକକୁ ତାଳଚେର ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଧୃବି ସୋଲାଙ୍କୀ ଦୋଷୀ ସାବ୍ୟସ୍ତକରି ୩ବର୍ଷ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମନା କରିଛନ୍ତି । ଜରିମନା ଅନାଦେୟ ଅତିରିକ୍ତ ୩ମାସ କାରାଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି । ଅଦାଲତଙ୍କ ବିବରଣୀ ଅନୁଯାୟୀ ତାଳଚେର ରେମୁଆଁ ନୂଆସାହି ସୁକୁନୁ ଓରଫ ଲୋକନାଥ ପଟ୍ଟନାୟକ ୧୪/୦୨/୨୦୨୬ରିଖରେ ଭିକାରୀ ସ୍ୱାଇଁ ନାମକ ଜଣେ ଋଣଟଙ୍କା ଆଦାୟ କରୁଥିବା ସମୟରେ ତାଙ୍କୁ ଅଟକାଇ କଟୁରୀରେ ଆକ୍ରମଣ କରି ତାଙ୍କ ଠାରୁ ଯୋରଜବରଦସ୍ତ ୪ହଜାର ଟଙ୍କା ଛଡ଼ାଇ ନେଇଥିଲା । ଏନେଇ ଶ୍ରୀ ସ୍ୱାଇଁ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ଥାନା କେସ ନଂ- ୧୩୪ ଭାରତୀୟ ନ୍ୟାୟ ସହିତା ଧାରା ୩୦୯ (୬) ଅନୁଯାୟୀ ମାମଲା ରୁଜୁକରି ଅଭିଯୁକ୍ତ କୋର୍ଟଚାଲାଣ କରଇଥିଲା । ସାକ୍ଷୀଙ୍କ ବୟାନ, ପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟ ବିଚାରକୁ ନେଇ ଅଦାଲତ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସହିତା ୩୦୯(୬) ଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସିଷ୍ଟାଣ୍ଡ ପବ୍ଲିକ ପ୍ରେସିକ୍ୟୁଟର୍ ବିନୟ ନନ୍ଦ, ବିପୁଳ ବଳ, ତନୁଜା ପ୍ରଧାନ, ମାନସ ପରି ମାମଲାକୁ ପରିଚାଳନା କରିଥିଲେ ।

# ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ବୈଠକ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ଉଚ ବିଦ୍ୟାଳୟ ପରିସରରେ ଶନିବାର ଦିନ ଅଭିଭାବକ ଓ ଶିକ୍ଷକ ଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କିପରି ବିଦ୍ୟାଳୟର ବିକାଶ ହେବା ସହ ଥିବା ସମସ୍ତ ସମସ୍ୟା ସମାଧାନ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଏଥିସହ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା । ନୂତନ ଅଧକ୍ଷ ଭାବରେ ବାପୁଜୀ ପ୍ରଧାନ ଉପାଧକ୍ଷ ଭାବରେ ରିନା ପ୍ରଧାନଙ୍କୁ ଚୟନ କରାଯାଇଥିଲା ।



ଏହି ବୈଠକରେ ମୂନା ବିଶାଳ , ବିଶାଖା ଉମାନ୍ତ , ପଦ୍ମିନି ଜେନା , କବିତା ସାଇଁ , ଦିଲ୍ଲୀପ କୁମାର ସାହୁ , ଜ୍ୟୋତ୍ସ୍ନାମୟୀ ବେହେରା , ଦୟାନିଧି ସାହୁ , ଲକ୍ଷେଶର ବେହେରାଙ୍କ ସମେତ ବହୁ ଗ୍ରାମବାସୀ ମାନେ ଯୋଗ ଦେଇଥିଲେ । ନୂତନ ଅଧକ୍ଷ ଓ ଉପାଧକ୍ଷଙ୍କୁ ହଣ୍ଡପା ଭାଜପା ପକ୍ଷରୁ ପଞ୍ଚାୟତ ସଭାପତି ମହେଶର ଛତ୍ରିଆଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଛି ।

## ମେଡିକାଲ କଲେଜରେ ଷ୍ଟାଫ ନର୍ସ ନିଯୁକ୍ତି କେଳେଙ୍କାରୀ : ପର୍ଦ୍ଦାଫାଶ ହେବ କେବେ

ତାଳଚେର, (ସବ୍ୟୁ): ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଷ୍ଟାଫ ନର୍ସ ଓ ସ୍ୱାସ୍ଥ୍ୟ କର୍ମି ନିଯୁକ୍ତିରେ ମହାଦୁର୍ନୀତି ଲୋକଙ୍କ ସାମ୍ନାକୁ ଆସିଥିଲେ ମଧ ଏହି ଘଟଣା ଆଜକୁ ଦୁଇମାସ ବିତି ଯାଇଥିଲେ ମଧ ଏଥିରେ ଯେଉଁ ଅଧିକାରୀ ଓ ଦଲାଲ ସମ୍ପୃକ୍ତ ତାଙ୍କୁ ଏଯାଏଁ ଗିରଫ କରାନଯିବା ଅଂଚଳବାସୀଙ୍କ ମନରେ ଶକ୍ତ ଆଘାତ ଦେଇଛି । ଏହି ସମ୍ପର୍କରେ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ସେହିଭଳି ବିଜେଡି ପକ୍ଷରୁ ମଧ ସମାନ ଦାବି ରଖିଥିଲେ । ସେହିଭଳି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ ଓ ହସପିଟାଲରେ ବ୍ୟକ୍ତି ବିଶେଷମାନେ ଜାଲ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଛନ୍ତି । ଏହି ବଡ ଧରଣର ଜାଲ ସାର୍ଟିଫିକେଟ ନିଯୁକ୍ତି ରାକେଟ ଉପରେ ଉପଯୁକ୍ତ ତଦନ୍ତ କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୁଧରେ ଏତଲା ଦାୟର କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦୃଢ଼ ଦାବି କରିଛନ୍ତି ।

## ଯୁବକଙ୍କ ମହାନତା : ଫେରାଇଲେ ଟଙ୍କା, ମୋବାଇଲ

ବାଲେଶ୍ୱର,(ସବ୍ୟୁ) :ବସ୍ତା ବ୍ଲକ କଇନଗରୀ ପଞ୍ଚାୟତ କଇନଗରୀ ଗାଁର ପ୍ରଭାକର ମାନ୍ନାଙ୍କ ପୁଅ ଦୀପକ ଘରୁ ବସ୍ତା ଆଡ଼କୁ ଯାଉଥିବାବେଳେ ପେଜଗଲା ପୋଲ ପାଖରେ ମୋବାଇଲ ଓ କିଛି ଟଙ୍କା ଖସି ପଡ଼ିଥିଲା। ଉକ୍ତ ରାସ୍ତା ଦେଇ ସିଂଲା ଗାଁର ତପନ କୁମାର ସେଠୀ ଯାଉଥିବାବେଳେ ଟଙ୍କା ଓ ମୋବାଇଲ ପାଇ ସିଂଲା ଥାନାରେ ପହଞ୍ଚି ଥାନା ସହାୟତାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ । ଦୀପକ ଥାନାରେ ପହଞ୍ଚି ଏସଆଇ ତପନ କୁମାର ଜେନା ଓ କନେଷ୍ଟବଳ ଜାଟା ହେମ୍ବ୍ରମଙ୍କ ଉପସ୍ଥିତିରେ ତାଙ୍କର ହଜିଯାଇଥିବା ଟଙ୍କା ଓ ମୋବାଇଲ ଫେରି ପାଇବା ସହ ମହାନତା ଦେଖାଇଥିବା ତପନ ସେଠୀଙ୍କୁ ଧନ୍ୟବାଦ ଦେଇଥିଲେ।

## କାଠ ବୋଝେଇ ଟ୍ରକ ଜବତ : ୨ ଗିରଫ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ବକ୍ସିବାରିଗାଁ ଜୁଆଙ୍ଗ ସାହି ନିକଟ ସରକାରୀ ଜମିରୁ ଗଛ କାଟି ବେଆଇନ ଚାଲାଣ ହେଉଥିବାବେଳେ ବନ ବିଭାଗ ଏକ କାଠ ବୋଝେଇ ୧୬ ଚକିଆ ଟ୍ରକ ଡବ୍ଲୁ ବି ୩୩ -ଇ-୨୫୬୪ କୁ ଜବ୍ଦ କରିଛି । ଟ୍ରକ ଡ୍ରାଇଭର ଅସିତ୍ ରକ୍ଷୀତ(୪୨) ଏବଂ ଅଜୟ କୁମାର ମହାନ୍ତ(୩୨) ଗିରଫ ହୋଇଥିବାବେଳେ ଅନ୍ୟ କେତେକ କାଠ ମାଫିଆ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ । ଅସିତ ରକ୍ଷୀତଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନିପୁର ଏବଂ ଅଜୟ କୁମାର ମହାନ୍ତଙ୍କ ଘର କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଟୋଲକବାହାଳ ଗ୍ରାମରେ ବୋଲି ଜଣାପଡିଛି । ଏହା ପଛରେ ସଂଖ୍ୟାଲଘୁ କାଠ ବ୍ୟବସାୟୀମାନଙ୍କର ହାତ ରହିଛି ବୋଲି ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣି ପାରିଛି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି ଙ୍କ ନିର୍ଦ୍ଦେଶକ୍ରମେ ନରଣପୁର ସେକ୍ସନ ବନପାଳ କାଳନ୍ଦି ଚରଣ ସାମଲ,ବଳଭଦ୍ରପୁର ବିଟ ବନରକ୍ଷୀ ରାଜେଶ୍ୱରୀ ସେଠୀ,ନରଣପୁର ବିଟ ବନରକ୍ଷୀ ସ୍ୱାଗତିକା ପଟ୍ଟନାୟକ,ଗୋପଳପୁର (ପଶ୍ଚିମ) ବିଟ ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତ,ରଘୁନାଥପୁର ବିଟ ବନରକ୍ଷୀ ଚନ୍ଦନ କୁମାର ଚାଟାର୍ଜୀଙ୍କ ସମେତ ସ୍କ୍ୱାର୍ଡ କର୍ମଚାରୀ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରି ଏହି କାଠ ଗାଡି ଜବ୍ଦ କରିଛନ୍ତି । ଜବ୍ଦ ୪ଟନ କାଠର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଜବତ୍ କାଠକୁ ଓଡିଶା ବନ ଉନ୍ନୟନ ନିଗମ(ଓଏଫ୍ଡିସି)କୁ ହସ୍ତାନ୍ତର କରାଯିବ ବୋଲି ବନପାଳ କାଳନ୍ଦୀ ଚରଣ ସାମଲ ପ୍ରକାଶ କରିଛନ୍ତି । ଏହି କାଠ ବେଆଇନ ଭାବରେ ଆବାଦ ଯୋଗ୍ୟ ଅନାବାଦି ଜମିରୁ ବନ ବିଭାଗର ବିନା ଅନୁମତିରେ କଟାଯାଉଥିଲା ବୋଲି ସେ ପ୍ରକାଶ କରିଛନ୍ତି ।

## ବିଲରେ କାମ କଲାବେଳେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,(ସବ୍ୟୁ) :ସାମପାଟଣା ବ୍ଲକ ଘଟଗାଁ ଥାନା ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ  କୋଠାଘର ଠାରେ ଶନିବାର ଦିନ  ଘଟିଯାଇଛି ଏକ ଅଭାବନୀୟ ଘଟଣା । ବଡ ନୂଆଗାଁର  ମିଟୁ ମହାନ୍ତଙ୍କ ପୁଅ ଇନ୍ଦ୍ରଜିତ ମହାନ୍ତ ( ୩୫)ବିଲରେ ପାୱାର ଟିଲର୍ ନେଇ କାମ କରୁଥିବା ସମୟରେ ଯୁବକ ଜଣଙ୍କ  ଅସୁସ୍ଥ ଅନୁଭବ କରିଥିଲେ ।  ତାଙ୍କୁ ସଙ୍ଗେସଙ୍ଗେ ଘଟଗାଁ ସାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ଘଟଗାଁ ଥାନା ଏଏସଆଇ ଗିରିଧାରୀ କିସାନ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବର ବ୍ୟବଚ୍ଛେଦ  କରାଇଛନ୍ତି ।

## ନିର୍ବାଚନୀ କାର୍ଯ୍ୟରେ ଅସହଯୋଗ,ବିଏଲଓ ନିଲମ୍ବିତ

ଭଦ୍ରକ,(ସବ୍ୟୁ): :ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟରେ ଗୁରୁତର ଅବହେଳା,କର୍ତ୍ତବ୍ୟରେ ଅସହଯୋଗ ଓ ନିର୍ବାଚନୀ ପ୍ରକ୍ରିୟାରେ ବାଧା ସୃଷ୍ଟି ଅଭିଯୋଗରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ,ସହକାରୀ ଶିକ୍ଷକ ସପନ କୁମାର ନାୟକଙ୍କୁ ତତ୍କାଳ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଶ୍ରୀନାୟକ ପିଏସଏସ୍ ନୋଡାଲ ହାଇସ୍କୁଲ,ଚନ୍ଦ୍ରକାଟବିନ୍ଧାର ସହକାରୀ ଶିକ୍ଷକ ହୋଇଥିବାବେଳେ ନବଗଠିତ ବୁଥ୍ ନଂ-୨୯,ମାଲପୁର,୪୭-ଚାନ୍ଦବାଲି ବିଧାନସଭା କ୍ଷେତ୍ରର ବୁଥ୍ ଲେଭେଲ ଅଫିସର (ବିଏଲଓ) ଭାବେ ନିୟୋଜିତ ଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬କାର୍ଯ୍ୟ ସଫଳ ଭାବେ ସମ୍ପାଦନ ପାଇଁ ବିଏଲଓମାନଙ୍କର ଇଆରଓନେଟ ପ୍ଲାଟଫର୍ମରେ ପଞ୍ଜୀକରଣ ଓ ବିଏଲଓ ଆପ୍ ସକ୍ରିୟ କରିବା ଆବଶ୍ୟକ ଥିବାବେଳେ ସେ ଏଥିପାଇଁ ଆବଶ୍ୟକ ଏପିକ ବିବରଣୀ ଓ ଓଟିପି ପ୍ରଦାନ କରିନଥିଲେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶ୍ରୀନାୟକ ସହଯୋଗ କରିନଥିଲେ। ଏପରିକି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେ ଆବଶ୍ୟକ ତଥ୍ୟ ଉପଲବ୍ଧ କରାଇନଥିଲେ। ଫଳରେ ବିଏଲଓ ଆପ୍ ପରିଚୟପତ୍ର ସୃଷ୍ଟି ଓ ଏସଆଇଆର-୨୦୨୬ର ବୈଧ ନିର୍ବାଚନୀ ପ୍ରକ୍ରିୟା ଗୁରୁତର ଭାବେ ବ୍ୟାହତ ହୋଇଥିବା ଅଭିଯୋଗ ହୋଇଥିଲା। ନିଲମ୍ବନ ଅବଧିରେ ଶ୍ରୀନାୟକଙ୍କ ମୁଖ୍ୟାଳୟ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ରହିବ ଏବଂ ସେ କୌଣସି ପୂର୍ବାନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ,ନିର୍ବାଚନୀ କାର୍ଯ୍ୟରେ ଅବହେଳା ଓ ଅସହଯୋଗକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ।

## ବିଜେପିର  ବିଏଲ୍ଏ-୨ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ନୂଆସାହି ଛକ ନିକଟସ୍ଥ ମାହେଶ୍ୱରୀ ଭବନରେ ରେମୁଣା ବିଧାନସଭା କ୍ଷେତ୍ର ବିଜେପି ପକ୍ଷରୁ ବିଏଲ୍ଏ-୨ଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଉପସଭାପତି ସୁକୁମାର ଦାସ, ଜିଲ୍ଲା ସୋସିଆଲ ମିଡିଆ କୋଅର୍ଡିନେଟର ଶ୍ରୀନିବାସ ପ୍ରଧାନ, ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ସଦର ବ୍ଲକ ପ୍ରତିନିଧି ଲମ୍ବୋଦର ପ୍ରଧାନ ଏବଂ ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା, ମାନସ ମହାନ୍ତି, ବିବେକ ବିକାଶ ରାଉତ, ମାୟାଧର ପ୍ରଧାନ, ରଘୁନାଥ ପରିଡ଼ା, ପ୍ରଫୁଲ୍ଲ ଦ୍ୱିବେଦୀଙ୍କ ସମେତ ସମସ୍ତ ବୁଥର ବିଏଲ୍ଏ-୨, ପଞ୍ଚାୟତ ସଭାପତି, ମଣ୍ଡଳ ପଦାଧିକାରୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା ବିଏଲ୍ଏ-୨ ଙ୍କ ଦାୟିତ୍ୱ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ନୂତନ ଭୋଟରଙ୍କ ନାମ ସଂଯୋଗ, ଭୋଟର ତାଲିକାର ସତ୍ୟାପନ, ତ୍ରୁଟି ସଂଶୋଧନ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ତଥ୍ୟ ସମ୍ପର୍କରେ ସେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ। ଏହାସହ ନିର୍ବାଚନ କମିଶନଙ୍କ ଫର୍ମ ନମ୍ବର-୬ (ନୂତନ ଭୋଟର ନାମ ସଂଯୋଗ), ଫର୍ମ-୭ (ନାମ ବିଲୋପ) ଏବଂ ଫର୍ମ-୮ (ତଥ୍ୟ ସଂଶୋଧନ ଓ ସ୍ଥାନାନ୍ତର)ର ସଠିକ୍ ବ୍ୟବହାର ଓ ପୂରଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ପଟ୍ଟାରୁ ଅଂଶୀଦାରଙ୍କ ନାଁ ବାଦଦେବା ଅଭିଯୋଗକୁ ଅସ୍ୱୀକାର କଲେ ତହସିଲ କର୍ତ୍ତୃପକ୍ଷ

ହାଟଡିହି , (ସବ୍ୟୁ) :ପୈତୃକ ସମ୍ପତ୍ତିରୁ ଭାଗ ନଦେବା ପାଇଁ ଷଡଯନ୍ତ୍ର କରି ଅଂଶୀଦାରଙ୍କ ମୃତ୍ୟୁ ପରେ ପଟ୍ଟାରୁ ଉତ୍ତରାଧିକାରୀମାନଙ୍କ ନାମକୁ ବାଦ ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେନ୍ଦୁଝର ଜିଲ୍ଲା ହାଟଡିହିର ତତ୍କାଳୀନ ଭାରପ୍ରାପ୍ତ ତହସିଲଦାର ମନୋଜ କୁମାର କେରକେଟା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଅଭିଯୋଗ ଅନୁଯାଇ ଉକ୍ତ ତହସିଲ ଅଧିନ ଭାତକରୁଆ ଗ୍ରାମର ସ୍ୱର୍ଗତ ଅପର୍ତ୍ତି ଜେନା, ସ୍ୱର୍ଗତ ହୃଷି ଜେନା, ସ୍ୱର୍ଗତ ଏକାଦଶୀ ଜେନାଙ୍କ ନାମରେ ବଞ୍ଚୋ ମୋଜାରେ ଖାତା ନଂ-୪୬, ପ୍ଲଟ ନଂ-୪୦୨୦ ରେ ୩୪ ଡେସିମିଲ ଜମି ଥିଲା। ସେମାନଙ୍କ ମତ୍ୟୁ ପରେ ଉକ୍ତ ଜମି ଆଇନ ଅନୁଯାଇ ଉତ୍ତରାଧିକାରୀଙ୍କ ନାମକୁ ପରିବର୍ତ୍ତନ ହେବା କଥା  କିନ୍ତୁ, ଜମିର ସମସ୍ତ ଅଂଶୀଦାରଙ୍କ ଉତ୍ତରାଧିକାରୀଙ୍କ ନାଁ ବଦଳରେ ସଂଶୋଧିତ ପଟ୍ଟାରେ କେବଳ ସ୍ୱର୍ଗତ ହୃଷି ଜେନାଙ୍କ ବଡ଼ ପୁଅ ଲକ୍ଷ୍ମୀଧରଙ୍କ ନାଁ ଉଲ୍ଲେଖ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି ଅନ୍ୟ ଅଂଶୀଦାର ତଥା ସ୍ୱର୍ଗତ ଏକାଦଶୀ ଜେନାଙ୍କ ପୁଅ କାମ୍ପାଳ ଜେନା ଏହି ଘଟଣାରେ ହାଟଡିହି ତହସିଲର ତତ୍କାଳୀନ ତହସିଲଦାର ମନୋଜ କୁମାର କେରକେଟା, କିରାଣୀ ବସନ୍ତ କୁମାର ରାଉତ, ରେକର୍ଡ କିପର ମାନସ ପାଢ଼ୀ, ବଂଚୋ ରାଜସ୍ୱ ନିରୀକ୍ଷକ ଦିପ୍ତିମୟୀ ସାହୁଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। କିନ୍ତୁ ତହସିଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାଇ ଯେଉଁ ପଟ୍ଟା ଦିଆଯାଇଛି ତାହା ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ହୋଇଛି। ଏଥିପାଇଁ ଦୁଇ ଦୁଇ ଥର ନୋଟିସ ଜାରି ହେବା ସହ ଉକ୍ତ ଗ୍ରାମରେ ମଧ୍ୟ ନୋଟିସ ଲଟକା ଯାଇଥିଲା। ୨୦ରୁ ଉର୍ଦ୍ଧ ଗ୍ରାମବାସୀ ମଧ୍ୟ ସେହି ନୋଟିସରେ ଦାସ୍ତଖତ କରିଥିଲେ। କିନ୍ତୁ ସେତେବେଳେ କେହି ଅଭିଯୋଗ କଲେନି। ଅନ୍ୟ ପକ୍ଷରେ ପଟ୍ଟାଧାରୀ ଲକ୍ଷ୍ମୀଧର ଜେନା କହିଛନ୍ତି ଯେ ଖାତା ନଂ -୪୬ରେ ତିନୋଟି ପ୍ଲଟ ଥିବାବେଳେ ତିନି ଜଣ ସତ୍ୱାଧିକାରୀଙ୍କ ମଧ୍ୟରୁ ଦୁଇଜଣ ଦୁଇଟି ପ୍ଲଟ ବିକ୍ରୀ କରିଦେଇ ଥିଲେ। ଏ ଜମିଟି ତାଙ୍କ ଭାଗରେ ପଡିଥିବାରୁ ସେ ଦୀର୍ଘ ବର୍ଷ ଧରି ଦଖଲରେ ଅଛନ୍ତି। ତେଣୁ ନିଜ ନାମରେ ଜମିର ପଟ୍ଟା ପାଇବାକୁ ସେ ହାଇକୋର୍ଟରେ ଆଶ୍ରୟ ନେବାପରେ  କୋର୍ଟଙ୍କ ନିର୍ଦ୍ଦେଶ ବଳରେ ତହସିଲ ପକ୍ଷରୁ ମୋତେ ପଟ୍ଟା ଦିଆଯାଇଛି ବୋଲି କହିଛନ୍ତି।

## ସାପ କାମୁଡ଼ାରେ ଆଶା କର୍ମୀଙ୍କ ମୃତ୍ୟୁ
### ମେଡିକାଲରେ ଶବ ରଖି ପ୍ରତିବାଦ

ଧାମନଗର,(ସବ୍ୟୁ): ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ବାଣୁଆ ବସ୍ତିରେ ରହୁଥିବା ଜନୈକା ଆଶା କର୍ମୀ ଲିଳାବତୀ ଗୋଛାୟତଙ୍କ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ନିରୀହ ସ୍ୱାସ୍ଥ୍ୟ କର୍ମୀଙ୍କ ମୃତ୍ୟୁହୋଇଥିବା ଅଭିଯୋଗ କରି ଶନିବାର ସନ୍ଧ୍ୟାରେ ଧାମନଗର ମେଡିକାଲ ସମ୍ମୁଖରେ ଶବ ରଖି ପ୍ରତିବାଦ କରିଥିଲେ ଆଶାକର୍ମୀ । ସଠିକ ଚିକିତ୍ସା ନହେବାରୁ ଲିଳାବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବେଳକୁ ବେଳ ଗୁରୁତର ହେବାକୁ ଲାଗିଲା। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚିବା ବେଳକୁ ଲିଳାବତୀଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ରେଫର କରିଦେଲେ। କଟକ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଶା କର୍ମୀ ଲିଳାବତୀ ଜଣେ ମେଳାପି ଓ ପରୋପକାରୀ ମହିଳା ହୋଇଥିବାରୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କେତେକ କର୍ମଚାରୀ କଟକ ଯାଇ ଶବ ବ୍ୟବଚ୍ଛେଦ କରାଇ ଧାମନଗର ଆଣିବା ସହ ମେଡିକାଲ ସମ୍ମୁଖରେ ଶବ ରଖି ପ୍ରତିବାଦ କରିଥିଲେ।

## ଧରଣୀଧର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଉଚ୍ଚ ସ୍ତରୀୟ ଆଲୋଚନା

କେନ୍ଦୁଝର (ସବ୍ୟୁ) : କେନ୍ଦୁଝରର ପୁରାତନ ଧରଣୀଧର ମହାବିଦ୍ୟାଳୟ ସ୍ୱତନ୍ତ୍ରତା ଓ ବିଶ୍ୱବିଦ୍ୟାଳୟ ଠାରୁ ପୃଥକୀକରଣ ସଂପର୍କରେ  ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ  କେନ୍ଦୁଝର ଜିଲ୍ଲ ର ସାଂସଦ ବିଧାୟକ, ପୂର୍ବତନ ବିଧାୟକ ଓ ଶିକ୍ଷାବିତ,ସିଟିଜେନ ଫୋରମ ଓ ବୁଦ୍ଧିଜୀବୀ ତଥା ଅନ୍ୟାନ୍ୟ ସାମାଜିକ ସଂଗଠନର ସଦସ୍ୟମାନେ ସାମିଲ ଥିଲେ। ଏହି ସଭାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ତଥା ଉଚ୍ଚ ଶିକ୍ଷା ବିଭାଗ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ର ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା,ମମିତା ନାଏକ, ଉପାଧ୍ୟକ୍ଷ ମାନସ ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, , ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି , ଏ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗ  ନିର୍ଦ୍ଦେଶକ ସ୍ୱାଗତ ଭାଷଣ ପ୍ରଦାନ କଲାପରେ ଉଚ୍ଚ ଶିକ୍ଷା ବିଭାଗ ସଚୀବ ଅରବିନ୍ଦ ଅଗ୍ରୱାଲ ସଭା ସଂଯୋଜନା କରିଥିଲେ ।କେନ୍ଦୁଝର  ସାଂସଦ, ବିଧାୟକ , ପୂର୍ବତନ ବିଧାୟକ  ଜିଲ୍ଲାର ଏକମାତ୍ର ସରକାରୀ କଲେଜ  ଧରଣୀଧର ମହାବିଦ୍ୟାଳୟ ସ୍ୱତନ୍ତ୍ରତା ବଜାୟ ରଖିବାକୁ ସ୍ପଷ୍ଟ ମତ ପ୍ରଦାନ କରିଥିଲେ।କେନ୍ଦୁଝର ସିଟିଜେନ ଫୋରମ ତରଫରୁ ସଭାପତି ଡାକ୍ତର ଅରୁଣ କୁମାର ସାହୁ, ସଂପାଦକ ଅଜୟ କୁମାର ସାହୁ, ବରିଷ୍ଠ ସଦସ୍ୟ ରାମନାରାୟଣ ଦ୍ୱିବେଦୀ, କୃଷ୍ଣ ଚନ୍ଦ୍ର ମହାନ୍ତି, ଇ ପ୍ରଶାନ୍ତ ଦଳେଇ, ସୁରେଶ ଚନ୍ଦ୍ର ପଟ୍ଟନାୟକ , ଶିକ୍ଷାବିତ୍ ବର୍ଗ ରୁ ଅବସରପ୍ରାପ୍ତ ପ୍ରଫେସର ଡଃ ନିହାରୀ ମିଶ୍ର, ଡଃ ଗୟାଧର ଦାଶ, ଡଃ ଅନୀଲ ଦାସ, ଡଃ ବିପିନ ମହାପାତ୍ର, ଡଃ କାର୍ତ୍ତିକ ମିଶ୍ର, ସୁଧାକର ଦାଶ  ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ ।ପୂର୍ବ ସରକାରାର  ବିଶ୍ୱ ବିଦ୍ୟାଳୟ ଆଇନ ଉଲଂଘନ କର କେବଳ ଗୋଟିଏ ନୋଟିସ ବଳରେ ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟକୁ ଉନ୍ନୀତ କଲା ବୋଲି ଘୋଷଣା କରିଦେଇଥିଲେ। ଯାହା ଜିଲ୍ଲା ବାସୀଙ୍କୁ ଆଚମ୍ବିତ ଓ ଦୁଃଖିତ କରିଥିଲା।   ସଦର ନିର୍ବାଚନମଣ୍ଡଳୀର ବିଧାୟକ ତଥା ମୁଖ୍ୟମନ୍ତ୍ରୀ  ମୋହନ ମାଝୀ ପୂର୍ବ ସରକାରଙ୍କ ଭୂଲ ନିଷ୍ପତ୍ତି  ପରିର୍ତନ କରି  ଜିଲ୍ଲା ବାସୀଙ୍କ ଦାବୀ ଅନୁସାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସୁଲେଇଖମାରେ ସ୍ଥାପନର ନୂଆ ଘୋଷଣା ହେଉ। ସେଠାରେ ଭିତିଭୂମି ବିକାଶ ପାଇଁ ପ୍ରଶସ୍ତ ଜମି ରହିଛି। ଅପରପକ୍ଷରେ, ବିଶ୍ୱ ବିଦ୍ୟାଳୟ ତରଫରୁ ଉପକୁଳପତି, ଡଃ ସଞ୍ଜୟ କୁମାର ପାତ୍ର, ପୂର୍ବ ଉପକୁଳପତି ଡଃ ପଟନାୟକ ସରକାର ନୂତନ ଜାତୀୟ ଶିକ୍ଷା ନୀତି ଆଧାରରେ ବିଶ୍ୱ ବିଦ୍ୟାଳୟ ସ୍ଥାପନା କଲେ ଜିଲ୍ଲାବାସୀଙ୍କ ପାଇଁ ମଙ୍ଗଳକର ହେବ ବୋଲି ମତପୋଷଣ କରି ଥିଲେ। ଉକ୍ତ ଆଲୋଚନା ରେ ଉଚ୍ଚ ଶିକ୍ଷା ମନ୍ତ୍ରୀ,ସୁରଜ ଓ ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ  ଜିଲ୍ଲାବାସୀଙ୍କ ଭାବପ୍ରବଣତା ଓ ଉଚ୍ଚ ଶିକ୍ଷା ର ଭବିଷ୍ୟତ ଗତି ଓ ପ୍ରଗତି ମଧ୍ୟ ରେ ସମନ୍ୱୟ,ସନ୍ତୁଳନ ରକ୍ଷା କରି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବାକୁ ମତ ଦେଇଥିଲେ।ଶେଷରେ ଅତିରିକ୍ତ ଶାସନ ସଚିବ ଏମ ଏସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବେତନଟୀ ଅଞ୍ଚଳର ଲୋକେ ଖାଉଛନ୍ତି ନକଲି ବିଷାକ୍ତ ମଦ : ଅଭିଯୁକ୍ତ ଗିରଫ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଆହାରି ଗ୍ରାମରେ ଦୀର୍ଘଦିନ ଧରି ଚାଲି ଆସିଥିବା ନକଲି ବିଷାକ୍ତ ବିଦେଶୀ ମଦ ତିଆରି କାରଖାନା ଉପରେ ଚଢ଼ାଉକରି ବିପୁଳ ପରିମାଣର ବିଷାକ୍ତମଦ, ଖାଲି ମଦବୋତଲ ଏବଂ ନକଲି ଷ୍ଟାମ୍ପ ସମେତ ବିଭିନ୍ନ ସରଞ୍ଜାମ ଜବତ କରିଛି ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଜଣକ ହେଉଛି ଆହାରି ଗ୍ରାମର ବୁଦ୍ଧିରାମ ସିଂର ପୁଅ ସୋରେନ ଓରଫ ସୁରେନ ଓରଫ ସୁରେନ୍ଦ୍ର ସିଂ(୩୨) । ଆହାରି ଗ୍ରାମର ଅଭିଯୁକ୍ତ ସୁରେନ୍ଦ୍ର ସିଂ ନକଲି ବିଷାକ୍ତ ବିଦେଶୀମଦ ତିଆରି କରିବା ସହିତ ଆଖପାଖ ଅଞ୍ଚଳରୁ ଚାଲାଣ କରୁଥିବାର ଖବରପାଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ସଦର ୟୁନିଟ ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳ ଶୁକ୍ରବାର ସଦଳବଳେ ଆହାରି ଗ୍ରାମରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଅଭିଯୁକ୍ତ ସୁରେନ୍ଦ୍ର ନିକଟରୁ ବିଭିନ୍ନ ବିଦେଶୀମଦ କମ୍ପାନୀର ୬୪ଟି ଖାଲି ବୋତଲ, ୧୧୫୦ଟି ନକଲି ଷ୍ଟିକର, ୭୨୦ଟି ଠିପି ସମେତ ସ୍ପିରିଟ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ମିଶ୍ରଣରେ



ପ୍ରସ୍ତୁତ କରାଯାଇଥିବା ୯୮. ୯୩ଲିଟର ବିଷାକ୍ତ ବିଦେଶୀମଦ ଜବତ କରାଯାଇଥିଲା । ଏତେ ପରିମାଣର ନକଲି ବିଷାକ୍ତ ବିଦେଶୀମଦ ଦେଖି ଅବକାରୀ ଟିମ ତାଜୁବ ହୋଇଯାଇଥିବା ବେଳେ ଅବକାରୀ ବିଭାଗର ଏହି ଚଢ଼ାଉ ପରେ ବିଷାକ୍ତ ମଦ ମୃତ୍ୟୁ ଭଳି ଏକ ସମ୍ବେଦନଶୀଳ ଅଘଟଣକୁ ଏଡାଇ ଦିଆଯାଇ ପାରିଛି । ଏନେଇ ସଦର ଅବକାରୀ ୟୁନିଟ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ବେତନଟୀ ବ୍ଲକ ଅଧୀନର ବେତନଟୀ ଏବଂ ବୈଶିଙ୍ଗା ଥାନା ଅଧୀନ ବିଭିନ୍ନ ବଜାର , ପାନ ଦୋକାନ , ହାଟ , ଛକ , ମିଠା ଦୋକାନ ଏବଂ ଏହି ଭଳି ବିଭିନ୍ନ ଜାଗା ମାନଙ୍କରେ ଏହି ଭଳି ନକଲି ବିଷାକ୍ତ ମଦ ବିପୁଳ ପରିମାଣରେ ବିକ୍ରି ହେଉଥିବା ବେଳେ ବିଭାଗ ସବୁ ଜାଣି ମଧ୍ୟ ଚୁପ ରହିବା ଏକ ପ୍ରକାରର ଦେହସୁହା ହୋଇଗଲାଣି । ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଏହି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବନ ମହୋତ୍ସବରେ ୨ହଜାର ବୃକ୍ଷ ରୋପଣ

କରଞ୍ଜିଆ, ,(ସବ୍ୟୁ) :ଆଜି କରଞ୍ଜିଆ ବନ ଖଣ୍ଡ ଅନ୍ତର୍ଗତ କରଞ୍ଜିଆ ରେଞ୍ଜର ସାନଦେଉଳି ସରଂକ୍ଷିତ ଜଙ୍ଗଲ ରେ ୭୭ତମ ବନ ମହୋତ୍ସବ ପାଳନ ଅବସରରେ  ବନ ବିଭାଗ ତରଫରୁ ଓ ତାଲୁକ ଆଇନ ସେବା ସମିତି, କରଞ୍ଜିଆ  ପକ୍ଷରୁ ଦୁଇ ହଜାର ବୃକ୍ଷ ରୋପଣ କରାଯାଇଛି ।ଚଳିତ ବର୍ଷ ୧୦ହଜାର ହେକ୍ଟର ଜମିରେ  ୧୦ହଜାର ବୃକ୍ଷ ରୋପଣ କରଞ୍ଜିଆ ରେଞ୍ଜ ଭିତରେ ରୋପଣ କରିବାର ଲକ୍ଷ୍ୟ ରହିଛି ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ  ତଥା ଏ. ଡି. ଜେ. ଆଶିଷ କୁମାର ତ୍ରିପାଠୀ, ସବ ଜଜ



ଅମିତ ସ୍ୱରୂପ  କୁମାର ସେଠୀ, ଏସ. ଡି. ଜେ. ଏମ ପ୍ରଭାତ  ସାମଲ ଓ କର୍ମଚାରୀ ମାନଙ୍କ ଭିତରେ, ଅର୍ଚନା ସାହୁ, ନାରାୟଣ ସାହୁ, ବିଭୁ ପ୍ରକାଶ ମହାନ୍ତି, ଶାନ୍ତନୁ ପତ୍ର, ସମେତ ଅନ୍ୟାନ୍ୟ କର୍ମଚାରୀ, ଓକିଲ ମଧ୍ୟରେ ବିଶ୍ୱଜିତ ଚୌଧୁରୀ ଦିବ୍ୟ ସାହୁ, ଅଭିଜିତ ମହାନ୍ତ  ସାମ୍ବାଦିକ ଗ୍ରାମବାସୀ ଏହି ରୋପଣ କାଯ୍ୟରେ ସହଯୋଗ କରିଥିଲେ ଚାରା ମଧ୍ୟରେ ଜାମୁ, ନିମ୍ବ, କରଞ୍ଜ, ଆସନ, ଅଁଳା, ଶିଶୁ, କୋଷି ଚାରା ରୋପଣ ହୋଇଥିଲା ।ଏହି ଚାରା ରୋପଣ କାଯ୍ୟରେ ସମ୍ବାଦ ସାହିତ୍ୟ ଘର ତରଫରୁ ମଧ୍ୟ ରୋପଣ କାଯ୍ୟରେ ସହଯୋଗ କରାଯାଇଥିଲା ।ବନ ବିଭାଗର  ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଫୋରେଷ୍ଟର ବିଜୟ ମହାନ୍ତ,  ସୁଜିତ ମହାନ୍ତ, ଖୁଲଣା ଦେଓ, ବନ ସୁରକ୍ଷା ସମିତି ର ବୁଧିଆ ନାୟକ ପ୍ରମୁଖ  ବୃକ୍ଷ ରୋପଣ କରିଥିଲେ ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଉଦଘାଟନ ସମାରୋହ

ବାଲେଶ୍ୱର,(ସବ୍ୟୁ): ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ଶୁଭ ଉଦଘାଟନ ସମାରୋହ ଆୟୋଜିତ ହୋଇଥିଲା। ଚଳିତ ବର୍ଷର  ବିଷବସ୍ତୁ ପିଲାଙ୍କ ଜନ୍ମରେ ରଖନ୍ତୁ ଉଚିତ ବ୍ୟବଧାନ, ସୁସ୍ଥ ଏବଂ ସୁଖୀ ହେବ ପାରିବାରିକ ଜୀବନ। ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ସହରାଞ୍ଚଳର ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପିଲା ଜନ୍ମ ମଧ୍ୟରେ ବ୍ୟବଧାନ ରଖିବା ଅତ୍ୟନ୍ତ ଜରୁରୀ ବୋଲିକହିଥିଲେ । ଜିଲ୍ଲା ମେଡିକାଲ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ଏହି ଅଭିଯାନ ଜୁଲାଇ ୧୧ ରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମଧ୍ୟରେ ଯେଉଁ ସ୍ୱାମୀ ଏବଂ ସ୍ତ୍ରୀଙ୍କର ପରିବାର ସମ୍ପୂର୍ଣ ହୋଇ ସାରିଥିବା ସେମାନଙ୍କୁ ସ୍ଥାୟୀ ପଦ୍ଧତି ଯଥା ପୁରୁଷ ବନ୍ଧ୍ୟାକରଣ ଏବଂ ମହିଳା ବନ୍ଧ୍ୟାକରଣ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ ଡାକ୍ତର ସଂଜୀବ ପ୍ରଧାନ ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁକୁ ରୋକିବା ନିମନ୍ତେ ସ୍ଥାୟୀ ଏବଂ ଅସ୍ଥାୟୀ ପଦ୍ଧତି ଉପରେ ଲୋକଙ୍କୁ ସଚେତନତା କରିବା ଉପରେ ଆଲୋକ ପାତ କରିଥିଲେ। ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ଡ଼ି ଏମ ଆର ସି ଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ

ଭଦ୍ରକ,(ସବ୍ୟୁ): ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ,ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଘରୋଇ ତାର ସଂଯୋଗୀକରଣ ସମ୍ପର୍କିତ  ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥି ନିମିତ୍ତ ସଚେତନତା କରାଯାଇଥିଲା।  ଜିଲ୍ଲା ଆଇନ୍ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ,ଜିଲ୍ଲା କାରାଗାର,ଭଦ୍ରକ,ଅଧୀକ୍ଷକ ଭଦ୍ରକ ବିକାଶ ସେଠୀ,ଜିଲ୍ଲା ଦକ୍ଷତା ଓ ବିକାଶ ନିଯୋଜନ ଅଧିକାରୀ,ଭଦ୍ରକ ଅନିତା ନାୟକ,ପ୍ରଶିକ୍ଷକ ପଙ୍କଜ ଦାସ ଏବଂ ଯୁବ ପରାମର୍ଶଦାତା ଭିନିତ ଶେଖର,ଏଲଏଡିସି ମୁଖ୍ୟ ନାରାୟଣ ପ୍ରସାଦ ବେହେରା,ସହାୟକ ତାପସ କୁମାର ମହାନ୍ତି  ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ କାରାଗାରର ଅନ୍ତେବାସୀମାନଙ୍କୁ ଆଇନଗତ ସହାୟତାର ଅଧିକାର ଏବଂ ଆଇନଗତ ସହାୟତା ପାଇଁ ଆବେଦନ କରିବାର ପ୍ରକ୍ରିୟା,ବିଚାରର ପର୍ଯ୍ୟାୟ ଏବଂ ବିଚାରର ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ଅଧିକାର ତଥା ମହମ୍ମଦ ଅହମ୍ମଦ ଖାନ-ବିପକ୍ଷ-ଶାହ ବାନୋ ବେଗମ କେସରେ  ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୁଭୋକୋର  ନୂଆ ଲିମ୍ଲା ସିମେଣ୍ଟ ପ୍ଲାଣ୍ଟର ଉଦ୍ଘାଟନ

ଯୋଡା(ସବ୍ୟୁ): ଭାରତର ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗୁଜରାଟର ସୁରତରେ ଏହାର ଲିମ୍ଲା ସିମେଣ୍ଟ ପ୍ଲାଣ୍ଟ(ଏଲସିପି)ର ଉଦ୍ଘାଟନ କରିଛି ଯାହାକି ବଦରାଜ ସିମେଂଟ ଲିମିଟେଡ (ଭିସିଏଲ)ର ଅନ୍ୟତମ ପ୍ରମୁଖ ଉତ୍ପାଦନ କାରଖାନା ଅଟେ ।କମ୍ପାନୀ ବଦରାଜ ସିମେଣ୍ଟ ଲିମିଟେଡ (ଭିସିଏଲ)ର ଅଧିଗ୍ରହଣ ସମ୍ପୂର୍ଣ୍ଣ କରିଛି, ଯାହା ଜୁନ୍ ୨୦୨୫ରେ ୧୮୦୦ କୋଟି ଟଙ୍କା ବିନିମୟରେ କର୍ପୋରେଟ ଇନ୍ସଲ୍ଭେନ୍ସି ରିଜୋଲ୍ୟୁଶନ ପ୍ରୋସେସ (ସିଆଇଆରପି)ର ସମ୍ମୁଖୀନ ହୋଇଥିଲା । ଭିସିଏଲର ସମ୍ପତି ଆଧାରରେ କଚ୍ଛ ଓ ଲିମ୍ଲା, ସୁରତରେ ଏକ କ୍ଲିଙ୍କର ୟୁନିଟ ଓ ଏକ ଗ୍ରାଇଣ୍ଡିଙ୍ଗ ୟୁନିଟ ସାମିଲ ରହିଛି । ଭିସିଏଲର ଏକ ଉଚ୍ଚମାନର କ୍ୟାପ୍ଟିଭ ଲାଇମଷ୍ଟୋନ ରିଜର୍ଭ ଓ କଚ୍ଛରେ ଏକ କ୍ୟାପ୍ଟିଭ ଜେଟି ରହିଛି ଯାହା ପରିବହନ ଦକ୍ଷତା ବୃଦ୍ଧି କରିଛି । ଏହି ସମ୍ପତିଗୁଡିକୁ ଅଧିଗ୍ରହଣ କରିବା ପରଠାରୁ ନୁଭୋକୋ ଉଭୟ ସାଇଟରେ  ଏକ ପୁନରୁଦ୍ଧାର, ନବୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ପରିଚାଳନା କରିଥିଲା ଯାହା ଲିମ୍ଲା ଫ୍ୟାସିଲିଟିରେ ଆଜିର ଶୁଭାରମ୍ଭରେ ପରିଣତ ହୋଇଛି ।ଏହି ସଫଳତାକୁ ପାଳନ କରି, ନୁଭୋକୋ ଭିସ୍ତାସ୍ କର୍ପୋରେସନ୍ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କୃଷ୍ଣସ୍ୱାମୀ କହିଛନ୍ତି, ଲିମଲା ଗ୍ରାଇଣ୍ଡିଂ ୟୁନିଟ୍ (ସୁରତ)ର ଉଦଘାଟନ ନୁଭୋକୋର ଅଭିବୃଦ୍ଧି ଯାତ୍ରାରେ ଏକ ନିର୍ଣ୍ଣାୟକ ସଫଳତାକୁ ସୂଚିତ କରୁଛି ଏବଂ ଶୃଙ୍ଖଳିତ, ମୂଲ୍ୟ-ଆଧାରିତ ସମ୍ପ୍ରସାରଣ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ।

## ଡାକ୍ତରମାନେ ଅର୍ଥପ୍ରତି ଲାଳାୟିତ ନହୋଇ ସେବାବ୍ରତୀ ହୁଅନ୍ତୁ

କେନ୍ଦୁଝର ,(ଜିପ୍ର) :ଭଦ୍ରକ ଆଇଏମଏ ପକ୍ଷରୁ ଡାକ୍ତର ଦିବସ ପାଳିତ ହୋଇଛି । ଆଇଏମଏ ଜିଲ୍ଲା ସଭାପତି ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଆଇଏମଏର ରାଜ୍ୟ ଉପସଭାପତି ବରିଷ୍ଠ ଡାକ୍ତର ସୁଧାରଞ୍ଜନ ନାୟକ ଡାକ୍ତର ଦିବସର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଓଡିଶା ଆଇଏମଏ ଶାଖାର ସଭାପତି ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବର୍ତ୍ତମାନ ଲୋକ ସଂଖ୍ୟା ତୁଳନାରେ ରୋଗୀଙ୍କ ଚିକିତ୍ସା ନିମନ୍ତେ ଡାକ୍ତର ଅଭାବ ଜନିତ ସମସ୍ୟା ଜଟିଳ ଅବସ୍ଥା ସୃଷ୍ଟି କରୁଛି ବୋଲି କହିଥିଲେ । ପଦ ପୂରଣ ଲାଗି ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ଓଡିଶା ଆଇଏମଏ ଶାଖାର ସଭାପତି ଡାକ୍ତର ନାୟକ କହିଥିଲେ । ଭଦ୍ରକ ସିଡିଏମଓ ବରିଷ୍ଠ ଡାକ୍ତର ପ୍ରମୋଦ ପହରାଜ ମଧ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତର ରାୟଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତାର ଉଦାହରଣ ଦେଇ ଉପସ୍ଥିତ ଡାକ୍ତର ମାନଙ୍କୁ ନିଜର ଦାୟିତ୍ୱ, କର୍ତ୍ତବ୍ୟ ଓ ସମୟାନୁବର୍ତ୍ତିତା ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ସଭାରେ ଭଦ୍ରକ ଆଇଏମଏ ଶାଖାର ସମ୍ପାଦକ ବରିଷ୍ଠ ଡାକ୍ତର ରଞ୍ଜିତ ଖଟୁଆ, କୋଷାଧ୍ୟକ୍ଷ ବରିଷ୍ଠ ଡାକ୍ତର ଜ୍ଞାନକେତନ ମହାନ୍ତି ଉପସ୍ଥିତ ଥିଲେ । ଡାକ୍ତର ଦିବସରେ ଶାନ୍ତିଲତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଡାକ୍ତର ଜି ସି ଜେନାଙ୍କୁ ଡାକ୍ତର ଗଜେନ୍ଦ୍ର ସାମଲ ମେମୋରିଆଲ ସମ୍ମାନ, ନର୍ସିଂ ଅଫିସର ସୌଦାମିନୀ ଦାସ, ଭଦ୍ରକ ଆଇଏମଏ ସୂର୍ଯ୍ୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇ ଥିଲା । ରୋଟାରୀ କ୍ଲବ ତରଫରୁ ଶିଶୁ ବିଶେଷଜ୍ଞ ବରିଷ୍ଠ ଡାକ୍ତର ଶତ୍ରୁଘ୍ନ ହାତୀଙ୍କୁ ସମ୍ମାନିତ କରାଯାଇଥିଲା ।

## ରୁକ୍ମଣୀ ମିଶ୍ରଙ୍କୁ ଅବସର ସମ୍ବର୍ଦ୍ଧନା

ଠାକୁରମୁଣ୍ଡା ,(ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ନିହାଣଗଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରୁକ୍ମଣୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଦାୟୀ ଶିକ୍ଷୟିତ୍ରୀ ରୁକ୍ମଣୀ ମିଶ୍ରଙ୍କୁ ମାନପତ୍ର, ପୁଷ୍ପ ଗୁଚ୍ଛ ଏବଂ ଅନ୍ୟାନ୍ୟ ଉପକରଣ ଦେଇ ସମ୍ମାନିତ କରାଯାଇଥିଲା । ସହକାରୀ ଶିକ୍ଷକ ନୀଳମାଧବ ମହାନ୍ତି ମାନପତ୍ର ପାଠ କରିଥିଲେ । ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ଶିକ୍ଷକ ଏକ ଚାକିରୀ ନୁହେଁ ବରଂ ଦାୟିତ୍ୱ ବୋଲି କହିଥିଲେ ।।ରୁକ୍ମଣୀ ମିଶ୍ର ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରି ସମସ୍ତଙ୍କର ଆଦର ପାଇ



ଅବସର ନେଇଥିବାରୁ ତାଙ୍କୁ ଭାଗ୍ୟବାନ ବୋଲି କହିଥିଲେ ମୁଖ୍ୟ ବକ୍ତା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଦିକନ୍ଦ ବେହେରା ଯୋଗଦେଇ ରୁକ୍ମଣୀ ମିଶ୍ରଙ୍କ ସୁ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଞ୍ଚାନନ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅନନ୍ତ ପାଲଟା ଉଦବୋଧନ ଦେଇ ରୁକ୍ମଣୀ ମିଶ୍ରଙ୍କ ଜୀବନ, ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତର ଦେଇ ରୁକ୍ମଣୀ ମିଶ୍ର କହିଲେ ସେ ଅବସର ନେଲେ ସତ କିନ୍ତୁ ଶରୀର ଯାଇଛି ଆତ୍ମା ପିଲାଙ୍କ ସହ ରହିଯାଇଛି । ଦୀର୍ଘ ବର୍ଷ ସମ୍ପୃକ୍ତ ସ୍କୁଲରେ ରହିବା ଫଳରେ ତାଙ୍କର ସ୍କୁଲ ସହ ଯେଉଁ ଆତ୍ମୀୟତା ରହିଛି ତାହା ଅବର୍ଣ୍ଣନୀୟ ।।ସଭା ଆରମ୍ଭରେ ସିଆରସି ତପନ କୁମାର ପଣ୍ଡା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ଶିକ୍ଷୟିତ୍ରୀ ଖୁଲଣା ସୁନ୍ଦରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀର୍ଘଦିନର ସମସ୍ୟାର ସମାଧାନ କଲେ ବିଧାୟକ

ନୀଳଗିରି ,(ସବ୍ୟୁ): -ଏକ ରାସ୍ତା ନିର୍ମାଣ ସମସ୍ୟା ବର୍ଷ ବର୍ଷ ଧରି ପଡ଼ିଥିବା ବେଳେ ଗୁରୁବାର ଦିନ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ ସ୍ଥାନୀୟ ପ୍ରଶାସନ ଓ ପୋଲିସ ସହାୟତାରେ ସମସ୍ୟାର ସମାଧାନ କରିବା ଅଂଚଳରେ ଅଞ୍ଚଳବାସୀ ବେଶ୍ ଖୁସି ଥିବା ବେଳେ ବିଧାୟକଙ୍କୁ ସାଧୁବାଦ୍ ଜଣାଇଛନ୍ତି। ନିଳଗିରି ବ୍ଲକର ଗରଡ଼ିହି ପଞ୍ଚାୟତ ଅନ୍ତର୍ଗତ ତେଲିପାଳ ରୁ ଇସାନେଣ୍ଡି ପର୍ଯ୍ୟନ୍ତ ଆର.ଡି. ରାସ୍ତାର ଦୀର୍ଘବର୍ଷ ଧରି ବାଦ ବିବାଦ ମଧ୍ୟରେ ଅଟକି ରହିଥିଲା। ଶେଷରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏହାର ସମାଧାନ କରିବା ସହ ନିଜେ ହାତରେ କୋଦାଳ ଧରି ରାସ୍ତା କାମ ଆରମ୍ଭ କରିଛନ୍ତି। ଏହି ରାସ୍ତା ନିର୍ମାଣ ହେବା ଫଳରେ ହଜାର ହଜାର ଲୋକ ଉପକୃତ ହେବେ ବୋଲି ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ ସମସ୍ୟା ମୋର ସମସ୍ୟା ନୀଳଗିରିର ପ୍ରତ୍ୟେକ ଗ୍ରାମର ବିକାଶ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ ଶ୍ରୀ ଖଟୁଆ ପ୍ରକାଶ କରିଛନ୍ତି।

ଅଭିନବ ସମୟ


# ସଂଗ୍ରାମ ଓ ସାମାଜିକ ସଂଘର୍ଷର ଅଦ୍ୱିତୀୟ ଉପନ୍ୟାସ 'ଘରଡିହ'

## ପୁନରାବଲୋକନ-୨୦



**ଭାସ୍କର ପରିଚ୍ଛା**

ନିତ୍ୟାନନ୍ଦ ମହାପାତ୍ର ଏକାଧାରାରେ ଥିଲେ ଜଣେ ଔପନ୍ୟାସିକ, ଗାଳ୍ପିକ, କବି, ସାମ୍ବାଦିକ ତଥା ରାଜନୀତିଜ୍ଞ । ଓଡ଼ିଆ ପତ୍ରିକା 'ଡଗର'ର ସମ୍ପାଦକ ଭାବରେ ସେ ଲୋକପ୍ରିୟ ଥିଲେ । ତାଙ୍କ ରଚିତ ଉପନ୍ୟାସ ଭିତରେ 'ଭଙ୍ଗାହାଡ଼', 'ଘରଡିହ', 'ହିଡ଼ମାଟି', 'ଜୀବନର ଲକ୍ଷ୍ୟ', 'ଜୀଅନ୍ତା ମଣିଷ', 'ଜଳନ୍ତା ନିଆଁ', 'ସୁଖର ସନ୍ଧାନେ' ଇତ୍ୟାଦି ଉଲ୍ଲେଖଯୋଗ୍ୟ । ତାଙ୍କ କଥା ସାହିତ୍ୟରେ ଗଭୀର ମାନବିକତାର ପରିଚୟ ମିଳେ । ଆବେଗପୂର୍ଣ୍ଣ ତଥା ମାନବଧର୍ମୀ ବର୍ଣ୍ଣନାରୀତି ତାଙ୍କ ରଚନାର ବିଶେଷତ୍ୱ ।



ନିତ୍ୟାନନ୍ଦ ମହାପାତ୍ରଙ୍କ 'ଘରଡିହ' ପ୍ରାୟ ଦୁଇ ଦଶନ୍ଧି (୧୯୪୨-୧୯୬୧) ବ୍ୟାପୀ ସମୟକୁ ଆଧାର କରି ରଚିତ । ଅର୍ଥାତ୍ 'ଭାରତ ଛାଡ଼' ଆନ୍ଦୋଳନରୁ ଆରମ୍ଭ କରି ଚୀନ୍ ଆକ୍ରମଣର ପୂର୍ବବର୍ତ୍ତୀ ସମୟ ପର୍ଯ୍ୟନ୍ତ ଭାରତର ଐତିହାସିକ ପରିବର୍ତ୍ତନ ଏହି ଉପନ୍ୟାସର ପୃଷ୍ଠଭୂମି । ଏହି ସମୟରେ ଓଡ଼ିଶାର ଗ୍ରାମୀଣ ଜୀବନରେ ଘଟିଥିବା ଗଭୀର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନକୁ ଔପନ୍ୟାସିକ ସଫଳ ଭାବରେ ଚିତ୍ରଣ କରିଛନ୍ତି । ପାରମ୍ପରିକ ଗ୍ରାମ ବ୍ୟବସ୍ଥା, ମାନବୀୟ ସମ୍ପର୍କ, ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ସଂହତି କିପରି ନୂତନ ସମୟର ଚାପରେ ପୁନର୍ନିର୍ଦ୍ଧାରିତ ହେଲା ଏବଂ ଗ୍ରାମ ଜୀବନର ଏକତା କିପରି ବିପନ୍ନ ହେଲା, ତାହା ଏହି କୃତିର ମୂଳ ବିଷୟ ।

ଉପନ୍ୟାସର ନାୟକ ଜଣେ ସାଧାରଣ ଗ୍ରାମବାସୀ । ଜୀବିକାର ସନ୍ଧାନରେ ସେ କୋଡ଼ିଏ ବର୍ଷ ପୂର୍ବେ ଗାଁ ଛାଡ଼ିଥିଲେ । ଦୀର୍ଘ ସମୟ ପରେ ଫେରି ଆସି ସେ ଦେଖନ୍ତି, ସବୁକିଛି ବଦଳି ଯାଇଛି । ଜମି ହାତଛଡ଼ା ହୋଇଯାଇଛି, ପତ୍ନୀ ଆଉ ତାଙ୍କ ସହିତ ନାହାନ୍ତି ଏବଂ ସେ ନିଜ ଗାଁରେ ହିଁ ନିଃସ୍ୱ, ଶୋଷିତ ଓ ପରିତ୍ୟକ୍ତ ମଣିଷରେ ପରିଣତ



ହୋଇ ଯାଇଛନ୍ତି । ସମ୍ମାନ ଓ ଆତ୍ମପରିଚୟର ପୁନରୁଦ୍ଧାର ପାଇଁ ତାଙ୍କର ସଂଘର୍ଷ କେବଳ ବ୍ୟକ୍ତିଗତ ନୁହେଁ, ଏହା ସ୍ୱାଧୀନତା ପରବର୍ତ୍ତୀ ଗ୍ରାମୀଣ ସମାଜର ବିଚ୍ଛିନ୍ନତାବୋଧ ଓ ସଙ୍କଟର ଏକ ପ୍ରତୀକାତ୍ମକ ରୂପ ମଧ୍ୟ ।

ଗ୍ରାମୀଣ ଜୀବନର ଏହି ଗଭୀର ଓ ବାସ୍ତବଧର୍ମୀ ଚିତ୍ରଣ ପାଇଁ 'ଘରଡିହ' ୧୯୮୭ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା ।

ଉପନ୍ୟାସର ଏକ ପ୍ରମୁଖ ବିଷୟ ହେଉଛି ଔପନିବେଶିକ ଶାସନ ବିରୋଧୀ ସଂଗ୍ରାମରୁ ସ୍ୱାଧୀନତା ପରବର୍ତ୍ତୀ ବାସ୍ତବତା ପର୍ଯ୍ୟନ୍ତ ଆମର ସାମାଜିକ ଜୀବନ ଯାତ୍ରା । ସ୍ୱାଧୀନତା ଏକ ନ୍ୟାୟଭିତ୍ତିକ ଓ ସମତାମୂଳକ ସମାଜର ସ୍ୱପ୍ନ ଦେଖାଇଥିଲେ ମଧ୍ୟ, ଗ୍ରାମୀଣ ଜୀବନରେ ସେହି ଆଶା ପୂରଣ ହୋଇ ନଥିଲା । ଦାରିଦ୍ର୍ୟ, ଅସମାନତା, ଶୋଷଣ ଓ ସାମାଜିକ ବିଘଟନ ସ୍ୱାଧୀନତାର ଆଦର୍ଶକୁ ପ୍ରଶ୍ନବିଦ୍ଧ କରିଥିଲା ।

'ଘରଡିହ' ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଚାପରେ ପରିବର୍ତ୍ତିତ ହେଉଥିବା ଏକ ଓଡ଼ିଆ ଗ୍ରାମର ସଜୀବ ଚିତ୍ର ପ୍ରଦାନ କରେ । ପାରମ୍ପରିକ କ୍ଷମତା-କେନ୍ଦ୍ର, ସମ୍ପର୍କ, ଜମିର ମାଲିକାନା ଓ ସାମାଜିକ ଗଠନ ଧୀରେ ଧୀରେ ଭାଙ୍ଗିପଡ଼ି ନୂତନ ପ୍ରଭାବଶାଳୀ ଶକ୍ତି ଓ ଶୋଷଣ ବ୍ୟବସ୍ଥାର ଉଦ୍ଭବ ଘଟେ । ଏଠାରେ ଗ୍ରାମ କେବଳ ପୃଷ୍ଠଭୂମି ନୁହେଁ ଏହା ସାମାଜିକ ସଂଘର୍ଷ ଓ ପରିବର୍ତ୍ତନର ଏକ ସକ୍ରିୟ କ୍ଷେତ୍ର ।

'ଭାରତ ଛାଡ଼' ଆନ୍ଦୋଳନ, ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ, ସ୍ୱାଧୀନତା ଏବଂ ରାଷ୍ଟ୍ର ଗଠନର ପ୍ରାରମ୍ଭିକ ପର୍ଯ୍ୟାୟ-ଏସବୁ ଘଟଣା କିପରି ସାଧାରଣ ଲୋକଙ୍କ ଜୀବନ, ଜୀବିକା, ପାରିବାରିକ ସମ୍ପର୍କ ଓ ସାମାଜିକ ମୂଲ୍ୟବୋଧକୁ ପ୍ରଭାବିତ କରେ, ଉପନ୍ୟାସଟିରେ ତାହାର ସୂକ୍ଷ୍ମ ଚିତ୍ରଣ ରହିଛି । ବୃହତ ଐତିହାସିକ ଘଟଣା ଓ ବ୍ୟକ୍ତିଜୀବନର ଅନ୍ତଃସମ୍ପର୍କ ଏଠାରେ ସ୍ପଷ୍ଟ ହୋଇଉଠେ ।

ଏହି ଉପନ୍ୟାସ କେବଳ ସାମାଜିକ ବାସ୍ତବତାର ଦଲିଲ ନୁହେଁ ଏହା ଏକ ଐତିହାସିକ ସ୍ମୃତିର ଆଖ୍ୟାନ । ପ୍ରାୟ ଦୁଇ ଦଶନ୍ଧିର ପରିବର୍ତ୍ତନକୁ ଅନୁସରଣ କରି ଏହା ସମାଜର ଆଶା, ଆଶଙ୍କା, କ୍ଷତି ଓ ମାନସିକ ରୂପାନ୍ତରକୁ ସଂରକ୍ଷିତ କରିଛି । ଇତିହାସର ଶୁଷ୍କ ଘଟଣାବଳୀକୁ ଅତିକ୍ରମ କରି ଏହା ମଣିଷର ଅନୁଭବର ଇତିହାସକୁ ଉପସ୍ଥାପନ କରେ ।

ଉପନ୍ୟାସର ନାୟକଙ୍କ ଗ୍ରାମକୁ ପ୍ରତ୍ୟାବର୍ତ୍ତନ, ବିସ୍ଥାପନ ଓ ପରିଚୟ ସଙ୍କଟର ପ୍ରତୀକ । ନିଜ ସମାଜରେ ସ୍ଥାନ ହରାଇଥିବା ଜଣେ ମଣିଷର ଯନ୍ତ୍ରଣା ମାଧ୍ୟମରେ ଲେଖକ ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ସାଧାରଣ ଲୋକଙ୍କ ଅସହାୟତା ଓ ଅସ୍ତିତ୍ୱର ସଙ୍କଟକୁ ଚିତ୍ରିତ କରିଛନ୍ତି ସଫଳତାର ସହିତ ।

ଆଧୁନିକ ଓଡ଼ିଆ ସାହିତ୍ୟରେ 'ଘରଡିହ' ବାସ୍ତବବାଦ, ଆଞ୍ଚଳିକ ଇତିହାସ ଓ ରାଜନୈତିକ ସଚେତନତାର ଏକ ଉଲ୍ଲେଖନୀୟ ସମନ୍ୱୟ । ନିତ୍ୟାନନ୍ଦ ମହାପାତ୍ର ଗ୍ରାମକୁ ଭାରତର ବ୍ୟାପକ ଐତିହାସିକ ପରିବର୍ତ୍ତନର ଏକ କ୍ଷୁଦ୍ର ପ୍ରତିରୂପରେ ପରିଣତ କରିଛନ୍ତି, ଯେଉଁଠାରେ ଜାତୀୟତାବାଦ, ସାମାଜିକ ସ୍ତର ବିନ୍ୟାସ, ଅର୍ଥନୈତିକ ରୂପାନ୍ତର ଓ ମଣିଷର ଜୀବନ ସଂଘର୍ଷ ପରସ୍ପର ସହ ଜଡ଼ିତ । ତେଣୁ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ଗ୍ରାମୀଣ ସମାଜର ପରିବର୍ତ୍ତନକୁ ବୁଝିବା ପାଇଁ ଏହି ଉପନ୍ୟାସ ଏକ ମୂଲ୍ୟବାନ ସାହିତ୍ୟିକ ଦଲିଲ ।

'ଘରଡିହ' ପ୍ରମାଣ କରେ ଯେ, ଔପନିବେଶିକ ଶାସନର ଅବସାନ ଓ ସ୍ୱାଧୀନ ଭାରତର ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶାର ଗ୍ରାମୀଣ ସମାଜରେ ଜାତୀୟତାବାଦ, ସାମାଜିକ ସ୍ତରବିନ୍ୟାସ, ଅର୍ଥନୈତିକ ପରିବର୍ତ୍ତନ ଓ ଦୈନନ୍ଦିନ ଜୀବନ ସଂଘର୍ଷ ନୂତନ ରୂପରେ ପୁନର୍ଗଠିତ ହୋଇଥିଲା ।

'ଘରଡିହ' ଉପନ୍ୟାସ ହେଉଛି ଲେଖକଙ୍କ 'ହିଡ଼ମାଟି', 'ଭଙ୍ଗାହାଡ଼'ର ତୃତୀୟ ଭାଗ । ଲେଖକ ଜଣେ ପୂର୍ବତନ ମନ୍ତ୍ରୀ ହୋଇଥିଲେ ମଧ୍ୟ ଧାର କରଜ କରି ଏହି ବିରାଟ ଉପନ୍ୟାସଟିକୁ ବହୁ କଷ୍ଟରେ ପ୍ରକାଶ କରିଥିଲେ । ପରେ ଏହି ତିନୋଟି ଉପନ୍ୟାସକୁ 'ଉପନ୍ୟାସ ତ୍ରୟୀ' ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍କାଳୀନ ସଚିବ ବିଜୟ ନାୟକ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକତ୍ର ପ୍ରକାଶ କରିଥିଲେ ।

ସ୍ୱର୍ଗୀୟ ସାହିତ୍ୟିକ ଆଚାର୍ଯ୍ୟ ଭାବାନନ୍ଦ ଏହି ପୁସ୍ତକ ପ୍ରକାଶନ ଲାଗି ସହାୟତା ପ୍ରଦାନ କରିଥିଲେ । ଏହି ପୁସ୍ତକର ବଙ୍ଗଳା ଅନୁବାଦ କରିଛନ୍ତି ସୁଖେନ୍ଦୁ ମୋହନ ଦାସ (ଏବେ ସେ ସ୍ୱର୍ଗରେ) 'ଭିଟେ' ନାମରେ । ସାହିତ୍ୟ ଏକାଡେମୀ ତାହାର ପ୍ରକାଶନ କରିଛନ୍ତି । କିନ୍ତୁ 'ହିଡ଼ମାଟି', 'ଭଙ୍ଗାହାଡ଼'କୁ ମିଶାଇ ହିନ୍ଦୀରେ 'କାଳଚକ୍ର' ନାମରେ ଗୋଟିଏ ଉନପ୍ୟାସର ଅନୁବାଦ କରିଛନ୍ତି ଡକ୍ଟର ଶଙ୍କରଲାଲ ପୁରୋହିତ ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

## ଏ ସପ୍ତାହର ତିନୋଟି କବିତା



### ଅଜଣା ଠିକଣା



**ଯଶୋଧାରା ଦାସ**

ଯାହାର ଠିକଣା ଜଣା ନାହିଁ ମୋତେ
ବାରବାର ତାକୁ ଖୋଜେ କାହିଁପାଇଁ ମୁହିଁ ?
ଛୋଟ କାଗଜରେ ବଙ୍କା ଅକ୍ଷରରେ
ତା ଠିକଣା ଲେଖି ଦେଇଥିଲା ଦିନେ ଯିଏ
ଝଡ଼ର ରାତିରେ ସେ କାଗଜ ଗଲା ହଜି
ତଥାପି କାହିଁକି ବାରବାର ଏଠି
ଖୋଜେ ମୁଁ ତାହାକୁ ହଜିଗଲା ଯିଏ ଆଜି ।

ଏ ସହରେ କୁହ କିଏ ବା କାହାକୁ ଜାଣେ ?
'ଭାତ'ର ଚିନ୍ତାରେ ସଭିଏଁ ତ ଏଠି ବ୍ୟସ୍ତ
ସକାଳରୁ ସଞ୍ଜ ଯାଏଁ
କିଏ ବା କହିବ କାହାକୁ କି ଅଛି ତର
ଠିକଣା ହଜାଇ ଖୋଜିବାର ସୁଖ
କିଏ ବା ପାରିବ ଜାଣି
ଦିନ ଆଲୁଅରେ
ଦୀପଶିଖା ଧରି କିଏ ବା ପାରିବ ଚାଲି ?

**(ଜଣେ ସୁପରିଚିତା କବି, ପୂର୍ବତନ ଅଧ୍ୟାପିକା ଓ ସମାଜସେବୀଙ୍କ 'ଲୁହର ମୁକୁଟ 'କବିତା ପୁସ୍ତକରୁ ଏହି କବିତାଟି ଲେଖିକାଙ୍କ ଇଚ୍ଛାନୁଯାୟୀ ଉଦ୍ଧୃତ । )**



### ସମୟ ବୁଝି



**ଗଜାନନ ମିଶ୍ର**

ଯିବା ଫେରିବା ବାଟେ ଅବାଟେ
ଗୁରୁତ୍ୱପୂର୍ଣ୍ଣ
ଯିବା ଫେରିବାବେଳେ
ବାଟ ଅବାଟ ଜାଣିବା ଜରୁରୀ ।
ସମୟ କଣ ବୁଝି ସୁଝି
ରାତିରେ ଦିନରେ ସତର୍କ
ନ ରହିଲେ ଦୋଷ କାହାର !

ଅନ୍ୟ ବାଟ ନାଇଁ, ଘୂରାଫେରା
ଯେତେ ଯୋଉଠି ସବୁ
ବଦଳିଲେ ବି ଘଡିକି ଘଡି
ପ୍ରକୃତି ଦେଖାଏ ରୂପ
ଆଉ ସେ ରୂପରେ କିଏ କେମିତି
ହଜେ ନସେ ରସେ ବାସେ ।

ଏଇ ବାଟ ସ୍ୱର୍ଗ ଆଉ
ଏଇ ବାଟ ବି ନରକ ।
ଆପଣା ହୃଦୟ ଧରି ଆପେ
ଯିବା ଫେରିବାରେ ରହେ
ସବୁ ସବୁ ତଥ୍ୟ ।

ତଥ୍ୟ ଭିତରେ କୋଉଟା ଖାଲ
ଆଉ କୋଉଟା ଢିପ ପଡେ ଜଣା ।
ଜାଣି ଅଜଣା ହେଲେ ବଣା ହେବା
ସୁନିଶ୍ଚିତ ଏଇଠି ଏମିତି ।
ରହି ରହି କଳିନେବା ଆକାର ପ୍ରକାର
ସହ ନିଜ ଶକ୍ତି ବାହାଦୁରୀ ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର**
**ମୋ-୯୪୩୭୩୬୬୬୪୪**

### ମୂଳଚାଲ



**ଡ. ଦ୍ୱିତୀ ଚନ୍ଦ୍ର ସାହୁ**

ଲେମ୍ବୁ କେତେ?
ସାତଟାକୁ ଦଶ ଟଙ୍କା
ବାବୁ ବସି ପଡି
ସାନ ବଡ଼ ଘାଣ୍ଟିଲେ -
ଦଶଟା ଦେ...
'ଏ ହେଁ ହବନି ବାବୁ! '
ସାତଟାରେ ନେଲେ ନେ
ନହେଲେ ନାଇଁ !
ସୁନା ବିକିଲା ଭଳିଆ କଉଚୁ...
ଶାଗ ବଂଟା କେତେ?
ଦଶ ଟଙ୍କା...
ଆଉ ସୀତାଫଳ?
ବଂଟା କୋଡିଏ ଟଙ୍କା...
କି ରେଟୁ ବୈଲେ
ଛଅଟାକୁ କୋଡିଏ କି?
ଖମ୍ବ ଆଳୁ କିମିତି ଦେବୁ?
ଖଣ୍ଡ କୋଡିଏ ଟଙ୍କା...
ତୁମେ ଆଦିବାସୀ ବି
ହୋଇଗଲ ବେଶୀ ଚାଲାଖି...
ହଉ, ସବୁ ଗୋଟେ ଲେଖାଏଁ ବଂଟା ଦେ
ମାତ୍ର ଊଣା କରେ ଟିକେ ରେଟୁ !
ନାଇଁ ବାବୁ!
କିମିତି ଊଣା କରିବି?
କେତେ କଷ୍ଟ ପଡିଲେ
ଟଙ୍କାଟେ ମିଳୁଛି..!
ତୋର ଦରମା ଊଣା କଲେ
ତୁନି ପଡ଼ିବୁ କି ତୁଇ ?
ଟଙ୍କା ବଢାଉ ବଢାଉ
ବାବୁଙ୍କ ବିରକ୍ତି ସ୍ୱର -
ଜବର କହୁଛୁ ବୁଢ଼ୀ
ଶିଖିଗଲୁ କେତେ କଥା!
ହିସାବ କରି ଟଙ୍କା ଫେରେଇଲା ବୁଢ଼ୀ
ନାକ ଦଣ୍ଡି ହଲେଇ କହିଲା -
ଏତିକି ନ ଶିଖିଲେ
ତମ ସହ ଚଳିବୁ କେମିତି???

**ଇନ୍ଦିରା ନଗର, ଚତୁର୍ଥ ଗଳି,**
**ରାୟଗଡା -୭୬୫୦୦୧**
**ମୋ-୯୪୩୭୯୦୯୬୭୧**

# ସଦ୍‌ଗୁରୁ

ଗଳ୍ପ



**ଡଃ. ଚନ୍ଦ୍ରକଳା ନାୟକ**

ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅବସର ସଭା ଆରମ୍ଭ ହୋଇଥାଏ । ଅନେକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିଥାନ୍ତି । ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୟାନିଧି ଦାସଙ୍କ ଚାକିରି ଜୀବନର ଶେଷ ଦିବସରେ ଅବସର କାଳୀନ ସଭା । ସ୍ମୃତିର ଫର୍ଦ୍ଦ ସବୁ ଧୀରେ ଧୀରେ ଏହି ସଭାରେ ଖୋଲୁଥାଏ । ଜଣକ ପରେ ଜଣେ ନିଜର ସ୍ମୃତିକୁ ବଖାଣୁଥାନ୍ତି । ଖୁବ୍ ଭାବଗର୍ଭକ ଥିଲା ଏହି ସଭା । ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଦନ ରାଉତ ତାଙ୍କର ସ୍ମୃତି ଚାରଣ ଉଦ୍ଦେଶ୍ୟରେ କହିଥିଲେ- ସାର ଆପଣ, ଆପଣଙ୍କ ନାମର ସାର୍ଥକତାକୁ ପ୍ରତିପାଦିତ କରିଛନ୍ତି । ଆପଣ ଦଃଖୀ ମଣିଷର ବନ୍ଧୁ ।

ଦୀର୍ଘ ୩୫ ବର୍ଷର ଜୀବନକାଳ ମଧ୍ୟରେ ଆପଣ କାହାକୁ କେବେ ପଦେ ବଡ ପାଟିରେ କଥା କହି ନାହାନ୍ତି । ସର୍ବଦା ହସ ହସ ମୁଖ , ମଧୁର ବାକ୍ୟ । ଏତିକି କହି ମଦନ କାନ୍ଦି ପକାଇଲେ । ତା ପରେ ଇଂରାଜୀ ବିଭାଗ ମୁଖ୍ୟ ବିନୟ ମିଶ୍ର ଅତ୍ୟନ୍ତ କୌତୁହଳପ୍ରଦ ଭାବେ ପଚାରିଲେ, -'ସାର୍ ଆପଣଙ୍କ ନିକଟରେ ଏତେ ଧୈର୍ଯ୍ୟ କୋଉଠୁ ଆସେ ? ମୁଁ ତ ଅନ୍ୟ କନିଷ୍ଠ ଅଧ୍ୟାପକଙ୍କ ଉପରେ ସର୍ବଦା ମୋର କ୍ରୋଧ ପ୍ରକାଶ କରେ । ଆଜି ଶେଷ ଦିନରେ ଏହି ଧୈର୍ଯ୍ୟର ଗୁରୁମନ୍ତ୍ରଟି କଣ, ସମସ୍ତଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରନ୍ତୁ ।'

ଶେଷରେ ଦୟାନିଧି ସାର ମାଇକ୍ରୋଫୋନ ସାମନାରେ ଉପସ୍ଥିତ ହେଲେ । ମୁଖରେ ସେମିତି ମନ୍ଦ ମନ୍ଦ ହସ । ସାଧା ସରଳ ବ୍ୟକ୍ତିତ୍ୱ । ମହାବିଦ୍ୟାଳୟର ଅଧ୍ୟକ୍ଷ ବୋଲି ସାମାନ୍ୟତମ ବଡ଼ିମା ନାହିଁ । ଆରମ୍ଭ କଲେ ତାଙ୍କ ଗୁରୁମନ୍ତ୍ର । ମୋ ବାପା ଜଣେ ସାଧାରଣ ଶିକ୍ଷକ ଥିଲେ । ଗାନ୍ଧିବାଦୀ ମଣିଷ । ସାହିତ୍ୟର ସୁଦକ୍ଷ ଗୁରୁ । ପ୍ରାଇମେରୀ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ । ମୋର ମନେ ଅଛି, ମୁଁ ପଞ୍ଚମ ଶ୍ରେଣୀର ଛାତ୍ର ଥାଏଁ ।

ବାପା ସବୁଦିନ ପରି ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଘରୁ ବାହାରି ଯାନ୍ତି । ତାଙ୍କ ସାଇକେଲ ତାଙ୍କ ଜୀବନର ଧନ । ଦୁଇଟି ପୁସ୍ତକ ସାଇକେଲର କ୍ୟାରିୟରରେ ରଖା ଯାଇଥାଏ । ସେଦିନ ଥାଏ ଗୁରୁବାର । ମୋ ମାଆର ଦେହ ଅସୁସ୍ଥ ଥାଏ। ମୋ ମାଆ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବାପାଙ୍କ ନିର୍ଦ୍ଦେଶ ଥାଏ । ଠିକ ଦି' ପ୍ରହର ବେଳକୁ ମାଆର ତାତି କମିବାର ନାଁ ଧରି ନଥିଲା । ମାଆ ଖାଲି ବାଉଳି ଚାଉଳି ହେଉଥିଲା ।

**ବାପା ସବୁଦିନ ପରି ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଘରୁ ବାହାରି ଯାନ୍ତି । ତାଙ୍କ ସାଇକେଲ ତାଙ୍କ ଜୀବନର ଧନ । ଦୁଇଟି ପୁସ୍ତକ ସାଇକେଲର କ୍ୟାରିୟରରେ ରଖା ଯାଇଥାଏ । ସେଦିନ ଥାଏ ଗୁରୁବାର । ମୋ ମାଆର ଦେହ ଅସୁସ୍ଥ ଥାଏ। ମୋ ମାଆ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବାପାଙ୍କ ନିର୍ଦ୍ଦେଶ ଥାଏ । ଠିକ ଦି' ପ୍ରହର ବେଳକୁ ମାଆର ତାତି କମିବାର ନାଁ ଧରି ନଥିଲା । ମାଆ ଖାଲି ବାଉଳି ଚାଉଳି ହେଉଥିଲା ।**

ଓଦା କପଡାରେ ଶରୀରକୁ ଯେତେ ପୋଛିଲେ ବି, ଦେହର ତାପ କମିବାର ନାଁ ନେଉ ନଥାଏ । ମୁଁ ଅଗତ୍ୟା ବାପାଙ୍କ ପାଖକୁ ସ୍କୁଲ ଦଉଡିଲି । ଦୂରରୁ ଦେଖିଲି ସ୍କୁଲର ବରଗଛ ନିକଟରେ ବାପା ସ୍ଥାଣୁ ପରି ଦଣ୍ଡାୟମାନ ଅଛନ୍ତି । ଭାବିଲି, ଏହା ତ ଖେଳଛୁଟିର ସମୟ । ବାପା ତ ବିଦ୍ୟାଳୟ ଭିତରେ ରହିବା କଥା । କିନ୍ତୁ ବାହାରେ ଠିଆ ହେବାର କାରଣ କଣ ? ବାପାଙ୍କ ପାଖରେ ପହଞ୍ଚି ଦେଖିଲି, ବାପାଙ୍କ ଆଖି ଦୁଇଟି ପୁରା ଲାଲ, ନାକ ପୁଡା ଦିଟା ଫୁଲି ଯାଇଛି, ଗୋରା ତକ ତକ ମୁହଁରେ ଲମ୍ବା ଲୁହର ଧାର ଦୁଇଟି ଦୋଳାୟମାନ । ମୋତେ ଦେଖି ବାପା ଅପ୍ରସ୍ତୁତ ହୋଇଗଲେ । ମୁଁ କିନ୍ତୁ ବାପାଙ୍କ ଆଖିର ଲୁହକୁ ଦେଖୁଥିଲି । ଆଶ୍ଚର୍ଯ୍ୟ ହେଲି । ବାପା ମୋର ଦମ୍ଭ ଓ ସାହସର ବଟବୃକ୍ଷ ବୋଲି ମୁଁ ସର୍ବଦା ଗର୍ବ କରେ । କିନ୍ତୁ ଏପରି ପରିସ୍ଥିତି କାହିଁକି ଘଟିଲା, କିଛି ବୁଝି ବି ହେଉ ନଥିଲା ।

ମାଆର ଦେହ କଥା, ବାପାଙ୍କୁ କିଛି ନଜଣାଇ ସିଧା ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦଉଡିଲି । ପଚାରିଲି- ସାର ମୋ ବାପାଙ୍କୁ କଣ ଏମିତି କହିଲେ ? ମୋ ବାପା ପ୍ରଥମ ଥର ପାଇଁ ଜୀବନରେ ପୁରା ଭାଙ୍ଗି ପଡିଛନ୍ତି । ପ୍ରଧାନ ଶିକ୍ଷକ ଜଣକ ଖୁବ୍ ଅହଂକାରୀ ଥିଲେ । ତାଙ୍କ ଦୋଷକୁ ଢାଙ୍କି ମୋ ସାମନାରେ ବାପାଙ୍କ ଭୁଲକୁ ସମୀକ୍ଷା କଲେ । କିନ୍ତୁ ତାହା ମୋ ପାଇଁ ଗ୍ରହଣୀୟ ନଥିଲା । ବାପା, ତତ୍‌କ୍ଷଣାତ ମୋତେ ସେହିଠାରୁ ବୁଝାଇ ଘରକୁ ନେଇ ଆସିଥିଲେ । ସେତେବେଳେ ମାଆର ଜର ବି ସଂପୂର୍ଣ୍ଣ କମି ଯାଇଥିଲା ।

ବାପା ମୋତେ ପାଖରେ ବସି ବୁଝାଇଥିଲେ, ମଣିଷ ଜୀବନର ଗୁଢ ରହସ୍ୟ । କହିଥିଲେ ଶୁଣ୍ ଦୟା- କେହି କେବେ ଅନ୍ୟକୁ କଷ୍ଟ ଦେଇ ଶାନ୍ତି ପାଇପାରେନା । ତାର ବିଚାର ସୃଷ୍ଟିକର୍ତ୍ତା ନିଶ୍ଚେ କରିବେ । ମୋ ଦୁଃଖର କାରଣ, ମୋ ବାପା ମାଆଙ୍କୁ ନେଇ ପ୍ରଧାନ ଶିକ୍ଷକ ମୋ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ମୁଁ କାଳେ ସଂସ୍କାର ଶିଖିନାହିଁ । ସେଥିପାଇଁ ଇଙ୍ଗିତ ଦେଇଥିଲେ ।

ତାହା ହିଁ ମୋ ଦୁଃଖର କାରଣ ଥିଲା। କିନ୍ତୁ ତୁ ଦେଖ୍ , ସାରା ବିଦ୍ୟାଳୟରେ କେହି ଜଣେ ବି ତାଙ୍କୁ ଭଲ ପାଆନ୍ତି ନାହିଁ । ସେ ଅହଂକାରୀ ବୋଲି ସର୍ବଦା ନିଃସଙ୍ଗ । ତୁ ତୋ ଜୀବନରେ ଯେଉଁଠି ବି ରହ, ସମସ୍ତଙ୍କୁ ଭଲ ପାଇବୁ । ମିଠା କଥା କହିବୁ। ନିରାଡମ୍ବର ଜୀବନ ବିତାଇବୁ । ଦେଖିବୁ ଜୀବନଟା କେତେ ସରଳ ହୋଇଯିବ ।

ସେହି ଦିନଠାରୁ ମୁଁ ସ୍ଥିର କଲି, ମୁଁ ଭଲ ପାଠ ପଢ଼ିବି, ଜଣେ ଭଲ ମଣିଷ ହେବି । କାହା ମନରେ କଷ୍ଟ ଦେବି ନାହିଁ । କୌଣସି ମଣିଷର ପରିଚୟ ତା କର୍ମ ସ୍ଥଳରେ ସୀମିତ ନୁହେଁ । ସେ କାହାର ପୁଅ, କାହାର ସ୍ୱାମୀ, କାହାର ବାପା, ଆଉ କାହାର ଭାଇ ହୋଇଥାନ୍ତି । ସେମାନଙ୍କ ପରିବାର ପାଇଁ ସେହି କର୍ମଚାରୀଟିଏ ସାହସର ଉତ୍ସ ହୋଇଥାଏ । ସେହି ଉତ୍ସଟିକୁ ଯଦି ମାନସିକ ଆଘାତ ଦିଆଯାଏ, ସେ କଷ୍ଟ ସାରା ପରିବାର ଭୋଗିଥାନ୍ତି ।

ସାମାନ୍ୟ ତ୍ରୁଟିକୁ ଧରି ଗୋଟିଏ ଅନୁଷ୍ଠାନ ପ୍ରତି କର୍ମଚାରୀଟିର ଥିବା ଅଙ୍ଗୀକାରବଦ୍ଧତାକୁ ଆଦୌ ଭୁଲିଯିବା ଉଚିତ ନୁହେଁ । ଗୋଟିଏ ଶିକ୍ଷାନୁଷ୍ଠାନରେ ସମସ୍ତଙ୍କ ସହଯୋଗ ଓ ଆନ୍ତରିକ ଶ୍ରଦ୍ଧା ବିନା ତାହା ବିଦ୍ୟାର ମନ୍ଦିର ହୋଇ ପାରେନା । ମଣିଷ ତାର କ୍ରୋଧକୁ ନିୟନ୍ତ୍ରଣ କରି ନପାରିବା ଅର୍ଥ ନୁହେଁ ଅନ୍ୟ ପ୍ରତି ନିର୍ଦ୍ଦୟ ଆଚରଣ କରିବା । ଏପରି ସ୍ଥଳେ ବୁଝାମଣା ହିଁ ସମସ୍ୟାର ସମାଧାନ କରେ । ମଣିଷ ସମସ୍ତଙ୍କୁ ଭଲ ପାଇ ପାରିଲେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି । କାହାକୁ କଷ୍ଟ ଦେବା... ଏତିକି କହୁ କହୁ ଦୟାନିଧି ବାବୁଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଇଥିଲା ।

ଏହି ଅନୁଷ୍ଠାନରେ ତାଙ୍କର ଦୀର୍ଘ ୩୫ ବର୍ଷ କାର୍ଯ୍ୟ ପରେ କର୍ମକ୍ଷେତ୍ରରେ ବିଦାୟ ଦିବସରେ ତାଙ୍କୁ ଚରମ ଶାନ୍ତି ଦେଇଛି । ବାସ୍ତବରେ ପଦପଦବୀ ଆସେ କେବଳ ଯିବାପାଇଁ ।

ଏହା କେବେ ବି ଚିରସ୍ଥାୟୀ ନୁହେଁ । ପଦପଦବୀର ଠିକ ଭାବେ ବ୍ୟବହାର କରୁଥିବା ମଣିଷଟି ଈଶ୍ୱରଙ୍କ ଅମୃତ ସନ୍ତାନ । ବାପାଙ୍କ ଠାରୁ ପାଇଥିବା ଏହି ଗୁରୁମନ୍ତ୍ରକୁ ଦୟାନିଧିବାବୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି । ସଭାସ୍ଥଳର ସମସ୍ତ ଅଧ୍ୟାପକ, କର୍ମଚାରୀ ବନ୍ଧୁମାନେ ଆବେଗପୂର୍ଣ୍ଣ ଭାବେ ମନ୍ତ୍ରମୁଗ୍ଧ ହୋଇ ଦୟାନିଧିବାବୁଙ୍କୁ ଅନାଇ ରହିଥିଲେ । ତାଙ୍କ ବିଦାୟକାଳୀନ ଦୃଶ୍ୟରୁ ସ୍ପଷ୍ଟ ହେଉଥିଲା ସେ ଖୁବ ଆତ୍ମସନ୍ତୋଷର ସହ କର୍ମକ୍ଷେତ୍ରରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋ-୯୪୩୭୯୫୭୬୧୭**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )*

samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭିଏତନାମରେ...

ଲକ୍ଷ ଲକ୍ଷ ଘରୋଇ ଓ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଭାରତୀୟ ଦୂତାବାସ ପକ୍ଷରୁ ଲେଖାଯାଇଛି ଯେ ଏହା ଏକ ଦୁଃଖଦ ଘଟଣା । ଏହି ବୋଟ୍‌ରେ ଭାରତୀୟ ପର୍ଯ୍ୟଟକମାନେ ଥିଲେ । ଉଦ୍ଧାର କାର୍ଯ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ରହିଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଦାବି କରି ଉଲ୍ଲେଖ କରିଛନ୍ତି ଯେ ଭିଏତନାମ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗ କରାଯାଉ ଏବଂ ଉଦ୍ଧାର କାର୍ଯ୍ୟରେ ଯଥା ସମ୍ଭବ ସହଯୋଗ କରାଯାଉ । କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ସମସ୍ତ ସହାୟତା ପ୍ରଦାନ କରାଯାଉ । ଯେଉଁମାନେ ଜୀବନ ହାରିଛନ୍ତି ତାଙ୍କ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି । ଆନ୍ଧ୍ରର ମାନବ ସମ୍ବଳ ବିକାଶ ମନ୍ତ୍ରୀ ନାରା ଲୋକେଶ ମଧ୍ୟ ଘଟଣା ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ସହ କଥା ହୋଇଛନ୍ତି ଓ ଆନ୍ଧ୍ର ଭବନରେ ସମସ୍ତ ତଥ୍ୟ ରଖିବାକୁ କହିଛନ୍ତି । ଆନ୍ଧ୍ରପ୍ରଦେଶର କେଉଁ ଲୋକମାନେ ଏହି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଛନ୍ତି ସେ ସମ୍ପର୍କରେ ତଥ୍ୟ ଦେବାକୁ କହିଛନ୍ତି । ଭାରତୀୟ ଦୂତାବାସ ସୂଚନା ଓ ସହାୟତା ପ୍ରଦାନ କରିବା ଲାଗି କୋଚିମିନ୍ ସିଟିରେ ଥିବା ଭାରତୀୟ କନ୍‌ସୁଲେଟ୍ ଜେନେରାଲ ଓ ହାନେଇରେ ଥିବା ଦୂତାବାସ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରିଛି ଏବଂ ହେଲ୍ପଲାଇନ୍ ନମ୍ବର ଜାରି କରିଛି ।

### କଂସାରିଗୁଡ଼ା...

ଏହି ପ୍ରକଳ୍ପକୁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରି ପକ୍ଷରୁ ବିକଶିତ କରାଯାଉଛି । ବର୍ତ୍ତମାନ ଏହି ପ୍ରକଳ୍ପର ବାର୍ଷିକ ଉତ୍ପାଦନ କ୍ଷମତା ୧ ନିୟୁତ ଟନ୍ ରହିଛି ଓ ୮ ହଜାର କୋଟି ଟଙ୍କା ନିବେଶ ହୋଇଛି । ତେବେ ଦୀର୍ଘମିଆଦି ଦକ୍ଷତାକୁ ବିଚାର କରି ଓଡ଼ିଶା ସରକାର ଏହି ବିର୍ଲା ଗ୍ରୁପ୍ ଦ୍ୱାରା ପ୍ରସ୍ତାବିତ ଅତିରିକ୍ତ ୧୨ ହଜାର କୋଟି ଟଙ୍କାର ନିବେଶକୁ ଅନୁମୋଦନ କରିଛନ୍ତି । ୧୨ ହଜାର କୋଟି ଟଙ୍କା ନିବେଶ ପରେ ଏହାର ଉତ୍ପାଦନ କ୍ଷମତା ବାର୍ଷିକ ୨ ନିୟୁତ ଟନ୍ ହେବ । ଫଳରେ ସମୁଦାୟ କଂସାରିଗୁଡ଼ା ବିଶୋଧନାଗାରରୁ ବାର୍ଷିକ ୩ ନିୟୁତ ଟନ୍ ଉତ୍ପାଦନ ହେବ । ଏହି ପ୍ରକଳ୍ପଟି ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଆନୁଷଙ୍ଗିକ ଶିଳ୍ପ ଓ ରୋଜଗାର ସୁଯୋଗ ସୃଷ୍ଟି କରିବ । ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ସହ ଓଡ଼ିଶାର ଧାତବ କ୍ଷମତାକୁ ମୂଲ୍ୟଯୁକ୍ତ ବିନିଯୋଗରେ ପ୍ରତିଫଳିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟ ଭିତରେ ନିଯୁକ୍ତି ଦେବାପାଇଁ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଲୁମିନା ହେଉଛି ଆମର କେନ୍ଦ୍ରୀୟ ଲକ୍ଷ । ଆମେ ଆଲୁମିନା କ୍ଷେତ୍ରରେ କେବଳ ଦେଶରେ ଅଗ୍ରଣୀ ହେବାକୁ ଚାହୁଁନାହୁଁ, ବରଂ ଏହାର ଉତ୍ପାଦନରେ ବିଶ୍ୱ ବଜାରରେ ଏକ ପରିଚୟ ସୃଷ୍ଟି କରିବାକୁ ଚାହୁଁଛୁ । ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେଇଛନ୍ତି । ବୈଠକରେ ଆଲୁମିନିୟମ, ଆଲୁମିନା, କେମିକାଲ୍ସ, ସିମେଣ୍ଟ, ନବୀକରଣଯୋଗ୍ୟ ଶକ୍ତି, ବସ୍ତ୍ର ଓ ପୋଷାକ ଆଦି କ୍ଷେତ୍ରରେ ଗ୍ରୁପ୍‌ର ବର୍ତ୍ତମାନ ଓ ପ୍ରସ୍ତାବିତ ବିନିଯୋଗର ସମୀକ୍ଷା କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବା ସହ ଏହି ପ୍ରକଳ୍ପର ସମୟଚିତ୍ତ ଭିତରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି ।

### ମାଗଣା...

ଚାଲିଛି । କଲେଜଗୁଡ଼ିକୁ ଯେଉଁ ଅନୁଦାନ ମିଳିବ ତାହା କେଉଁ ଆଧାରରେ ମିଳିବ, କ'ଣ ବ୍ୟବସ୍ଥା ରହିବ ତାହା ଏସ୍‌ଓପିରେ ସ୍ପଷ୍ଟ ହେବ । ଯେଉଁ କଲେଜ ପିଲାମାନଙ୍କ ଠାରୁ ଚଳିତ ଶିକ୍ଷାବର୍ଷରେ ପଇସା ନେଇ ନାମ ଲେଖାଇଛନ୍ତି ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ପୋର୍ଟାଲ ପ୍ରସ୍ତୁତ ହେଉଛି । ପୁନଃ ନାମଲେଖା ଦେୟ ମଧ୍ୟ ଛାଡ କରାଯିବ । କେବଳ ପରୀକ୍ଷା ଦେୟ ପିଲାଙ୍କୁ ଦେବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି ।

### ଓଡ଼ିଶା...

ପାଖକୁ ଯିବା ପରେ ତାହା କ୍ଲିୟରାନ୍ସ ହୋଇ କେନ୍ଦ୍ର ସରକାରଙ୍କ ପାଖକୁ ଯାଇଥାଏ । ସେହି ନିୟମାନୁଯାୟୀ ଶ୍ରୀ ରାମଦାସ ପ୍ରଥମେ ନିର୍ଦ୍ଦେଶକଙ୍କୁ ଇସ୍ତଫାପତ୍ର ଦେଇଥିଲେ ।

ପ୍ରଶିକ୍ଷଣ ସମୟରେ ଯଦି କେହି ଇସ୍ତଫା ଦିଅନ୍ତି ତାଙ୍କ ପାଇଁ ସରକାର ଖର୍ଚ୍ଚ କରିଥିବା ସମସ୍ତ ଟଙ୍କା ତାଙ୍କୁ ହିଁ ଦେବାକୁ ପଡିଥାଏ ବୋଲି ନିୟମ ରହିଛି । ଶ୍ରୀ ରାମଦାସଙ୍କ ଘର ମହାରାଷ୍ଟ୍ର ହୋଇଥିବା ବେଳେ ସେ ଓଡିଶା କ୍ୟାଡର ଥିଲେ । ଚାକିରୀ ଜୀବନ ଆରମ୍ଭ ନ ହୋଇ ପ୍ରଶିକ୍ଷଣରୁ ଇସ୍ତଫା ଦେବାକୁ ନେଇ ଆଇପିଏସ୍ ମହଲରେ ଚର୍ଚ୍ଚା ହେଉଛି ।

# ଶୃଙ୍ଖଳିତ ରଥଯାତ୍ରା ପାଇଁ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା

## ମା'ଙ୍କ ଆଜ୍ଞାମାଳ ଗ୍ରହଣ କଲେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ



କାକଟପୁର ,(ସବ୍ୟୁ): ଚଳିତ ବର୍ଷ ଶୃଙ୍ଖଳିତ ରଥ ଯାତ୍ରା ପାଇଁ ତ୍ରିସ୍ତରୀୟ ମେଗା ସୁରକ୍ଷା ବ୍ୟବସ୍ଥା । ମୁତୟନ ହେବେ ୧୯ ଜଣ ଆଇପିଏସ ,୨୩ଜଣ ଏସ ପି ଙ୍କ ସମେତ ୧୨ ହଜାର ପୁଲିସ ଫୋର୍ସ । ସାମୁଦ୍ରିକ ସୁରକ୍ଷା ପାଇଁ ନାଭି ଓ କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ହେବ ସ୍ୱତନ୍ତ୍ର ସିପ ପାଟ୍ରୋଲିଂ । ଏଥିପାଇଁ ଶନିବାର ସକାଳୁ କେନ୍ଦ୍ରାଞ୍ଚଳ ଆଇ ଜି ସତ୍ୟଜିତ ନାୟକ କାକଟପୁର ଗସ୍ତ କରି ମା ମଙ୍ଗଳାଙ୍କୁ ଦର୍ଶନ କରିବା ସହ ମାଙ୍କ ସେବକମାନଙ୍କ ଠାରୁ ଆଜ୍ଞାମାଳ ଗ୍ରହଣ କରିଛନ୍ତି ।

ଚଳିତ ବର୍ଷ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ରଥଯାତ୍ରାର ସୁ-ପରିଚାଳନା ପାଇଁ ତ୍ରିସ୍ତରୀୟ ମେଗା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇ ଜି କହିଛନ୍ତି । ଶ୍ରୀକ୍ଷେତ୍ରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ,ଶ୍ରୀମନ୍ଦିର ବାହାରେ ,ବଡଦାଣ୍ଡ , ପାର୍କିଂ ସ୍ଥାନ ,କଣ୍ଟ୍ରୋଲ ରୁମ ଆଦି ବିଭିନ୍ନ ସ୍ଥାନକୁ ୧୦ଟି ସେକଫର ରେ ବିଭକ୍ତ କରାଯାଇଛି । ସୁରକ୍ଷା ଅଧିକାରୀ ମାନେ ପୃଥକ ପୃଥକ ଭାବେ ସୁରକ୍ଷା ବ୍ୟବସ୍ଥା ଅନୁଧାନ କରିବେ । ୪୦୦ ସି ସି କ୍ୟାମେରା , ୬୫ଟି ଏଲଇଡ଼ି ଲଗାଯିବା ସହ ୧୯ଜଣ ଆଇ ପି ଏସ ,୨୩ଜଣ ଏସ ପି ,୨୨୦ ପ୍ଲାଟୁନ ଫୋର୍ସ , ୧୦୦୦ରୁ ଉର୍ଦ୍ଧ୍ୱର୍ ଏସ ଆଇ ଓ ଏ ଏସ ଆଇ , ଏନ ଏସ ଜି କମାଣ୍ଡୋ ,ରାପିଡ଼ ଆକ୍ସନ ଫୋର୍ସଙ୍କ ସହ ୧୫ କମ୍ପାନୀ ସେଣ୍ଟ୍ରାଲ ପରାମିଲିଟାରି ଫୋର୍ସ ସହ ସମୁଦାୟ ୧୨ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ୨୪/୭ ଘଣ୍ଟିଆ କଣ୍ଟ୍ରୋଲ ରୁମ ଓ ନାଭି, କୋଷ୍ଟଗାର୍ଡ ପକ୍ଷରୁ ସାମୁଦ୍ରିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସିପ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇ ଜି ଶ୍ରୀଯୁକ୍ତ ନାୟକ କହିଥିଲେ । ଏହି ରଥଯାତ୍ରାରେ ଶିଶୁ , ମହିଳା ଓ ବରିଷ୍ଠ ନାଗରିକମାନଙ୍କ ଦର୍ଶନରେ ବାଧା ନଉପୁଯିବା ପାଇଁ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ । ଏହି ଅବସରରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, କମଳ ଲୋଚନ ଦିକ୍ଷୀତ, ତାପସ କୁମାର ଦୀକ୍ଷିତ, ନଳିନୀକାନ୍ତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ରହି ଆଇ ଜି ଶ୍ରୀ ନାୟକଙ୍କୁ ମା ଙ୍କ ଶୃଙ୍ଖଳିତ ଦର୍ଶନ କରାଇବା ସହିତ ମନ୍ଦିର ବେଢା ପରିକ୍ରମା କରାଇଥିଲେ ।

### ପୂର୍ବତନ ସରପଞ୍ଚଙ୍କ ବିରୁଦ୍ଧରେ ବିଡ଼ିଓଙ୍କୁ ଦାବିପତ୍ର

କାକଟପୁର, (ସବ୍ୟୁ): କାକଟପୁର ବ୍ଲକ କାଦୁଆ ନୂଆଗାଁ ପଞ୍ଚାୟତ ର ମନେରଗା ଯୋଜନା, ଗୁହାଳ ନିର୍ମାଣ ର ମିଳିଥିବା ଅନୁଦାନ ଅର୍ଥୁ ଆତ୍ମସାତ କରିଥିବା ଅଭିଯୋଗର ପୂର୍ବତନ ସରପଞ୍ଚ ସୁଷମା ଦେଇ ଓ ତାଙ୍କ ସ୍ୱାମୀ କୈଳାଶ ଲେଙ୍କାଙ୍କ ବିରୁଦ୍ଧରେ କାଦୁଆ ନୂଆଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ସମିତି ସଭ୍ୟା ପ୍ରତିନିଧି କୃଷ୍ଣଚନ୍ଦ୍ର ବେହେରା, ଟୁଲୁ ବେହେରା, ସୁରେନ୍ଦ୍ର ମିକାପ, ଦୁର୍ଯ୍ୟୋଧନ ଭୂୟାଁ,କିଶୋର ମଲ୍ଲ, ବଟ କୃଷ୍ଣ ପଣ୍ଡା, ବାବୁଲି ଦାସ,ଶଙ୍କର ଭୂୟାଁ, ବିଭୁତି ଭୂଷଣ ବାରିକ ପ୍ରମୁଖ କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତଙ୍କୁ ଏକ ଦାବି ପତ୍ର ଦେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିଛନ୍ତି ।

# ଶିଶୁଙ୍କ ଜୀବନ ସହିତ ଖେଳ : ବିଷାକ୍ତ ବିସ୍କୁଟ, କେକ, ଚକୋଲେଟ ଜବତ

ବାଲିପାଟଣା,(ସବ୍ୟୁ): ଅର୍ଥ ରୋଜଗାର କରିବା ପାଇଁ ଅସାମାଜିକ ବ୍ୟକ୍ତି ମାନେ କେତେ ତଳକୁ ଯାଇପାରନ୍ତି, ତାର ଉଦାହରଣ ମିଳିଛି ଶନିବାର ଦିନ ବାଲିପାଟଣା ଛକ ନିକଟରେ ଜବତ ହୋଇଥିବା ବିପୁଳ ପରିମାଣର ଅବଧି ପୂର୍ଣ୍ଣ ହୋଇଥିବା ଖାଦ୍ୟ ସାମଗ୍ରୀରୁ । ବର୍ଷବର୍ଷ ଧରି ଏହି ବିଷାକ୍ତ ନାମୀ ଦାମୀ କମ୍ପାନୀ ଖାଦ୍ୟ ସାମଗ୍ରୀ ପ୍ୟାକେଟ ଉପରେ ନୂଆ ତାରିଖ ଓ ଦର୍ ପକାଇ ବଜାରକୁ ଛଡ଼ା ଯାଉଥିବା ଅଭିଯୋଗ ହୋଇଛି ।

ବାଲିପାଟଣା ଛକ ନିକଟରେ ରହୁଥିବା ରମେଶ ଚନ୍ଦ୍ର ସାହୁଙ୍କ ପୁତ୍ର କୃଷ୍ଣ ଚନ୍ଦ୍ର ସାହୁ ଏହି କାରବାର କରି ବହୁ ସମ୍ପତ୍ତିର ମାଲିକ ହୋଇଥିବା ଜଣା ପଡିଛି । ଶନିବାର ଆଜି ପୂର୍ବାହ୍ନରେ ତାଙ୍କ ଘର ସମ୍ମୁଖ ରେ ଗୋଟିଏ ଆଇଚର୍ ଗାଡି ନଂ ଓ ଆର୍ ୦୨ ୨୫୪୭ ରୁ ବହୁ ଦିନରୁ ଅବଧି ପୂରଣ କରିଥିବା ବିସ୍କୁଟ, କେକ,ଚକୋଲେଟ ଇତ୍ୟାଦି ଶିଶୁ ଖାଦ୍ୟ ସାମଗ୍ରୀ କଢ଼ା ଯାଉଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଆସିବାର ସୁରାକ ପାଇ ସେ ତୁରନ୍ତ ଗାଡି ନେଇ ଗାରେଡ଼ି ପାଞ୍ଚାଣ ଛକ ନିକଟରେ ଥିବା ଏକ ଜଙ୍ଗଲିଆ ଅଞ୍ଚଳକୁ ଚାଲି ଯାଇଥିଲେ ଓ ଗାଡ଼ିକୁ ଲୁଚାଇ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ପହଞ୍ଚି ମାଡ଼ି ବସିଥିଲା ।ମୌକା ପାଇ ଗାଡି ଚାଳକ ଖସି ଯାଇ ନିକଟରେ ଥିବା ଏକ ବାଂଲାଦେଶୀ ଘରେ ଲୁଚି ଥିଲେ ମଧ୍ୟ ସ୍ଥାନିୟ ଲୋକେ ଖୋଜାଖୋଜି କରି ତାକୁ ଧରି ପୋଲିସ ଜିମା ଦେଇଥିଲେ ।ବାଲିପାଟଣା ପୋଲିସ କୃଷ୍ଣ ସାହୁ ସହିତ ଗାଡି ଚାଳକ,ଆଇଚର ଗାଡି,କୃଷ୍ଣ ସାହୁ ଙ୍କ ମଟର ସାଇକେଲ ଓ ଆଗରୁ ଘରେ ମହଜୁଦ ଥିବା ବସ୍ତା ବସ୍ତା ସାମଗ୍ରୀ ଜବତ କରିଛି ।ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ପିଲାମାନଙ୍କର ପିତାମାତା ଓ ଅଭିଭାବକମାନେ ଭୟଭୀତ ହୋଇ ପଡିଛନ୍ତି । ଏହି ଅଞ୍ଚଳରେ ବିଭିନ୍ନ ଦୋକାନ ବଜାରରେ ଏହି ଖାଦ୍ୟ ସାମଗ୍ରୀ ବିକ୍ରୀ ହେଉଥିବାରୁ ତୁରନ୍ତ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି । ଏ ସମ୍ପର୍କରେ ଯୋଗାଣ ବିଭାଗ,ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ବିଭାଗୀୟ ଅଧିକାରୀ ସଠିକ ଭାବରେ ଦାୟିତ୍ୱ ନେଉ ନଥିବା ଅନୁମାନ କରାଯାଉଛି ।

# ମାମଲା ରୁଜୁ ବିଳମ୍ବ : ଥାନା ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ନିମାପଡା, (ସବ୍ୟୁ): ନିମାପଡା ଥାନା ଅନ୍ତର୍ଗତ ଖେଦରପୁର ଗ୍ରାମର ବାପ ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣକାରୀ ମାନଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରିବାରୁ ଆହତ ଅନନ୍ତ ନାରାୟଣ ଗିରିଙ୍କ ପତ୍ନୀ ଶୁଭଲକ୍ଷ୍ମୀ ଗିରି ନ୍ୟାୟ ଦାବୀରେ ଶନିବାର ଦିନ ଥାନା ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତୀ ପାଇଁ ଉଦ୍ୟମ କରିଛନ୍ତି। ନିମାପଡ଼ା ଖେଦରପୁର ଗ୍ରାମର ବିଦୁ୍ୟତ ଲାଇନ କାମ କରୁଥିବା ଅନନ୍ତ ନାରାୟଣ ଗିରି ଏବଂ ତାଙ୍କ ପିତା ନବଘନ ଗିରିଙ୍କୁ ନାଲୁ ସେନାପତି,କାଲୁ ସେନାପତି,ବୁଢା ସେନାପତି,ସଞ୍ଜୟ ସେନାପତି ଓ କାଳିଆ ସେନାପତି ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ପୁଅ ଅନନ୍ତ ଓ ବାପା ନବଘନ ଆହତ ହୋଇଥିଲେ। ଆକ୍ରମଣ ପରେ ଆହତ ଅନନ୍ତଙ୍କ ପନିୀ ଶୁଭଲକ୍ଷ୍ମୀ ଗତ ୮ ତାରିଖରେ ଉପରୋକ୍ତ ୫ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବାରୁ ଅଭିଯୋଗକାରୀ ଶୁଭଲକ୍ଷ୍ମୀ ଗୁରୁବାର ରାତ୍ରରେ ଏକ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଆଣି ଥାନା ସମ୍ମୁଖରେ ଆତ୍ମାହୁତୀ ଦେବା ପାଇଁ ଉଦ୍ୟମ କରିବା ବେଳେ ପୁଲିସ ଅଟକାଇଥିଲା। ଏହି ଘଟଣା ପରେ ପୁଲିସ ୫ଜଣ ଅଭିଯୁକ୍ତଙ୍କ ବିରୋଧରେ କେଶ ନଂ ୨୧୯/୨୬ରେ ଏକ ମାମଲା ରୁଜୁକରିଛି। ଅନ୍ୟପଟେ ଖେଦରପୁର ଗ୍ରାମର ଶୁଭଶ୍ରୀ ପ୍ରଧାନ ଗତ ୭ ତାରିଖ ରାତ୍ରରେ ବାଡିପଟକୁ ପରିସ୍ରା କରିବାକୁ ଯାଇଥିବା ବେଳେ ଅନନ୍ତ ନାରାୟଣ ଗିରି,ନିରଞ୍ଜନ ଗିରି ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହିତ ବେକରୁ ଏକ ସୁନା ଚେନ ଛିଣ୍ଡାଇ ନେଇଥିବା ନେଇ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ୨୨୦/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ହନୁମାନ ମନ୍ଦିରରୁ ଚୋରି : ଅଭିଯୁକ୍ତକୁ ପୋଲିସ ଜିମା

ଆଠଗଡ ,(ସବ୍ୟୁ): ଆଠଗଡ଼ ଅଞ୍ଚଳରେ ଚୋରି ଡକାୟତି ହିଂସା ଦିନକୁ ଦିନ ବୃଦ୍ଧି ପାଉଛି । ଶନିବାର ସକାଳୁ ଆଠଗଡ଼ ଚାନ୍ଦବାଲି ଛକ ସ୍ଥିତ ହନୁମାନ ମନ୍ଦିର ହୁଣ୍ଡି ରୁ ଚୋରି ଖବର ଜଣା ପଡ଼ିଥିଲା । ମନ୍ଦିର ହୁଣ୍ଡି ଭାଙ୍ଗି କେହି ଦୁବୃର୍ତ୍ତ ସେଥିରେ ଥିବା ଟଙ୍କାପଇସା ନେଇ ଯିବା ଆଠଗଡ଼ ଥାନା ରେ ଅଭିଯୋଗ ହୋଇଥିଲା। ତେବେ ଜଣେ ଯୁବକ ସନ୍ଦିପ ଭାବରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସ୍ୱପ୍ନେଶ୍ୱର ଶିବ ମନ୍ଦିର ନିକଟରେ ବସି ଗାମୁଛା ପକାଇ ଟଙ୍କା ଗଣୁଥିବା ଦେଖି ସାଧାରଣ ଲୋକ ତାକୁ ଧରି ଆଠଗଡ଼ ପୋଲିସ ଜିମା ଦେଇଥିଲେ। ପୋଲିସ ତା ନିକଟରୁ ୧୦ ହଜାର ୨୬୫ ଟଙ୍କା ସହିତ ଗୋଟିଏ ଲୁହା ରଡ ଏବଂ ପ୍ଲାସ ଜବତ କରି ପଚରା ଉଚୁରା କରିବା ପରେ ସେ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରିଥିବା ସୀକାର କରିଥିଲା । ଅଭିଯୁକ୍ତ ଜଣକ ହେଉଛି ତିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ ଗରପଡା ଶବର ସାହିର ବିକଳ ଦେହୁରୀଙ୍କ ପୁଅ ମୁଳିଆ ଓରଫ ପବିତ୍ର ଦେହୁରୀ (୨୫) । ତେବେ ଆଠଗଡ଼ ଅଞ୍ଚଳରେ ହୋଇଥିବା ଅନ୍ୟାନ୍ୟ

### ନିଳୋକ ହାଇସ୍କୁଲରେ ବନ ମହୋତ୍ସବ

ବନ୍ତ,(ସବ୍ୟୁ): ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ସରକାରୀ ହାଇସ୍କୁଲ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ଅସିତ କୁମାର ପୁହାଣ,ରବି ନାରାୟଣ ପାଣି,ସ୍ୱାଧୀନ କୁମାର ସାହୁ,ଦୀନେଶ କୁମାର ନାୟକ,ଶିକ୍ଷୟତ୍ରୀ ସ୍ୱୟଂପ୍ରଭା ନାୟକ,କ୍ରୀଡା ଶିକ୍ଷକ ବିଜୟ କୁମାର ରାଉତ,ଶିକ୍ଷା କର୍ମଚାରୀ ରବିନ୍ଦ୍ର ମୋହନ ମାଝୀ,ଦୀପ୍ତି ରଞ୍ଜନ ସାହୁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସାମିଲ ଥିଲେ ।


E-Mail I.D.-eerbjspr@gmail.com

OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA

34001/466/2627 ("e" PROCUREMENTNOTICE)

Bid Identification No. S.E.JSPR(R&B) - 09 of 2026-27

TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building works as mentioned below.
2. No.of Work : 01 Nos.
3. Nature of work : Electrical Work
4. Classof Contractor : HT " Class
5. Tender Paper Cost : Rs.6,000.00/- (Online)
6. Available of bid documents in the website : From 14.07.2026 05.00 P.M of 28 /07/2026
7. Date of Opening of Bid : 11.00 AM of 29/07/2026

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er. Sarbendu Sutar)
Addl. Chief Engineer,
Jagatsinghpur (R&B) Division

OIPR : 34001/34093/1/26-27/0009



AFFIDAVIT

By virtue of an affidavit sworn before the Notary public Bhadrak dated 06.07.26. I BAIDHAR BISWAL ,S/o- Late Bhagabat Charan Das,at-Nayananda, P.o-Serapur,P.s-Tihidi, Dist -Bhadrak,Pin-756127, declare that I have changed my name from BAISHNAB CHARAN DAS to BAIDHAR BISWAL. Hanceforth I shall be known as BAIDHAR BISWAL for all purpose.

BAIDHAR BISWAL



AFFIDAVIT

By the Virtue of this affidavit in the court of Executive Magistrate, Vyasanagar, Jajpur vide SI No-4071/Dated-08/07/2026 I, Upendra Kumar Panda, of Vill- Chandipur, Po- Rasulpur, Ps- Kuakhia, Dist-Jajpur, Odisha-755009, declare that my wife's name was wrongly recorded as "Asha Lata Kantha" instead of "Ashalata Kantha" in my son Ashutosh Panda's Birth Certificate. Both names is one and same person. This affidavit is executed for correction in the Birth Certificate and for all official purposes.

Upendra Kumar Panda
(Deponent)


# ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

ଆଠଗଡ, (ସବ୍ୟୁ): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବିରଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାରଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ବୈଠକ ମାଧ୍ୟମରେ କରଛନ୍ତି । ଏହିକ୍ରମରେ ସ୍ଥାନିୟ ଅର୍ଜୁନ ସୁବୁଦ୍ଧି ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସଂଯୋଜନା ଏବଂ ବ୍ଲକଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେହୁରିଙ୍କ ପୌରହିତରେ ଉପଜିଲ୍ଲାପାଳ ପ୍ରହଲାଦ ନାରାୟଣ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳକ ଉନ୍ମୋଚନ କରିଥିଲେ । ତାଙ୍କସହିତ ଗୋଷ୍ଠି ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ଧର୍ମ ରଞ୍ଜନ ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟ ସସ୍ମିତା ରାଉତ ଏବଂ ସଞ୍ଜୟ କୁମାର ମଲ୍ଲିକ ସ୍ଥାନିୟ ସରପଞ୍ଚ ଶର୍ମିଳା ନାୟକ ଏବଂ ସୋମନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ । ଏହାସହିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ସମର୍ଥନ କରିବା ସହିତ ଏହାର ରୁପରେଖ ନେଇ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପୁର୍ବତନ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା ବାଙ୍କୀ ଡମପଡାର ବ୍ଲକଶିକ୍ଷା ଅଧିକାରୀ କାମରାଜ ସାହୁ ଶିକ୍ଷାବିତ ମତଗଜ ସିଂ, ସୁବାସ ଚନ୍ଦ୍ର ସାହୁ, ଶିକ୍ଷକ ପରିବାର ପକ୍ଷରୁ ବାରିଦ ବରଣ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ କୁମାର ଗୋଛି, ଶଚ୍ଚିଦାନନ୍ଦ ରାଉଳ, ଚନ୍ଦ୍ରମଣି ସାହୁ ସମେତ ବ୍ଲର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣୀ ସଓ୍ୱାଇଁ, ମହେଶ୍ୱର ସେଠି, ଅଶୋକ କୁମାର ଦାସ, ଉମାଶଙ୍କର ରାଉତ, ବିଶ୍ୱ ରଞ୍ଜନ ଜେନା, ନିଶାକର ଖଟୁଆ, ପ୍ରଶାନ୍ତ କୁମାର ଘୋଡେଇ ପ୍ରମୁଖ ଯୋଗଦବୋ ସହିତ ସହଯୋଗ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମଧବ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନ କରିଥେଲେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷିକା ସହଯୋଗ ଦେଇଥିଲେ । ଏହାସହିତ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ରହି ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।


HOUSING AND URBAN DEVELOPMENT DEPARTMENT
OFFICE OF THE BARAGADA MUNICIPAL COUNCIL: BARAGADA
AT/PO/DIST.-BARAGADA, PIN-768028, Email-bargarhmunicipality.eo@gmail.com
Letter No. 2605 /, Dated : 10/07/2026

13001/1148/2627

Notice Inviting Tenders

NATIONAL COMPETITIVE BIDDING THROUGH e-Procurement

Baragada Municipality, Baragada, invites the Request for Proposal (RFP) for Sanitation Work of All 19 Wards in Baragada Municipality, as reflected hereunder, in conformity with the Detailed Request for Proposal (RFP), The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen/downloaded, from e-procurement portal of Govt, of Odisha, during the period as stipulated under critical date.

| Sl No. | Name of the Work | Bid Security | Cost of Document | Period of Contract |
|---|---|---|---|---|
| | (2) | (3) | (4) | (5) |
| 1 | Sanitation Work of All 19 Wards in Baragada Municipality | Rs. 651053/- | Rs. 20000/- | 1 Year(one year) |

The Schedule of Bidding process is as follows

| Sl No. | Description | Critical Dates |
|---|---|---|
| 1. | Period of availability of tender document for bidding in e- procurement portal and website | From 13.07.2026 (Time-10.00. AM) to Dt. 23.07.2026 (Time-05.00. PM) |
| 2. | Pre-Bid Meeting Baragada Municipality. | Dt.15.07.2026 (Time-12.00 Noon) at Council Hall |
| 3. | Submission of Pre-bid queries by Applicants to email id : bargarhmunicipality.eo@gmail.com | Dt.15.07.2026 up to (Time-05.00 PM) |
| 4. | Last date and time for submission of proposal on online mode | Dt.23.07.2026 (Time- 05.00 PM) |
| 5. | Date & Time of opening of proposal | Dt.24.07.2026 (Time-11.00 AM) |

1. Mode of Submission: Bid documents should be submitted online in www.tendersodisha.gov.in
2. The bidders desirous to participate in bidding must possess compatible Digital Signature and should follow the changes/modifications/addendum to RFP if any.
3. Other details can be seen in the bidding documents, which is available in website www.tendersodisha.gov.in and website of Baragada Municipality i.e https://www.bargarhmunicipality.in
4. Subsequent corrigendum, if required, shall appear in the www.tendersodisha.gov.in and website of Baragada Municipality i.e **https://www.bargarhmunicipality.in.**
5. Authority reserves the right to cancel the entire bid process or part of it, at any stage without assigning any reason thereof.
6. Please note that no liability will be accepted for difficulties in, and/or incomplete download of the Tender document.

Sd/- Executive Officer
Baragada Municipality

OIPR : 13001/13103/1/26-27/0013


# ଆର.କେ ରେସିଡେନ୍ସିଆଲ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୀଳଗିର, (ସବ୍ୟୁ) : ସୁଶିଲ କୁମାର ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଓ ନୀଳଗିରି ପରିବାର ଆର.କେ ରେସିଡେନ୍ସିଆଲ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦିକା ତଥା ନିର୍ଦ୍ଦେଶିକା ଓ୍ୱପାଲି ଉପମିତା ପ୍ରଧାନଙ୍କ ପରାମର୍ଶ କ୍ରମେ ବିଦ୍ୟାଳୟରେ ନୂଆକରି ନାମ ଲେଖାଇଥିବା ପିଲାଙ୍କୁ ସ୍ୱାଗତ କରା ଯାଇଥିଲା । ଏହା ସହ ଗତ ମେଟ୍ରିକ ପରିକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଓ ଛାତ୍ରୀ ଦ୍ୱୟଙ୍କୁ ସେବା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କର ସିନିଅର ଜେନେରାଲ ମ୍ୟାନେଜରଚିନ୍ତାମଣିଦାସ,ୟୁକୋ ବ୍ୟାଙ୍କ ଅବସର ପ୍ରାପ୍ତ ମ୍ୟାନେଜର କମଳାକାନ୍ତ ଦାଶ ମହାପାତ୍ର, ଇଞ୍ଜିନିୟର ଓ.ଏମ.ସି ଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବିଦ୍ୟାଳୟରେ ଅଧ୍ୟୟନ ରତ ଆର୍ଥିକ ଅନଗ୍ରସର ଛାତ୍ର ଓ ଛାତ୍ରୀମାନଙ୍କୁ ସଂସ୍ଥା ତରଫରୁ ସ୍କୁଲ ବ୍ୟାଗ, ପାଠ୍ୟ ଉପକରଣ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ ୧୦ହଜାର ଟଙ୍କା ମୂଲ୍ୟର ପାଠାଗାର ପୁସ୍ତକ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ନାୟକ ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଂଜନ ପ୍ରଧାନ ସଭାପତିତ୍ୱ କରିଥିଲେ ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସରର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ଦିବ୍ୟାଙ୍ଗ ମାନଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବେତନଟୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ରନାରାୟଣ ସିଂହଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳିଙ୍କ ସମେତ ଏୟାରପୋର୍ଟ ଅଥୋରିଟି ଅଫ ଇଣ୍ଡିଆର ଡିଜିଏମ ନମିତା ଦେହୁରୀ, ବେତନଟୀ ବ୍ଲକ ଏବିଡିଓ ଗଗନବିହାରୀ ବେହେରା ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ଚିହ୍ନଟ କରାଯାଇଥିବା ୨୨୧ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୨୦୭ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିବା ବେଳେ ୨୦୨ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ଉପସ୍ଥିତ ଥିବା ୭୩ଜଣଙ୍କୁ ବିଭିନ୍ନ ପ୍ରକାର ସହାୟକ ଉପକରଣ ବଣ୍ଟନ କରାଯାଇଛି । ୩୮ଜଣଙ୍କୁ ତିନିଚକିଆ ସାଇକେଲ, ୬୨ଜଣଙ୍କୁ ହ୍ୱିଲ ଚେୟାର, ୮ଜଣଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ, ୬୦ଜଣଙ୍କୁ ଶ୍ରବଣଯନ୍ତ୍ର, ୨୦ଜଣଙ୍କୁ ସ୍ମାର୍ଟଷ୍ଟିକ(ବାଡି) ଏବଂ ୨୨ଜଣଙ୍କୁ ଅଟିଜିମ କିଟ ପ୍ରଦାନ କରାଯାଇଛି ।

## ସୋଆରେ ଆଇଏନ୍ଏଇ ଟେକ୍ନୋଲୋଜି କନ୍‌କ୍ଲେଭ

# ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାର ବିକାଶ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ଦେଶର ଶିଳ୍ପ ଓ ଅର୍ଥନୈତିକ ବିକାଶକୁ ଗତିଶୀଳ କରିବା ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାର ବିକାଶ ଅପରିହାର୍ଯ୍ୟ ବୋଲି ଶନିବାର ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଥିବା ଭାରତୀୟ ଜାତୀୟ ଯାନ୍ତ୍ରିକ ଏକାଡେମୀ (ଆଇଏନଏଇ) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଦ୍ୱିତୀୟ ଟେକ୍ନୋଲୋଜି କନ୍‌କ୍ଲେଭରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ପଣ୍ଡା କହିଥିଲେ ଯେ, ଭାରତରେ ଇସ୍ପାତ ଉତ୍ପାଦନ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକଶିତ ହୋଇନାହିଁ ଏବଂ ଦେଶର ସମସ୍ତ ଇସ୍ପାତ କାରଖାନା ବିଦେଶରୁ ଅଣାଯାଇଥିବା ପ୍ରଯୁକ୍ତି ଉପରେ ନିର୍ଭର କରୁଛି।

ସେ କହିଥିଲେ, "ଇସ୍ପାତ ଉତ୍ପାଦନରେ ପ୍ରଦୂଷଣ ହ୍ରାସ କରିବା




ସହ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ ପାଇଁ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି। ଇସ୍ପାତ ଉତ୍ପାଦନ ଏକ ଅତ୍ୟନ୍ତ ପ୍ରଦୂଷଣକାରୀ ପ୍ରକ୍ରିୟା ହୋଇଥିବାରୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଶିକ୍ଷାବିତ୍, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରହିବା ଆବଶ୍ୟକ ବୋଲି ଡକ୍ଟର ପଣ୍ଡା କହିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ବଡ଼ ଆହ୍ୱାନ ହୋଇଥିବା ବେଳେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ହିଁ ଏହାର ସମାଧାନର ରାସ୍ତା ବାହାର କରିପାରିବ ବୋଲି ସେ କହିଥିଲେ।

ବର୍ତ୍ତମାନ ବାର୍ଷିକ ୧୬୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନକୁ ଆଗାମୀ ଚାରିରୁ ପାଂଚ ବର୍ଷ ମଧ୍ୟରେ ପ୍ରାୟ ୩୦୦ ନିୟୁତ ଟନ୍‌କୁ ବୃଦ୍ଧି କରିବା ଭାରତର ଲକ୍ଷ୍ୟ ଥିବା ବେଳେ ଇସ୍ପାତ ଉତ୍ପାଦନରେ କୋକ୍ ପରିବର୍ତ୍ତେ ହାଇଡ୍ରୋଜେନ୍ ବ୍ୟବହାର ଏକ ପରିବେଶ ଅନୁକୂଳ ବିକଳ୍ପ ହୋଇପାରିବ ବୋଲି ସେ କହିଥିଲେ। ସେଲର ପାଂଚଟି ପ୍ରମୁଖ ଇସ୍ପାତ କାରଖାନାରେ କ୍ଷମତା ବୃଦ୍ଧି ସହ ଡିଜିଟାଲାଇଜେସନ୍ ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟବହାର ମାଧ୍ୟମରେ ଶ୍ରମିକଙ୍କ ସୁରକ୍ଷାକୁ ସୁଦୃଢ଼ କରାଯାଉଥିବା ଡକ୍ଟର ପଣ୍ଡା କହିଥିଲେ। ପ୍ରଯୁକ୍ତିଭିତିକ ଷ୍ଟାର୍ଟଅପଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ଉନ୍ନତ ପ୍ରଯୁକ୍ତି ବିକାଶରେ ସହଯୋଗ କରିପାରିବେ ବୋଲି ସେ କହିଥିଲେ।

ଆଇଏନଏଇର ସଭାପତି ଜେ.ଡି. ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ଆଇଏନଏଇ ସଭାପତି ଓ ବିଟ୍‌ସ ମେସ୍ରାର କୁଳପତି ପ୍ରଫେସର ଇନ୍ଦ୍ରନୀଲ ମାନ୍ନା, ଡାନିଏଲି ଇଣ୍ଡିଆର ସିନିୟର ଭାଇସ୍ ପ୍ରେସିଡେଣ୍ଟ ମନୋରଞ୍ଜନ ରାମ ଏବଂ ଆଇଏନଏଇ ଭୁବନେଶ୍ୱର ଚାପ୍‌ଟରର ଅଧ୍ୟକ୍ଷ ତଥା ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇଆଇଟି ଭୁବନେଶ୍ୱରର ଗବେଷଣା ଡିନ୍ ତଥା ଆଇଏନଏଇ ଭୁବନେଶ୍ୱର ଚାପ୍ଟରର ସମ୍ପାଦକ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ନେତା, ପଞ୍ଚାୟତ ସମିତି ସଦସ୍ୟ ଓ କର୍ମୀମାନେ ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

## ଇସ୍କନର ଅଦିନିଆ ରଥଯାତ୍ରା ବିରୋଧରେ 'ଉଇ ଫର୍ ଭୁବନେଶ୍ୱର'ର ଜରୁରୀ ବୈଠକ

# ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଉଇ ଫର୍ ଭୁବନେଶ୍ୱର ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୫ ରାଜୀବ ଭବନ ନିକଟସ୍ଥ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଅମରେଶ ଜେନା, ସମ୍ପାଦକ ନରେନ ସାହୁ, ଯୁଗ୍ମ ସମ୍ପାଦକ ଉମାନାଥ ମିଶ୍ର ଏବଂ ଉପଦେଷ୍ଟା ଡକ୍ଟର ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱରର ବିଭିନ୍ନ ଜଗନ୍ନାଥ ମନ୍ଦିରର ପ୍ରତିନିଧି ଏବଂ ଜଗନ୍ନାଥ ସଂସ୍କୃତି ପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।ଅନୁଷ୍ଠାନ



ପକ୍ଷରୁ ଜଗନ୍ନାଥ ପ୍ରେମୀ ମାନଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ଅଦିନିଆ ରଥଯାତ୍ରା ସଂସ୍କୃତି ଉପରେ କୁଠାରଘାତ ଏହି ବୈଠକରେ ମୁଖ୍ୟତଃ ଇସ୍କନ ପକ୍ଷରୁ କରାଯାଉଥିବା ଅଦିନିଆ ସ୍ନାନ ଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇବା ସହ ବିସ୍ତୃତ ଆଲୋଚନା ହୋଇଥିଲା। ବକ୍ତାମାନେ ମତବ୍ୟକ୍ତ କରିଥିଲେ ଯେ, ଶାସ୍ତ୍ର ଓ ପରମ୍ପରା ଅନୁଯାୟୀ ନିର୍ଦ୍ଦିଷ୍ଟ ତିଥି, ବାର ଓ ନକ୍ଷେତ୍ର ଦେଖି ମହାପ୍ରଭୁଙ୍କ ଲୀଳାଖେଳା ଓ ନୀତିକାନ୍ତି ନିର୍ଦ୍ଧାରଣ କରାଯାଇଛି। ଏହାକୁ ଅମାନ୍ୟ କଲେ ସୃଷ୍ଟିରେ ବିଶୃଙ୍ଖଳା ଦେଖାଦେବ। କିଛି କ୍ଷୁଦ୍ର ସ୍ୱାର୍ଥସାଧନ କରୁଥିବା ଓଡ଼ିଆ ଗୃହଶତ୍ରୁଙ୍କୁ ସାଥୀରେ ନେଇ ଇସ୍କନ ନୀଳାଞ୍ଚଳ ସଂସ୍କୃତିକୁ ଭେଦ କରିବାକୁ ଯେଉଁ ଅପଚେଷ୍ଟା ଚଳାଇଛି, ତାହା ଉପରେ ତୀକ୍ଷଣ ନଜର ରଖିବାକୁ ଏବଂ ଏଥିପାଇଁ ସରକାର ଓ ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ବୈଠକରେ ଦାବି କରାଯାଇଛି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ 'ଉଇ ଫର୍ ୟୁ' ଆଗାମୀ ଦିନରେ ଦୃଢ଼ ପଦକ୍ଷେପ ନେବ ବୋଲି ଆହ୍ୱାନ ଦିଆଯାଇଛି।

# ଓଡ଼ିଆ ଭାଷାର ପ୍ରଚାର ପାଇଁ ପୂର୍ବତଟ ରେଳପଥ ପ୍ରତିବଦ୍ଧ

ଭୁବନେଶ୍ୱର, (ସବ୍ୟୁ): ସମ୍ପ୍ରତି ପୁରୀରେ ଅନୁଷ୍ଠିତ ରେଳ କାର୍ଯ୍ୟକ୍ରମରେ ପ୍ରଚାର ସାମଗ୍ରୀରେ ବ୍ୟବହୃତ କିଛି ଓଡ଼ିଆ ଅନୁବାଦ ସମ୍ପର୍କରେ ଗଣମାଧ୍ୟମ ରିପୋର୍ଟକୁ ପୂର୍ବତଟ ରେଳପଥ ଧ୍ୟାନ ଦେଇଛି। ପୂର୍ବତଟ ରେଳପଥ ସର୍ବଦା ଓଡ଼ିଆ ଭାଷାକୁ ସର୍ବୋଚ୍ଚ ସମ୍ମାନ ଦେଇଆସିଛି ଏବଂ ସମସ୍ତ ସରକାରୀ ଯୋଗାଯୋଗରେ ଏହାର ଉପଯୁକ୍ତ ଏବଂ ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଆମେ ଆମର ଜନସମ୍ପର୍କର ପ୍ରତ୍ୟେକ ଦିଗରେ ଓଡ଼ିଆର ସମୃଦ୍ଧି, ମର୍ଯ୍ୟାଦା ଏବଂ ଗର୍ବକୁ ବଜାୟ ରଖିବାକୁ ନିରନ୍ତର ଚେଷ୍ଟା କରୁ। ପୂର୍ବତଟ ରେଳପଥର ଜନସମ୍ପର୍କ ବିଭାଗରେ ଓଡ଼ିଆ ଭାଷାଭାଷୀ ଅଧିକାରୀ ଏବଂ କର୍ମଚାରୀମାନେ ନିୟୋଜିତ ଅଛନ୍ତି ଯେଉଁମାନେ ସରଳ, ସ୍ପଷ୍ଟ ଏବଂ ସହଜରେ ବୁଝିହେଉଥିବା ଓଡ଼ିଆ ଭାଷାରେ ରେଳ ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିବାକୁ ଆନ୍ତରିକତାର ସହ ଚେଷ୍ଟା କରନ୍ତି ଯାହା ଦ୍ୱାରା ବାର୍ତ୍ତା ଜୀବନର ସମସ୍ତ ବର୍ଗର ଲୋକଙ୍କ ପାଖରେ ପହଞ୍ଚିପାରିବ।

ଏହି ଭାବନାରେ, ପୁରୀ-କୋରାପୁଟ ଏକ୍ସପ୍ରେସର ଉପକୂଳରୁ ଉପତ୍ୟକା ସହିତ ସଂଯୋଗ କରିବା ବିଷୟବସ୍ତୁ ଏବଂ ଆଦିବାସୀ ସମ୍ପ୍ରଦାୟ ନିମନ୍ତେ ମହାନ ଗତିଶୀଳତା ବିଷୟବସ୍ତୁ ପାଇଁ ଆଦିବାସୀ ସମ୍ପ୍ରଦାୟଲାଗି ଉନ୍ନତ ଗମନାଗମନ ଶବ୍ଦଗୁଡ଼ିକୁ ସଚେତନ ଭାବରେ ବାଛି ନିଆଯାଇଥିଲା ଯାହା ଦ୍ୱାରା ଉଦ୍ଦେଶ୍ୟମୂଳକ ବାର୍ତ୍ତାକୁ ସରଳ ଏବଂ ପାଠକ ଅନୁକୂଳ ଭାବରେ ପ୍ରଦାନ କରାଯାଇପାରିବ। ଉଦ୍ଦେଶ୍ୟ ଥିଲା ଉନ୍ନତ ରେଳ ସଂଯୋଗୀକରଣର ସାରକୁ ସାଧାରଣ ଜନତା ସହଜରେ ବୁଝିପାରିବେ ବୋଲି ଭାଷାରେ ପ୍ରକାଶ କରିବା।ଯେକୌଣସି ଅସାବଧାନ ଭାଷାଗତ କିମ୍ବା ଟାଇପୋଗ୍ରାଫିକାଲ୍ ତ୍ରୁଟି ସମ୍ପର୍କରେ ପ୍ରତ୍ୟେକ ଗଠନମୂଳକ ପରାମର୍ଶକୁ ଆମେ ଆନ୍ତରିକ ଭାବରେ ପ୍ରଶଂସା କରୁଛୁ। ଏପରି ମତାମତ ସର୍ବଦା ମୂଲ୍ୟବାନ ଏବଂ ଆମ ଯୋଗାଯୋଗର ଗୁଣବତ୍ତା ଆହୁରି ଉନ୍ନତ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ହ୍ୱାଟ୍ସଆପ୍, ଇମେଲ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସେୟାର କରାଯାଇଥିବା ଓଡ଼ିଆ ଲେଖା କେତେକ ସମୟରେ ୟୁନିକୋଡ୍ ସମର୍ଥନ, ଫଣ୍ଟ ରେଣ୍ଡରିଂ ଏବଂ ବ୍ୟକ୍ତିଗତ ମୋବାଇଲ୍ ଫୋନ୍ କିମ୍ବା କମ୍ପ୍ୟୁଟରରେ ଉପଲବ୍ଧ ସଫଟୱେର୍ ସଂସ୍କରଣ ଉପରେ ନିର୍ଭର କରି ଭିନ୍ନ ଭାବରେ ଦେଖାଯାଇପାରେ, ଯାହାର ଫଳସ୍ୱରୂପ କେତେକ ସମୟରେ ପ୍ରଦର୍ଶନରେ ପରିବର୍ତ୍ତନ ଆସିଥାଏ। ପୂର୍ବତଟ ରେଳପଥ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ଓଡ଼ିଆ ଭାଷାର ପ୍ରଚାର ଏବଂ ସଂରକ୍ଷଣ ଏକ ସାମୂହିକ ପ୍ରୟାସ। ଏହି ମିଳିତ ମିଶନରେ ଆମ ସହିତ ସହଭାଗୀ ହେବା ପାଇଁ ଆମେ ଆମର ସମ୍ମାନିତ ଗଣମାଧ୍ୟମ ବନ୍ଧୁ, ଭାଷା ବିଶେଷଜ୍ଞ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ସମ୍ମାନର ସହିତ ନିମନ୍ତ୍ରଣ କରୁଛ ଯେତେବେଳେ କୌଣସି ତ୍ରୁଟି କିମ୍ବା ଉନ୍ନତିର ସୁଯୋଗ ଦେଖାଯାଏ, ଆମେ ଅନୁରୋଧ କରୁଛୁ ଯେ ଏହାକୁ ଲୋକସମ୍ପର୍କ ବିଭାଗର ଦୃଷ୍ଟିକୁ ଅଣାଯାଇପାରିବ ଯାହା ଦ୍ୱାରା ଏହାକୁ ଯାଞ୍ଚ କରାଯାଇପାରିବ ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ସଂଶୋଧନ କରାଯାଇପାରିବ। ଆମେ ଗଣମାଧ୍ୟମ ଏବଂ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସଦିଚ୍ଛା, ମାର୍ଗଦର୍ଶନ ଏବଂ ସମର୍ଥନକୁ ଗଭୀର ଭାବରେ ମୂଲ୍ୟବାନ କରୁ। ଏକାଠି, ଆସନ୍ତୁ ଆମେ ରେଳ ଯୋଗାଯୋଗରେ ସରଳ, ସଠିକ୍ ଏବଂ ଅର୍ଥପୂର୍ଣ୍ଣ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ କରିବା ଏବଂ ଆମର ପ୍ରିୟ ଭାଷାର ଗର୍ବ, ଐତିହ୍ୟ ଏବଂ ପ୍ରତିଷ୍ଠାକୁ ବଜାୟ ରଖିବା।

## ଦୁର୍ଘଟଣାରେ ଖବରକାଗଜ ବିକ୍ରେତା ଗୁରୁତର

ନିଶ୍ଚିନ୍ତକୋଇଲି (ସବ୍ୟୁ) :ଆଜି କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ନିକଟରେ ଏକ ଦୁର୍ଘଟଣାରେ ଜଣେ ଖବରକାଗଜ ବିକ୍ରେତା ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କଟକର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ଅବସ୍ଥା ଗୁରୁତର ଥିବାର ଜଣାଯାଇଛି। ଦୀର୍ଘ ଦିନ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ସୁନାଇଲୋ ଗ୍ରାମର ରନାକର ଦେବତା(ହୁରିଆ ନନା) ସ୍ଥାନୀୟ ଅଂଚଳରେ ବିଭିନ୍ନ ଖବରକାଗଜ ବିକ୍ରେତା ରୂପେ କାର୍ଯ୍ୟକରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ଆଜି ସକାଳେ ଶ୍ରୀ ଦେବତା ବଜାରରେ ଖବର କାଗଜ ବିତରଣ କରି ଫେରୁଥିଲା ବେଳେ ବଜାର ନିକଟରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶ୍ରୀ ଦେବତା ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବିଷାକ୍ତ ସାପ କାମୁଡ଼ା : ଗୁରୁତର ଛାତ୍ର ମୃତ, ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

ବେତନଟୀ (ସବ୍ୟୁ)ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ବିଷାକ୍ତ ସାପ ଦଂଶନ କରିବାରୁ ପଞ୍ଚମ ଶ୍ରେଣୀର ହଷ୍ଟେଲ ଛାତ୍ର ଗୁରୁତର ଭାବେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ସମୟରେ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାକୁ ନେଇ ଗଡଦେଉଳିଆ ଗ୍ରାମବାସୀ ସମେତ ସମସ୍ତ ଅଭିଭାବକ ପୂର୍ବାହ୍ନ ସମୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବର୍ଣ୍ଣ ଭୂୟାଁଙ୍କ ଦାୟିତ୍ୱ ହୀନତା ର କାର୍ଯ୍ୟକଳାପକୁ ବିରୋଧ କରି ଶତାଧିକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ପୁରେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନାକୁ ଲକ୍ଷ୍ୟ କରି ବୈଶିଙ୍ଗା ଥାନା ଅଧିକାରୀ ବାରୁଣି ଦାସ ସଦଳଦଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କହିଥିଲେ। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଅଭିଭାବକ ଓ ଗ୍ରାମବାସୀ ଅଡି ବସିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ବେତନଟୀ ବ୍ଲକ ଶିକ୍ଷାଧିକାରୀ ଚିଠି ନଂ ୧୭୧୭/୨୬ ମୂଳେ ସୁବର୍ଣ୍ଣ ଭୂୟାଁଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ପିକେ ହିତାଂଶୁ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଦନ ସିଂ ଘଟଣା ସ୍ଥଳରେ ପହଞ୍ଚି ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ମୃତକଙ୍କ ପରିବାରକୁ ଗଣଶିକ୍ଷା ବିଭାଗ ତରଫରୁ ସହାୟତା, ସର୍ପନ ଦଂଶନ ନିମନ୍ତେ ସରକାରୀ ସହାୟତା ଏବଂ ରେଡକ୍ରସ ତରଫରୁ ସହାୟତା ତଥା ଅନ୍ୟ ସମସ୍ତ ପ୍ରକାରର ସହଯୋଗ କରିବା ନିମନ୍ତେ ତଦସିଲଦାର ଶ୍ରୀଯୁକ୍ତ ବେହେରା ସମସ୍ତ ଅଭିଭାବକ ଏବଂ ଗ୍ରାମବାସୀଙ୍କ ନିକଟରେ ପ୍ରକାଶ କରିଥିଲେ। ଅଭିଭାବକମାନଙ୍କ ଦାବି ଅନୁଯାୟୀ ମୃତକଙ୍କ ପରିବାରକୁ ସ୍ୱତନ୍ତ୍ର ଅନୁଦାନ ପାଇଁ ବେତନଟୀ ତହସିଲଦାର ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏହା ପରେ ଘଟଣାର ସମାଧାନ ହୋଇଥିଲା। ନିଲମ୍ବନ ପରେ ହଷ୍ଟେଲର ଦାୟିତ୍ୱ ବୁଝିବା ପାଇଁ ଗ୍ରାମବାସୀଙ୍କ ଦ୍ୱାରା ଅବଗତ କରାଇବା ପରେ ବ୍ଲକ ଶିକ୍ଷାଧିକାରୀ ଜଣକୁ ବିଦ୍ୟାଳୟକୁ ପଠାଇଥିବା ବେଳେ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ହୋଇଛନ୍ତି। ଏହି ଘଟଣାକୁ ନେଇ ଗଡ଼ଦେଉଳିଆ ସରପଞ୍ଚ ବବିତା ସିଂ, ଜିଲ୍ଲାପରିଷଦ ସଦସ୍ୟା ସବିତା ଦାସ, ଦେବବ୍ରତ ପଣ୍ଡା, ଚିନ୍ମୟ ପଣ୍ଡା, ରାଜୀବ ରଞ୍ଜନ ସେନାପତି, ରାମ ମାଝୀ, ରାଜେନ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

## ନିପ୍ପନ ପେଣ୍ଟ୍ ସ୍ମାର୍ଟକର୍ ୨୦୨୬ରେ

# ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଆଡଭାନ୍ସଡ୍ କଏଲ୍ କୋଟିଂସକୁ ପ୍ରଦର୍ଶିତ କରିଛି

ଭୁବନେଶ୍ୱର, (ସବ୍ୟୁ): ନିପ୍ପନ ପେଣ୍ଟ୍ ଜୁଲାଇ ୧୦-୧୧, ୨୦୨୬ ମଧ୍ୟରେ ସିଏସଆଇଆର–ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି, ଭୁବନେଶ୍ୱରଠାରେ ଆୟୋଜିତ 'ସ୍ମାର୍ଟକର୍ -୨୦୨୬' – ପ୍ରଥମ ଆନ୍ତର୍ଜାତୀୟ କ୍ଷୟ ପ୍ରତିରୋଧକ ଏବଂ ସ୍ମାର୍ଟ ନିୟନ୍ତ୍ରଣ ସାମଗ୍ରୀ ସମ୍ମିଳନୀ'ରେ ଭାଗ ନେଇଛି, ଯେଉଁଠାରେ ଏକ ସୁଦୂରପ୍ରସାରୀ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଉନ୍ନତ କଏଲ୍ କୋଟିଂସ ଉପରେ ଆଲୋକପାତ କରାଯାଇଛି। ଏହି ପ୍ରମୁଖ ବିଶ୍ୱସ୍ତରୀୟ ମଞ୍ଚ ଏକ ସୁସ୍ଥିର ଓ ସୁଦୂରପ୍ରସାରୀ ଭବିଷ୍ୟତ ପାଇଁ କ୍ଷୟ-ପ୍ରତିରୋଧୀ ସାମଗ୍ରୀ ଏବଂ ସ୍ମାର୍ଟ ନିୟନ୍ତ୍ରଣ ପ୍ରଯୁକ୍ତିବିଦ୍ୟାର ବିକାଶ ତଥା ସହଯୋଗ କରିବା ନିମନ୍ତେ ଗବେଷକ, ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନବୋନ୍ମେଷକମାନଙ୍କୁ ଏକତ୍ରିତ କରିଛି।




କମ୍ପାନୀର ପ୍ରତିନିଧିତ୍ୱ କରି ନିପ୍ପନ ପେଣ୍ଟ୍ ଇଣ୍ଡିଆର ଇଣ୍ଡଷ୍ଟ୍ରିଆଲ୍ କୋଟିଂସର ପ୍ରେସିଡେଣ୍ଟ ସୁବାଷ ଗାଇଜେସ୍ ସେଲଭରାଜ, 'ପ୍ରି-ପେଣ୍ଟେଡ୍ ଷ୍ଟିଲ୍ ପାଇଁ ହାଇ-ପରଫରମାନ୍ସ କଏଲ୍ କୋଟିଂ ସଲ୍ୟୁସନ୍ସ' ଉପରେ ଏକ ବୈଷୟିକ ପ୍ରସ୍ତୁତି ପ୍ରଦାନ କରିଥିଲେ; ଯେଉଁଥିରେ ସେ ସ୍ଥାୟୀତ୍ୱ, କ୍ଷୟ-ପ୍ରତିରୋଧ, ପାଣିପାଗ ପ୍ରତିରୋଧକ କ୍ଷମତା, ସସ୍ଥାୟୀତ୍ୱ ଏବଂ ଜୀବନଚକ୍ର ପରଫରମାନ୍ସରେ ଉନ୍ନତି ଆଣିବା ପାଇଁ ଉନ୍ନତ କୋଟିଂ ଟେକ୍ନୋଲୋଜିର ବିକାଶଶୀଳ ଭୂମିକା ଉପରେ ଆଲୋକପାତ କରିଥିଲେ।. ସମ୍ମିଳନୀରେ ନିପ୍ପନ ପେଣ୍ଟ୍ ଇଣ୍ଡିଆର ଇଣ୍ଡଷ୍ଟ୍ରିଆଲ୍ କୋଟିଙ୍ଗସର ପ୍ରେସିଡେଣ୍ଟ ସୁଭାଷ ଗାଇଜେସ୍ ସେଲଭାରାଜ କହିଛନ୍ତି, "ଇଣ୍ଡଷ୍ଟ୍ରିଆଲ୍ କୋଟିଂ ବର୍ତ୍ତମାନ କେବଳ ପୃଷ୍ଠଭାଗର ସୁରକ୍ଷାରେ ସୀମିତ ନୁହେଁ; ଏହା ସମ୍ପଦର କାର୍ଯ୍ୟଦକ୍ଷତା, ସସ୍ଥାୟୀତ୍ୱ ଏବଂ ସମଗ୍ର ଜୀବନଚକ୍ର ମୂଲ୍ୟ ବୃଦ୍ଧିର ଏକ ରଣନୀତିଗତ ସକ୍ଷମକାରୀ ଭାବେ ପରିଣତ ହୋଇଛି।

## ପୂର୍ବ ବିବାଦରୁ ଆକ୍ରମଣ : ଅଭିଯୁକ୍ତ ଗିରଫ

କଟକ,(ସବ୍ୟୁ):ପୂର୍ବ ଶତ୍ରୁତାରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ସିଆରଆରଆଇ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ପୋତାପୋଖରୀ ଅଞ୍ଚଳର କେଶବ ବସ୍ତିଆ(୬୦)। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋତାପୋଖରୀ ଅଞ୍ଚଳର ଜିତେନ୍ଦ୍ର ବସ୍ତିଆ ଓ କେଶବ ପୂର୍ବରୁ ପରିଚିତ ଥିଲେ। ଅଧିକାଂଶ ସମୟ ୨ ଜଣ ଏକାଠି ମଦ୍ୟପାନ କରିଥାନ୍ତି। ମାତ୍ର କିଛି ଦିନ ପୂର୍ବେ କୌଣସି ଏକ କଥାକୁ ନେଇ ଦୁହିଁଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ଗତ ୭ ତାରିଖ ରାତିରେ କେଶବ ନିଶାସକ୍ତ ଅବସ୍ଥାରେ ଫେରୁଥିଲା ବେଳେ ପୋତାପୋଖରୀ ଛକରେ ଜିତେନ୍ଦ୍ରଙ୍କୁ ଦେଖିଥିଲେ। ସେଠାରେ ପୂର୍ବ ବିବାଦକୁ ନେଇ କେଶବ ପାଟିତୁଣ୍ଡ କରିଥିଲେ। ଜିତେନ୍ଦ୍ର ପ୍ରତିବାଦ କରିବାରୁ କେଶବ ତାଙ୍କୁ ମାରଧର କରିଥିଲା। ଏପରିକି ଏକ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଜିତେନ୍ଦ୍ରଙ୍କ ଗୋଟିଏ ପଟ କାନ ଅଧା ଛିଡିଯାଇଥିଲା। ଜିତେନ୍ଦ୍ରଙ୍କ ଚିତ୍କାର ଶୁଣି ଆଖପାଖର ଲୋକ ଧାଇଁ ଆସିବାରୁ କେଶବ ସେଠାରୁ ଚମ୍ପଟ ମାରିଥିଲା। ତାଙ୍କୁ ସଂଗେ ସଂଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ପୁଲିସ ମାମଲା ରୁଜୁ କରି ଫେରାର କେଶବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପିଟି ଗଣେଶ ସାହୁ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜ୍ଞାନକୁଞ୍ଜରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ଶନିବାର ସ୍ଥାନୀୟ ନୂଆପଡା ବାଲିସାହୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜ୍ଞାନକୁଞ୍ଜ ପ୍ରାଙ୍ଗଣରେ ଶିଶୁ ବାଟିକା ବିଭାଗର ଘରହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଟିକା ପ୍ରମୁଖ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦଚନ୍ଦ୍ର ପ୍ରଧାନ ଶିଶୁର ସମଗ୍ର ବିକାଶରେ ପରିବାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ସମ୍ପାଦକ ଡ. ରାକେଶ କୁମାର ଜେନା ଅତିଥିଭାବେ ଯୋଗ ଦେଇ ଶିଶୁର ବିକାଶରେ ମା'ର ଭୂମିକା କେତେଯେ, ଅଧିକ ତାହା ବୁଝାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ନିବେଦିତା ମହାପାତ୍ର ଶିଶୁଙ୍କ ଯନିରେ ମା' ଭୂମିକା ନିଜର ଅନୁଭୂତିର କିଛି ଉପାଦେୟ କଥା ମା' ଙ୍କ ପାଇଁ




ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାତ ଶ୍ରେଣୀରୁ ୨ୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କର ମା' ମାନେ ଉପସ୍ଥିତ ଥିଲେ। ଶେଷରେ ଗୁରୁମା ସୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସେବିକା ଭଉଣୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପାଦିତ ହୋଇଥିଲା।


# ବୈଦ୍ୟୁତିକ ପଙ୍ଖା ପଡ଼ି ଛାତ୍ରୀ ଆହତ

ନିଶ୍ଚିନ୍ତକୋଇଲି (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଶ୍ରେଣୀ ଗୃହ ଛାତରୁ ବୈଦ୍ୟୁତିକ ପଙ୍ଖା ଖସି ପଡିବା ଯୋଗୁ ଜଣେ ଛାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ମହାବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ଆଜି ଛାତ୍ର ଛାତ୍ରୀ ମାନଙ୍କୁ କରାଠି ପ୍ରଶିକ୍ଷଣ ଦିଆଯାଉଥିଲା ବେଳେ ଆକସ୍ମିକ ଭବେ ଏକ ବୈଦ୍ୟୁତିକ ପଙ୍ଖା ଖସି ପଡିଥିଲା। ଏହି ପଙ୍ଖାଟି ସ୍ଥାନୀୟ ମହାବିଦ୍ୟାଳୟର ୩ ଦ୍ୱିତୀୟ ବର୍ଷ ଛାତ୍ରୀ ସ୍ମୃତିରେଖା ମଲିକଙ୍କ ଉପରେ ପଡିଥିଲା। ଫଳରେ ତାଙ୍କ କାନ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା।

## ସମବାୟ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ

# ୫୦ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛି ବେଦାନ୍ତ ଆଲୁମିନିୟମର ଶୁଭଲକ୍ଷ୍ମୀ

ଭୁବନେଶ୍ୱର (ସବ୍ୟୁ): ପରିବର୍ତ୍ତନଶୀଳ ସାମୁଦାୟିକ ବିକାଶ ପ୍ରୟାସ ପ୍ରତି ଏହାର ପ୍ରତିବଦ୍ଧତାର ସଫଳତାକୁ ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ଶୁଭଲକ୍ଷ୍ମୀ ସମବାୟ ସମ୍ପ୍ରତି ଝାରସୁଗୁଡ଼ାର ୫୦ ଜଣ ମେଧାବୀ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସଦ୍ୟତମ ବୋର୍ଡ ପରୀକ୍ଷାରେ ସେମାନଙ୍କର ଉତମ ପ୍ରଦର୍ଶନ ପାଇଁ ସମ୍ମାନିତ କରିଛି। ମହିଳା କଲ୍ୟାଣ ପାଣ୍ଠି ଅଧୀନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା, ଯାହା ଶୁଭଲକ୍ଷ୍ମୀ ସମବାୟ ଦ୍ୱାରା ଏକ ଅନନ୍ୟ ପଦକ୍ଷେପ ଯାହାକି ବ୍ୟକ୍ତିଗତ ସଦସ୍ୟଙ୍କ ଯୋଗଦାନକୁ ସିଧାସଳଖ ବିଭିନ୍ନ ସାମୁଦାୟିକ କଲ୍ୟାଣ ପଦକ୍ଷେପରେ ପରିଚାଳିତ କରିଥାଏ। ଝାରସୁଗୁଡ଼ା ଜିଲ୍ଲା ସାଂସ୍କୃତିକ କାର୍ଯ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଶୈକ୍ଷିକ ଉତ୍କର୍ଷତା ପାଳନ କରାଯାଇଥିଲା, ସହିତ ଶିକ୍ଷାଗତ ସୁଯୋଗ ଏବଂ ସମାଜ କଲ୍ୟାଣ



ବିସ୍ତାର କରିବାରେ ମହିଳା-ନେତୃତ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକର ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ)ର ସିଇଓ ଯୁବରାଜ ସିଂହ, ଆଇଡିବିଆଇ ବ୍ୟାଙ୍କର ଶାଖା ପରିଚାଳକ ଆଦିତ୍ୟ ପରିଡା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ବେଦାନ୍ତ ଆଲୁମିନିୟମ ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ମାନେ ତାଙ୍କ ପରିବାର ସହିତ ଉପସ୍ଥିତ ଥିଲେ।

ସୁଭଲକ୍ଷ୍ମୀ ସମବାୟ ହେଉଛି ଓଡ଼ିଶାର ସର୍ବବୃହତ ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ସମବାୟ ମଧ୍ୟରୁ ଗୋଟିଏ, ଏବଂ ବେଦାନ୍ତ ଆଲୁମିନିୟମ ଦ୍ୱାରା ବ୍ୟାପକ ଭାବରେ ସମର୍ଥିତ। ଏହା ହଜାର ହଜାର ଗ୍ରାମୀଣ ମହିଳାଙ୍କୁ ଉଦ୍ୟୋଗୀ ହେବା, ସୁଲଭ ଆର୍ଥିକ ସହାୟତା ପାଇବା ଏବଂ ସ୍ଥାୟୀ ଜୀବିକା ନିର୍ବାହ କରିବାରେ ସକ୍ଷମ କରିଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମ - ଝାରସୁଗୁଡାର ସିଇଓ ସି. ଚନ୍ଦୁ କହିଛନ୍ତି, ଏହି ଯୁବ ଛାତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ସଫଳତା ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ଥିବା ଦୃଢ଼ ସହାୟତା ପ୍ରଣାଳୀକୁ ପ୍ରତିଫଳିତ କରେ। ଏହି ପଦକ୍ଷେପ ବିଷୟରେ ନିଜର ମତାମତ ଯୋଡ଼ି, ଯୁବରାଜ ସିଂହ, ସିଇଓ - ଓରମାସ କହିଛନ୍ତି, ସୁଭଲକ୍ଷ୍ମୀ ସମବାୟ ପ୍ରଦର୍ଶନ କରିଛି ଯେ କିପରି ମହିଳା-ନେତୃତ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକ ସାମାଜିକ ପରିବର୍ତ୍ତନର ଶକ୍ତିଶାଳୀ ଏଜେଂଟ ହୋଇପାରିବେ।

# ପାକିସ୍ତାନରେ ୮୮ ଆତଙ୍କବାଦୀ ନିହତ

**ଇସଲାମାବାଦ:** ପାକିସ୍ତାନ ସରକାର ଜୁଲାଇ ୫ ତାରିଖରୁ ଆତଙ୍କବାଦୀଙ୍କ ଉପରେ ବଲୁଚିସ୍ତାନ ପ୍ରଦେଶରେ ବଡ଼ଧରଣ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସୁରକ୍ଷାକର୍ମୀ ଏପର୍ଯ୍ୟନ୍ତ ୮୮ ଜଣ ଆତଙ୍କବାଦୀଙ୍କୁ ନିପାତ କରିଥିବା ଶନିବାର ପାକିସ୍ତାନ ସରକାର ପ୍ରକାଶ କରିଛନ୍ତି। ଗତ ୨୪ ଘଣ୍ଟାରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ୍ ନକଭୀ କହିଛନ୍ତି। ପାକିସ୍ତାନରେ 'ଅପରେସନ ଶାହବାନ୍'ରେ ଏପର୍ଯ୍ୟନ୍ତ ୮୮ ଜଣଙ୍କ ମୃତ୍ୟୁ ହୋଇଛି। ଚାଲିଥିବା ଅପରେସନରେ ପାକିସ୍ତାନ ସେନା, ଅର୍ଦ୍ଧସାମରିକ ରେଞ୍ଜର୍ସ ଓ ସୀମାନ୍ତ ବାହିନୀ ସାମିଲ ଅଛନ୍ତି। ସୁରକ୍ଷା ବାହିନୀ ପ୍ରଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆଡ୍ଡା ଉପରେ ସମନ୍ୱିତ ଭାବେ ସ୍ଥଳ ଓ ଆକାଶ ମାର୍ଗରୁ ଆକ୍ରମଣ କରିଛନ୍ତି। ଜୁଲାଇ ୫ ତାରିଖରେ ବଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ୍



ଶାହବାନ୍ ଆରମ୍ଭ ହୋଇଥିଲା। ଜିଆରତ ଜିଲ୍ଲାର ମାଙ୍ଗି ଡ୍ୟାମରେ ଥିବା ଏକ ପୁଲିସ ଚେକପଏଣ୍ଟକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଖୁବ୍ ଭୟଙ୍କର ଆକ୍ରମଣ କରିଥିଲେ। ଆତଙ୍କବାଦୀ ୯ ଜଣ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିଥିବାବେଳେ ୧୮ ଜଣଙ୍କୁ ଅପହରଣ କରିନେଇଥିଲେ। ପରେ ଜିଆରତ ନିକଟସ୍ଥ ଜାରଘୁନ୍ ପର୍ବତାଞ୍ଚଳରୁ ଅପହୃତ ପୁଲିସ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଅଧିକାରୀଙ୍କ ହତ୍ୟାକୁ ନେଇ ପାକିସ୍ତାନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ନିହତ ପୁଲିସ ଅଧିକାରୀଙ୍କ ପରିବାରବର୍ଗ ପ୍ରତିବାଦରେ କ୍ୱେଏଟା ଉପକଣ୍ଠରେ ଥିବା କୋଏଲା ଫାଟକ ଚୌକରେ ପ୍ରତିବାଦ ଜାରି ରଖିଛନ୍ତି। ସେମାନେ ମୃତକଙ୍କ ପାଇଁ ନ୍ୟାୟ ଦାବି ଓ ସୁରକ୍ଷାକର୍ମୀଙ୍କ ପାଇଁ କଡ଼ା ସୁରକ୍ଷା ପଦକ୍ଷେପ ଦାବି କରିଛନ୍ତି।୧୮ ପୁଲିସ ଅଧିକାରୀଙ୍କ ମୃତଦେହରୁ ୮ଟି ମୃତଦେହକୁ ଧାରଣାସ୍ଥଳକୁ ଆଣି ପରିବାର ଲୋକମାନେ ଜୋରଦାର ପ୍ରତିବାଦ କରିଥିଲେ। ଜୁଲାଇ ୫ ତାରିଖରେ କ୍ୱେଏଟା ନିକଟସ୍ଥ ହାନ୍ନା ଉରାକ ଉପତ୍ୟକାରେ ମଧ୍ୟ ହିଂସା ଘଟିଥିଲା। ଆତଙ୍କବାଦୀମାନେ ଏକ ସ୍ଥାନୀୟ ଜନଜାତିର ସଦସ୍ୟମାନଙ୍କ ଉପରେ ଆକ୍ରମଣ କରି ପାଞ୍ଚ ଜଣଙ୍କୁ ହତ୍ୟା କରିଥିଲେ। ଆକ୍ରମଣରେ ଆଠ ଜଣ ଆହତ ହୋଇଥିବାବେଳେ ୧୧ ଜଣଙ୍କୁ ସେମାନେ ଅପହରଣ କରିନେଇଥିଲେ। ତେବେ ଅପହୃତ ଜନଜାତି ଲୋକମାନଙ୍କୁ ଶୁକ୍ରବାର ରାତିରେ ଉଦ୍ଧାର କରାଯାଇଥିଲା।

## ଭୁଲ ମାନଚିତ୍ର ନେଇ ଭାରତର ଆପତ୍ତି
# ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ

**ଢାକା:** ବାଂଲାଦେଶର ରାଜଧାନୀ ଢାକାଠାରେ ଆୟୋଜିତ ଏକ ଆନ୍ତର୍ଜାତୀୟ ସେମିନାରରେ ଭାରତର ଭୁଲ୍ ମାନଚିତ୍ର ପ୍ରଦର୍ଶନ କରାଯିବାକୁ ନେଇ ଭାରତ ପକ୍ଷରୁ କଡ଼ା ଆପତ୍ତି ପ୍ରକାଶ କରାଯାଇଛି। "ବାଂଲାଦେଶ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାସନାଲ ଆଣ୍ଡ ଷ୍ଟ୍ରାଟେଜିକ ଷ୍ଟଡିଜ୍" (ବିଆଇଆଇଏସଏସ୍) ସଭାଗୃହରେ "ସାର୍କ ର ପୁନରୁଦ୍ଧାର" ପ୍ରସଙ୍ଗରେ ଚାଲିଥିବା ଏକ ଆଲୋଚନା ଚକ୍ରରେ ଏହି ଘଟଣା ଘଟିଛି। ଭାରତୀୟ ହାଇକମିଶନର ଦ୍ୱିତୀୟ ସଚିବ ପୂଜା କୁମାରୀ ଝା ସେଠାରେ ଉପସ୍ଥିତ ରହି ତୁରନ୍ତ ଏହାକୁ ବିରୋଧ କରିବା ସହ ଜମ୍ମୁ-କାଶ୍ମୀର ଭାରତର ଏକ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପୁନର୍ବାର ସ୍ପଷ୍ଟ କରିଛନ୍ତି।ସୂଚନା ଅନୁଯାୟୀ, ଭାରତରେ ଅବସ୍ଥାପିତ ପୂର୍ବତନ ବାଂଲାଦେଶୀ ହାଇକମିଶନର ଅହମ୍ମଦ ତାରିକ୍ କରିମ୍ ନିଜର ଉପସ୍ଥାପନା ଦେଉଥିବା ବେଳେ ସ୍କ୍ରିନରେ ଏକମାନଚିତ୍ର ଦେଖାଇଥିଲେ, ଯେଉଁଥିରେ ଜମ୍ମୁ-କାଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଚିତ୍ରିତ




କରାଯାଇଥିଲା। ଏହା ଦେଖିବା ମାତ୍ରେ ପ୍ରତିବାଦ କରି ପୂଜା କୁମାରୀ ଝା କହିଥିଲେ, "ସାର୍, ଏହା ଏକ ଭୁଲ୍ ମାନଚିତ୍ର। ଜମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ।" ଏହାର ଜବାବରେ କରିମ୍ କହିଥିଲେ ଯେ ଏହି ମାନଚିତ୍ରଟି କେବଳ ବୁଝାଇବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ଏବଂ ଏହା ପ୍ରକୃତ ସୀମାକୁ ଦର୍ଶାଉନାହିଁ। ତେବେ ଭାରତୀୟ ମାନଚିତ୍ରର ଭୁଲ୍ ଉପସ୍ଥାପନାକୁ ସହ୍ୟ କରାଯାଇପାରିବ ନାହିଁ ବୋଲି ଭାରତୀୟକୂଟନୀତିଜ୍ଞ ଦୃଢ଼ତାର ସହ କହିଥିଲେ, ଯାହା ପରେ କରିମ୍ ନିଜର ଭୁଲ୍ ସ୍ୱୀକାର କରି "ପଏଣ୍ଟ ନୋଟେଡ୍" ବୋଲି କହିଥିଲେ।

## ନ୍ୟୁଜିଲାଣ୍ଡ ମଫଲରର କାହାଣୀ କହିଲେ ହେଲେ ମୋଦୀ

**ଅକଲ୍ୟାଣ୍ଡ:** ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକଲ୍ୟାଣ୍ଡଠାରେ ଶନିବାର ଆୟୋଜିତ ଭାରତୀୟ ସମାବେଶରେ ନିଜର ଏକ ପୁରୁଣା ଓ ଆବେଗପୂର୍ଣ୍ଣ ସ୍ମୃତି ବାଣ୍ଟିଛନ୍ତି। ୨୫ରୁ ୩୦ ତଳେ ନ୍ୟୁଜିଲାଣ୍ଡ ଗସ୍ତ ସମୟରେ ଜଣେ ବନ୍ଧୁ ତାଙ୍କୁ ଉପହାରରେ ଦେଇଥିବା ମଫଲର୍, ଟୋପି ଏବଂ ଗ୍ଲୋଭସ୍ ସେଟକୁ ସଭାରେ ଦେଖାଇବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ କହିଥିଲେ, ମୁଁ ଏହି ମଫଲରକୁ ବର୍ଷ ବର୍ଷ ଧରି ଅନେକ ଥର ବ୍ୟବହାର କରିଛି। ଆଜି ବି ମୁଁ ଏହାକୁ ସେତିକି ମୂଲ୍ୟବାନ ମନେକରେ, ଯେପରି ନ୍ୟୁଜିଲାଣ୍ଡବାସୀଙ୍କ ଭଲପାଇବାକୁ ମୁଁ ସମ୍ମାନ ଦିଏ। ଦୁଇ ଦେଶର ସମ୍ପର୍କ କେବଳ କୂଟନୀତି ନୁହେଁ, ବରଂ ଏହା ମଫଲର୍ ଭଳି ଏକ ଅତି ପୁରୁଣା ବ୍ୟକ୍ତିଗତ ବନ୍ଧୁତା ଓ ସ୍ମୃତିର ମିଶ୍ରଣ ବୋଲି ସେ ଦର୍ଶାଇଛନ୍ତି।

## ଡୋରଭେରୀର ଚମତ୍କାର ଅଭିବୃଦ୍ଧି

**ନୂଆଦିଲ୍ଲୀ,:** ଉଦୀୟମାନ ବିଟୁବିଗ୍ରୋସର ଡେଲିଭରି ପ୍ଲାଟଫର୍ମ 'ଡୋରଭେରୀ' ୨୦୨୬ – ୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ନିଜର ଉଲ୍ଲେଖନୀୟ ବ୍ୟବସାୟିକ ସଫଳତାର ଘୋଷଣା କରିଛି। କମ୍ପାନୀ ପ୍ରତିମାସ ୩୦-୪୦ ପ୍ରତିଶତରାଜସ୍ୱ ଅଭିବୃଦ୍ଧି ହାସଲ କରିଥିବାବେଳେ କାର୍ଯ୍ୟାରମ୍ଭର ପ୍ରଥମ ଦିନରୁ ହିଁ ଲାଭ ଜନକ ରହିଆସିଛି। ଏହି ସଫଳତା ସହ ଡୋରଭେରୀ ବିଟୁବିଗ୍ରୋସରିକ୍ରୟ ଓ ଯୋଗାଣକ୍ଷେତ୍ରରେ ନୂଆମାନଦଣ୍ଡ ସ୍ଥାପନ କରୁଛି। ଏହି ଅବସରରେ ଡୋରଭେରୀର ନିର୍ଦ୍ଦେଶକଜି. ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି, "୨୦୨୬ ବର୍ଷର ପ୍ରଥମ ତ୍ରୟମାସମଧ୍ୟରେ ୫୧.୧୨ କୋଟିଟଙ୍କାରଏଆରଆରହାସଲକରିବା ଆମ ଗ୍ରାହକଙ୍କବିଶ୍ୱାସ ଓ ଆମ ଦଳର ନିଷ୍ଠାର ପ୍ରତିଫଳନ। ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ଆମର ମୂଳଲକ୍ଷ୍ୟ ହେଉଛି କାର୍ଯ୍ୟକୁଶଳତା, ପ୍ରଯୁକ୍ତି-ଭିତ୍ତିକ ନବସୃଜନ ଓ ଗ୍ରାହକ-କେନ୍ଦ୍ରିତସମାଧାନ ମାଧ୍ୟମରେ ଦୀର୍ଘମିଆଦୀ ମୂଲ୍ୟସୃଷ୍ଟି କରିବା।

## ନିରଜ ଶର୍ମା ହତ୍ୟା ମାମଲାର ନୂଆ ମୋଡ଼

**ଜୟପୁର:** ଜୟପୁର ନିବାସୀ ନିରଜ ଶର୍ମାଙ୍କ ହତ୍ୟା ମାମଲା ଏବେ ନୂଆ ମୋଡ଼ ନେଇଛି। ପୁଲିସ ବର୍ତ୍ତମାନ ନିରଜଙ୍କ ସ୍ୱାମୀ ବିଜୟ ଶର୍ମାଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବ। ବିଜୟ ଶର୍ମାଙ୍କର ୨୦୨୫ରେ ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ଭିଣୋଇଙ୍କ ମୃତ୍ୟୁ ପ୍ରାକୃତିକ ନଥିବା ନିରଜଙ୍କ ଭାଇ ପୁଲିସରେ ଅଭିଯୋଗ କରିଛନ୍ତି। ନିରଜଙ୍କ ହତ୍ୟା ମାମଲାରେ ଝିଅ ଆୟୁଷି ଶର୍ମା ଗିରଫ ହେବା ପରେ ଏହି ନୂତନ ଅଭିଯୋଗ ହୋଇଛି। ବାପାଙ୍କ ମୃତ୍ୟୁ ପରେ ସରକାରୀ ଚାକିରି ଓ ପାରିବାରିକ ସମ୍ପତ୍ତି ହଡ଼ପ କରିବାକୁ ଆୟୁଷି ଶର୍ମା ପ୍ରଥମେ ବାପା ଓ ପରେ ମା'ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ୨୩-ବର୍ଷୀୟ ଆୟୁଷି ଶର୍ମା ସରକାରୀ ଚାକିରି ଲୋଭରେ ନିଜ ମା'ଙ୍କୁ ସୁପାରି ଦେଇ ହତ୍ୟା କରିବା ଅଭିଯୋଗରେ ଗିରଫ ହୋଇଛନ୍ତି।

# ଗାୟିକା ଏସ୍ ଜାନକୀଙ୍କ ପରଲୋକ

**ବେଙ୍ଗାଲୁରୁ:** ଭାରତୀୟ ସଙ୍ଗୀତ ଜଗତର ଅନନ୍ୟ ପ୍ରତିଭା ତଥା ବିଶିଷ୍ଟ ଗାୟିକା ଏସ୍ ଜାନକୀଙ୍କ ଶନିବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । କର୍ଣ୍ଣାଟକର ମହିଶୂରଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସଙ୍ଗୀତ ଦୁନିଆରେ "ଦକ୍ଷିଣ ଭାରତର କୋକିଳକ=ୀ' ଏବଂ ଶ୍ରଦ୍ଧାରେ "ଜାନକୀ ଆମ୍ମା' ଭାବେ ପରିଚିତ ଏହି ମହାନ କ=ଶିଳ୍ପୀଙ୍କ ବିୟୋଗରେ ଦେଶର କଳା ଓ ସାଂସ୍କୃତିକ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି । ସେ ନିଜର ସୁଦୀର୍ଘ ସଙ୍ଗୀତ କ୍ୟାରିୟର ମଧ୍ୟରେ ୪ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ବିଭିନ୍ନ ରାଜ୍ୟର ୩୩ଟି ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ । ସଙ୍ଗୀତ ପ୍ରତି ଅତୁଳନୀୟ ଅବଦାନ ରଖିଥିବା ଏସ୍. ଜାନକୀ ସ୍ପଷ୍ଟବାଦିତା ପାଇଁ ମଧ୍ୟ ଚର୍ଚ୍ଚାରେ ଥିଲେ । ଗତ ୨୦୧୩ ମସିହାରେ କେନ୍ଦ୍ର ସରକାର ତାଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ବେସାମରିକ



ସମ୍ମାନ "ପଦ୍ମଭୂଷଣ' ପ୍ରଦାନ କରିବାକୁ ଘୋଷଣା କରିଥିଲେ ମଧ୍ୟ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସଙ୍ଗୀତ କ୍ଷେତ୍ରରେ ତାଙ୍କର ବ୍ୟାପକ ସେବା ପାଇଁ ସେ ଦେଶର ସର୍ବୋଚ୍ଚ ସମ୍ମାନ "ଭାରତ ରତ୍ନ' ପାଇବାକୁ ଯୋଗ୍ୟ ବୋଲି ପ୍ରକାଶ କରିବା ସହ ଏହି ସ୍ୱୀକୃତି ବହୁ ପୂର୍ବରୁ ମିଳିବାର ଥିଲା ବୋଲି ସେ ମତ ଦେଇଥିଲେ ।

ଏସ୍ ଜାନକୀ ୧୯୩୮ ମସିହା ଏପ୍ରିଲ ୨୩ ତାରିଖରେ ମାଦ୍ରାଜ ପ୍ରେସିଡେନ୍ସି ଅନ୍ତର୍ଗତ ଗୁଣ୍ଟୁର ଜିଲ୍ଲାର ପଲ୍ଲାପଟଲା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସିସ୍ତଲା ଶ୍ରୀରାମମୂର୍ତ୍ତି ଜଣେ ଆୟୁର୍ବେଦିକ ଚିକିତ୍ସକ ଏବଂ ଶିକ୍ଷକ ଥିଲେ । ମାତ୍ର ୯ ବର୍ଷ ବୟସରେ ସେ ପ୍ରଥମ ଥର ପାଇଁ ମଞ୍ଚରେ ସଙ୍ଗୀତ ଗାନ କରିଥିଲେ ।୧୯ ବର୍ଷ ବୟସରେ ୧୯୫୭ ମସିହାର ତାମିଲ ଚଳଚ୍ଚିତ୍ର "ବିଧିୟିନ ବିଲାୟାଥୁ' ମାଧ୍ୟମରେ ସେ ପ୍ରଚ୍ଛଦପଟ ଗାୟିକା ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ପ୍ରଥମ ବର୍ଷରେ ହିଁ ସେ ୬ଟି ଭିନ୍ନ ଭିନ୍ନ ଭାଷାରେ ଗୀତ ରେକର୍ଡ କରିବାର ଗୌରବ ଅର୍ଜନ କରିଥିଲେ । ଜାନକୀଙ୍କ ମାତୃଭାଷା ତେଲୁଗୁ ହୋଇଥିଲେ ହେଁ ସେ ତାମିଲ, କନ୍ନଡ, ମାଲାୟାଲମ୍ ଏବଂ ହିନ୍ଦୀ ଭାଷାରେ ସମାନ ଭାବେ ଦକ୍ଷ ଥିଲେ । ପ୍ରାୟ ୬ ଦଶନ୍ଧି ଧରି ସଙ୍ଗୀତ ଜଗତରେ ଅନନ୍ୟ ପ୍ରତିଭା ପ୍ରଦର୍ଶନ କରିବା ପରେ ୨୦୧୮ରେ ତାମିଲ ଚଳଚ୍ଚିତ୍ର "ପନ୍ନାଡି' ପାଇଁ ସେ ପୁନର୍ବାର କ=ଦାନ କରି ନିଜର ୬୦ ବର୍ଷର ମହାନ ସଙ୍ଗୀତ ଯାତ୍ରାରେ ବିରାମ ଲଗାଇଥିଲେ ।

## ଲାଲକିଲ୍ଲାକୁ ବୋମାରେ ଉଡ଼ାଇବାକୁ ଧମକ

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାକୁ ବୋମା ମାଡ଼ କରି ଉଡ଼ାଇବାକୁ ଧମକ ମିଳିଛି। ଏହି ଧମକ ମୁମ୍ବାଇ ପୁଲିସକୁ ଫୋନ୍ କରି ଦିଆଯାଇଛି। ଜଣେ ବ୍ୟକ୍ତି ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମକୁ ଫୋନ୍ କରି ଲାଲକିଲ୍ଲା ଉପରେ ବୋମା ମାଡ଼ କରିବାକୁ ଧମକ ଦେଇଛନ୍ତି। ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମ ତୁରନ୍ତ ଏହି ଧମକ ବିଷୟରେ ଦିଲ୍ଲୀ ପୁଲିସ କଣ୍ଟ୍ରୋଲ ରୁମକୁ ଜଣାଇଥିଲେ। ତା'ପରେ ଦିଲ୍ଲୀ ପୁଲିସ କଣ୍ଟ୍ରୋଲ ରୁମ ଉତ୍ତର ଜିଲ୍ଲା ପୁଲିସକୁ ଏନେଇ ସୂଚନା ପ୍ରଦାନ କରିଥିଲା। ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା।ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ, ଉତ୍ତର ଜିଲ୍ଲା ପୁଲିସ ଏହି ଧମକକୁ ମିଥ୍ୟା ବୋଲି କହିଛି ତେବେ ଏହାକୁ କିଏ ଦେଇଥିଲେ ସେ ନେଇ ତଦନ୍ତ ଜାରି ରହିଛି।। ଅତୀତରେ ମିଥ୍ୟା ବୋମା ମାଡ଼ ଧମକ ରିପୋର୍ଟ କରାଯାଇଛି। ସମ୍ପ୍ରତି, ଦିଲ୍ଲୀ ଏବଂ ନୋଏଡାର ପ୍ରମୁଖ ସ୍କୁଲଗୁଡ଼ିକରେ ଏଭଳି ମିଥ୍ୟା ବୋମା ଧମକ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଇମେଲ୍ ଧମକ ଏକ ମିଥ୍ୟା ବୋଲି ଜଣାପଡ଼ିଥିଲା।

## ପ୍ରତିଶୋଧ ପାଇଁ ପଣ କଲା ଇରାନ

**ତେହେରାନ:** ଇରାନର ସୁପ୍ରିମ ଲିଡର ମୋଜତବା ଖାମେନେଇ ପୂରା ବିଶ୍ୱକୁ ଦେଇଛନ୍ତି ବଡ଼ ବାର୍ତ୍ତା। ବର୍ତ୍ତମାନ ଇରାନର ଲୋକମାନେ ତାଙ୍କ ବାପା ତଥା ଦେଶର ପୂର୍ବତନ ସୁପ୍ରିମ ଲିଡର ଅଲୀ ଖାମାନେଇଙ୍କ ହତ୍ୟାର ପ୍ରତିଶୋଧ ପାଇଁ ଦାବି କରୁଥିବା ସେ କହିଛନ୍ତି। ମୋଜତବାଙ୍କ ଲିଖିତ ବାର୍ତ୍ତାକୁ ଇରାନ ପକ୍ଷରୁ ସୋଶାଲ ମିଡିଆରେ ପୋଷ୍ଟ କରାଯାଇଛି। ଏଥିରେ ସେ ଖାମେନେଇ ଓ ଯୁଦ୍ଧରେ ସହିଦ ହୋଇଥିବା ଲୋକଙ୍କ ରକ୍ତର ବଦଳା ନେବାକୁ ପଣ କରିଛନ୍ତି।

## କୋଲକାତା ଟ୍ରାଞ୍ଜିଟ୍ ହବ୍‌ରେ ଏସଇଆରର ମେଗା ଅଭିଯାନ

**କୋଲକାତା:** ଦକ୍ଷିଣ ପୂର୍ବ ରେଳବାଇର କେନ୍ଦ୍ରୀୟ ହସ୍ପିଟାଲର ଯନ୍ତ୍ରଣା ଔଷଧ ବିଭାଗ, ପଶ୍ଚିମ ବଙ୍ଗ ସୋସାଇଟି ଫର୍ ଦି ଷ୍ଟଡି ଅଫ୍ ପେନ୍ ଏବଂ ଇଣ୍ଡିଆନ୍ ସୋସାଇଟି ଫର୍ ଷ୍ଟଡି ଅଫ୍ ପେନ୍ ସହିତ ମିଳିତ ସହଯୋଗରେ ସପ୍ତାହ ବ୍ୟାପୀ ମେଗା ଜନସ୍ୱାସ୍ଥ୍ୟ ଏବଂ



ସଚେତନତା ଅଭିଯାନ ଶେଷ ହୋଇଛି । ଏହି ପଦକ୍ଷେପ ୪୨ତମ ପ୍ରତିଷ୍ଠା ଦିବସ ପାଳନ କରୁଛି ଯାହା ବ୍ୟଥା ନିବାରଣ, ଜୀବନ ପୁନରୁଦ୍ଧାର ଥିମ୍ ଅଧୀନରେ ଦୀର୍ଘକାଳୀନ ଯନ୍ତ୍ରଣା ପରିଚାଳନାର ବର୍ଦ୍ଧିତ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ଆୟୋଜିତ ହୋଇଥିଲା । ସପ୍ତାହ ବ୍ୟାପୀ ଏହି ଅଭିଯାନରେ କୋଲକାତାର ଗାର୍ଡେନ୍ ରିଚ୍ ଠାରେ ଏକ ମହାନ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଶେଷ ହୋଇଥିଲା । ଏହି ଅଭିଯାନ ମିନିମଲି ଇନଭେସିଭ୍ ପେନ୍ ଏବଂ ମେରୁଦଣ୍ଡ ହସ୍ତକ୍ଷେପ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ ଥିଲା । ଡାକ୍ତରୀ ଅଧିକାରୀମାନେ ଗୁରୁତ୍ୱାରୋପ କରନ୍ତି ଯେ ସାଧାରଣ ଦୀର୍ଘକାଳୀନ ଅବସ୍ଥା - ଯେପରିକି ପିଠି ଯନ୍ତ୍ରଣା, ସାଇଟିକା, ବେକ ଯନ୍ତ୍ରଣା ଏବଂ ଆଣ୍ଠୁ ଯନ୍ତ୍ରଣା - ପାଇଁ ପ୍ରମୁଖ ଅସ୍ତ୍ରୋପଚାର ସର୍ବଦା ଏକମାତ୍ର ଉତ୍ତର ନୁହେଁ ।

## ଓଡ଼ିଶା ସୋସାଇଟି ଅଫ୍ ଆମେରିକାର "ମିଳନ ତରଙ୍ଗ'

**ୱାଶିଂଟନ:** ଆମେରିକାର ମିନେସୋଟା ରାଜ୍ୟର ବ୍ଲୁମିଙ୍ଗଟନ ସହରରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକା୫୭ତମ ବାର୍ଷିକ ସମ୍ମିଳନୀ "ମିଳନ ତରଙ୍ଗ ଟାଇଡ୍ସ ଅଫ୍ ହାର୍ମୋନୀ ' ସଫଳତାର ସହ ସମାପ୍ତ ହୋଇଛି । ଉତ୍ତର ଆମେରିକା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ୧,୦୦୦ରୁ ଅଧିକ ପ୍ରବାସୀ ଓଡ଼ିଆ ଏହି ସମ୍ମିଳନୀରେ ଯୋଗଦେଇ ନିଜର ସାଧାରଣ ଐତିହ୍ୟ, ସଂସ୍କୃତି ଓ ସାମୁଦାୟିକ ଏକତାର ଉତ୍ସବ ପାଳନ କରିଥିଲେ । ମିନେସୋଟା ପ୍ରବାସୀ ଓଡ଼ିଆ ସମାଜର ଆୟୋଜନରେ ଅନୁଷ୍ଠିତ ଏହି ତିନିଦିନିଆ ସମ୍ମିଳନୀରେ ପ୍ରେରଣାଦାୟକ ମୁଖ୍ୟ ବକ୍ତବ୍ୟ, ଐତିହାସିକ ବିଜନେସ୍ ସିମ୍ପୋଜିୟମ୍ ଏବଂ ବିଶ୍ୱ ପ୍ରବାସୀ ଓଡ଼ିଆଙ୍କ ସଫଳତାକୁ ଉପସ୍ଥାପନ କରୁଥିବା ଓଡ଼ିଶା ଇମ୍ପାକ୍ଟ ମାଗାଜିନ ଶୁଭ ଉନ୍ମୋଚନ କରାଯାଇଥିଲା । ଉଦଘାଟନୀ ସମାରୋହରେ ଶିକାଗୋସ୍ଥିତ ଭାରତର କନସୁଲ ଜେନେରାଲ୍ ସୋମନାଥ ଘୋଷ, ମୁଖ୍ୟ ଅତିଥି ଡ଼. ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ଡ଼. ସୀତାକାନ୍ତ ଦାଶ, ମୁଖ୍ୟ ବକ୍ତା କୀର୍ତ୍ତନ ବେହେରା, ଡ଼. ଓମକାର ନାଥ



ମହାନ୍ତି, ତୋଷିତ ପାଣିଗ୍ରାହୀ, ବିଶିଷ୍ଟ ଉଦ୍ୟୋଗପତି ରିତେଶ ଅଗ୍ରୱାଲଙ୍କ ସମେତ ଓସାର ସଭାପତି ନାଗେଶ ରାଜନାଲା, ଉପସଭାପତି ଉତ୍କଳ ନାୟକ, ସାଧାରଣ ସମ୍ପାଦିକା ସ୍ନିଗ୍ଧା ହୋତା, କୋଷାଧ୍ୟକ୍ଷ ସଞ୍ଜୀବ ରାଉତ ଏବଂ ଚାପ୍ଟର ସଭାପତି ଶୁଭ୍ରାଂଶୁ ମିଶ୍ର ଉପସ୍ଥିତ ଥିଲେ । ସମ୍ମିଳନୀର ସଫଳ ଆୟୋଜନରେ ଆବାହକ ଅଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସହ-ଆବାହକ ସୁଚିସ୍ମିତା ସ୍ୱାଇଁ, କୋଷାଧ୍ୟକ୍ଷ ଦେବୀ ପଟ୍ଟନାୟକ ଏବଂ ସମ୍ପାଦକ ଶକ୍ତି ତ୍ରିପାଠୀ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ସମ୍ମିଳନୀର ସାଂସ୍କୃତିକ ଓ ସାମୁଦାୟିକ କାର୍ଯ୍ୟକ୍ରମଗୁଡ଼ିକ ସର୍ବତ୍ର ପ୍ରଶଂସିତ ହୋଇଥିଲା । ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଓଡ଼ିଶୀ ଉତ୍ସବ ଏହାର ଅନ୍ୟତମ ଆକର୍ଷଣ ଥିଲା। ବିଶିଷ୍ଟ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଓ ସୁଜାତା ମହାପାତ୍ରଙ୍କ ମନମୁଗ୍ଧକର ଓଡ଼ିଶୀ ନୃତ୍ୟ ପରିବେଷଣ ସହ ଚମ୍ପୂ ଓ ଛନ୍ଦା ଗାୟନ, ଓଡ଼ିଆ ନାଟକ, ଆକର୍ଷଣୀୟ ଫ୍ୟାଶନ୍ ଶୋ, ପିଠା ପ୍ରତିଯୋଗିତା, ସାହିତ୍ୟ ଚର୍ଚ୍ଚା, ଓଡ଼ିଶା ହେରିଟେଜ୍ ଲାଇବ୍ରେରୀ, ପ୍ରଖ୍ୟାତ ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କ ମନୋରଞ୍ଜନ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ, ମହାପ୍ରସାଦ କର, ନାଜିଆ ଆଲମ୍, ଦୀପ୍ତିରେଖା ପାଢ଼ୀ ଓ ଶଶାଙ୍କ ଶେଖରଙ୍କ ସଙ୍ଗୀତ ପରିବେଷଣ ଦର୍ଶକମାନଙ୍କ ମନ ଜିତିଥିଲା । ଖାଣ୍ଟି ଓଡ଼ିଆ ଖାଦ୍ୟ, ଓଡ଼ିଆ ପରମ୍ପରାରେ ସଜ୍ଜିତ ସାଂସ୍କୃତିକ ପରିବେଶ ଏବଂ ରସିକିଆ ପାନ ଦୋକାନ, ରଘୁଭାଇ ଦହିବରା, ଓଡ଼ିଆ ବର୍ଣ୍ଣମାଳା, ଅଲିଉଡ୍ ରେଡ୍ କାର୍ପେଟ୍, ମାଣବସା ଗୁରୁବାର, ଖୁଦୁରୁକୁଣୀ ଓଷା ଭଳି ବିଭିନ୍ନ ଆକର୍ଷଣ ଅତିଥିମାନଙ୍କୁ ଓଡ଼ିଶାର ମାଟି ଓ ମହକ ସହ ଯୋଡ଼ିଦେଇଥିଲା ।

## ଏନଏସଇ କ୍ରୁଡ ଅଏଲ ଅପସନ୍ସର ଉଲ୍ଲେଖନୀୟ ପ୍ରଦର୍ଶନ

**ମୁମ୍ବାଇ:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହାର କ୍ରୁଡ ଅଏଲ ଅଂନ୍ସ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି । ଗତ ୯ ତାରିଖରେ ୨୦୦୬.୪୯ କୋଟି ଟଙ୍କାର ଦୈନିକ ପ୍ରିମିୟମ କାରବାର, ୪୭,୩୩,୮୬୨ଟି ଚୁକ୍ତି ସଂଖ୍ୟା ଓ ୧୧୪,୦୦୦ ଚୁକ୍ତି ଅତିକ୍ରମ କରିଥିବା ଇଂଟ୍ରାଡେ ଓପନ ଇଣ୍ଟରେଷ୍ଟ ହାସଲ କରିଛି । ଏହି ସଫଳତା ଅଶୋଧିତ ତୈଳ ମୂଲ୍ୟ ବିପଦକୁ ପରିଚାଳନା କରିବା ପାଇଁ ଉତ୍ପାଦଗୁଡ଼ିକର ବର୍ଦ୍ଧିତ ଗ୍ରହଣୀୟତାକୁ ଗୁରୁତ୍ୱାରୋପ କରୁଛି । ବଜାର ମତାମତକୁ ଅନୁସରଣ କରି ଏନଏସଇ ନମନୀୟତା ଓ ବିପଦ ପରିଚାଳନାକୁ ଉନ୍ନତ କରିବା ପାଇଁ ଫ୍ୟୁଚର୍ସ ଏକ୍ସପାୟରି ପୂର୍ବରୁ କଂଟ୍ରାକଫ ଏକ୍ସପାୟରିକୁ ଦୁଇରୁ ୭ ଦିନକୁ ସଂଶୋଧନ କରିଥିଲା ଯାହା ଗତବର୍ଷ ନଭେମ୍ବର ୬ ତାରିଖ ରୁ ପ୍ରଭାବୀ ରହିଛି । ଏହା ପରଠାରୁ ଏନଏସଇରେ ଟ୍ରେଡିଂ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି । ପୂର୍ବ ଏକ୍ସପାୟରି (୯ ଜୁନ ୨୦୨୬)ରେ ଏହି ଚୁକ୍ତି ୨୮୬୪,୬୧୮ଟି ଚୁକ୍ତି କାରବାର ଓ ୧୨୩୯.୧୦ କୋଟି ଟଙ୍କାର ପ୍ରିମିୟମ ଟର୍ଣ୍ଣଓଭର ପରିଲକ୍ଷିତ କରିଥିଲା । ସେହିପରି କ୍ରୁଡ ଅଏଲ ଫ୍ୟୁଚର୍ସ ୩୭୮.୩୨ କୋଟି ଟଙ୍କାର ଏକ ଟର୍ଣ୍ଣଓଭର ରେକର୍ଡ କରିଥିଲା । ଏନଏସଇ ପକ୍ଷରୁ କୁହାଯାଇଛି ଯେ,ଏହା ନିଜର କମୋଡିଟି ଡେରିଭେଟିଭ୍ସ ଅଫରିଙ୍ଗଗୁଡ଼ିକୁ ଉନ୍ନତ କରିବା ଜାରି ରଖିବ । ଏହା ବ୍ୟତୀତ ଏନଏସଇ ନ୍ୟାଚୁରାଲ ଗ୍ୟାସ




ଅଫସନ ଏକ୍ସପାୟରୀକୁ ଫ୍ୟୁଚର୍ସ ଏକ୍ସପାୟରୀ ପୂର୍ବରୁ ୪ଟି ବ୍ୟବସାୟିକ ଦିନକୁ ସଂଶୋଧନ କରିଛି ଯାହା ମେ ୨୫ ତାରିଖ ୨୦୨୬ରୁ ପ୍ରଭାବୀ ରହିଛି ।

# ଜେଲରୁ ଫେରିଲେ, ୬ ଜଣଙ୍କୁ ମାରି ଦେଲେ

**ହାଇଦ୍ରାବାଦ:** ତେଲଙ୍ଗାନାର ରଙ୍ଗା ରେଡ୍ଡୀରେ ଜଣେ ୩୫ ବର୍ଷୀୟ ବ୍ୟକ୍ତି ଘଟାଇଛନ୍ତି ଜଘନ୍ୟକାଣ୍ଡ। ସେ ଜାମିନ ପାଇବା ମାତ୍ରେ ନିଜ ପତ୍ନୀ, ୨ ପୁଅ, ତାଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଥିବା ୧୭ ବର୍ଷୀୟ ଝିଅ ଓ ପୀଡ଼ିତାଙ୍କ ପରିବାରର ୨ ଜଣଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି। ସେ ଗୋଟିଏ ରାତିରେ ୬ ଜଣଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତ ରାଜ କୁମାର ପ୍ରଥମେ ନିଜର ୩୦ ବର୍ଷୀୟ ପତ୍ନୀ ପ୍ରଭାତୀ ସରିତା ଓ ଦୁଇ ପୁଅ(୪ ଓ ୧ ବର୍ଷ)ଙ୍କୁ ଶାବାଦ ସ୍ଥିତ ଘରେ ହତ୍ୟା କରିଥିଲେ। ଏହାପରେ ସେ ମେ' ୧୬ରେ ତାଙ୍କ ବିରୋଧରେ ପୋକସୋ ଆଇନ ଅନୁଯାୟୀ ଅଭିଯୋଗ କରିଥିବା ଜଣେ ୧୭ ବର୍ଷୀୟ ଝିଅଙ୍କ ଘରେ ପହଞ୍ଚିଥିଲେ। ସେ ଠାରୁ ସେ କିଶୋରୀଙ୍କୁ ଗୋଟିଏ କାରରେ ନିଛାଟିଆ ସ୍ଥାନକୁ ବଳପୂର୍ବକ ଉଠାଇ ନେଇଥିଲେ। ସେଠାରେ ଅତ୍ୟନ୍ତ ନିର୍ମମ ଭାବେ ଝିଅଟିକୁ ମାରି ଦେଇଥିଲେ। କିଶୋରୀଙ୍କୁ କାରରେ ଉଠାଇ ନେବା ପୂର୍ବରୁ ସେ ତାଙ୍କ ୪୫ ବର୍ଷୀୟ ମା' ଓ ୬୫ ବର୍ଷୀୟ ଆଈଙ୍କୁ ମଧ୍ୟ ହତ୍ୟା କରିଥିଲେ। ଘଟଣା ବେଳେ କିଶୋରୀଙ୍କ ୨୦ ବର୍ଷୀୟା ମାଉସୀ ମଧ୍ୟ ଘରେ ଉପସ୍ଥିତ ଥିଲେ।



ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଅଭିଯୁକ୍ତ ରାଜ କୁମାର ତାଙ୍କର କିଛି ବି କ୍ଷତି ଘଟାଇ ନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୬ ଜଣଙ୍କୁ ମାରିବା ପରେ ରାଜ କୁମାର ନିଜ ବାପାଙ୍କୁ ଫୋନ କରିଥିଲେ। ସେ ସମସ୍ତଙ୍କୁ ମାରି ଦେଇଥିବା ତାଙ୍କୁ ଜଣାଇଥିଲେ। ସେ ତାଙ୍କ ବାପାଙ୍କୁ କହିଥିଲେ ଯେ "ମୁଁ ସବୁ କିଛି କରି ଦେଇଛି। ମୁଁ ସେହି ସବୁ ଲୋକଙ୍କୁ ମାରି ଦେଇଛି।" ଏତିକି କହିବା ପରେ ସେ ନିଜର ଫୋନକୁ ଅଫ କରି ଦେଇଥିଲେ। କୁହାଯାଉଛି ଯେ ରାଜ କୁମାର ଏହାପରେ ଆତ୍ମହତ୍ୟା କରିବାକୁ ବାହାରି ଯାଇଥିଲେ। ତଥାପି ପୁଲିସ୍ ଏହାକୁ ଏଯାଏ ନିଶ୍ଚିତ କରିଛି। ଏବେ ପୁଲିସ୍ ରାଜ କୁମାରଙ୍କୁ ଠାବ କରିବାକୁ ଉଦ୍ୟମ କରୁଛି। ତାଙ୍କୁ ଠାବ କରିବାକୁ ଗୋଟିଏ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ବିଭିନ୍ନ ସ୍ଥାନରେ ଧରିବା ପାଇଁ ରେଡ ଚାଲିଥିବା ପୁଲିସ୍ କହିଛି। ୨୦୧୮ରେ ରାଜ କୁମାର ଓ ପ୍ରଭାତୀ ପ୍ରେମ ବିବାହ କରିଥିଲେ। ପ୍ରଥମେ ଦମ୍ପତି ଗାଁ ବାହାରେ ରହୁଥିଲେ। ପରବର୍ତ୍ତୀ ଅବସ୍ଥାରେ ଶାବାଦ ଓ ଦେବଲାଗୁଡା ସ୍ଥିତ ନିଜ ଘରକୁ ଆସିଥିଲା। ସେମାନଙ୍କର ୩ ପିଲା ରହିଥିଲେ। କିନ୍ତୁ ପ୍ରଥମେ ଦମ୍ପତିଙ୍କ ହୋଇଥିବା ଝିଅ ପିଲାବେଳେ ହିଁ ପ୍ରାଣ ହରାଇଥିଲେ। ମେ' ମାସରେ ରାଜ କୁମାରଙ୍କ ନାଁରେ ଜଣେ ନାବାଳିକା ପିଛା କରିବା ଓ ଯୌନ ନିର୍ଯ୍ୟାତନାର ଅଭିଯୋଗ ଅଣିଥିଲେ। ରାଜ କୁମାର ନାବାଳିକାଙ୍କ କୋଚିଂ ସେଣ୍ଟରରୁ ଘର ଓ ଘରରୁ କୋଚିଂ ସେଣ୍ଟର ଯାଏ ସବୁ ଦିନ ଯାଉଥିଲେ। ଏଥିସହ ତାଙ୍କ ପ୍ରେମ ନିବେଦନକୁ ଗ୍ରହଣ କରିବାକୁ ମଧ୍ୟ ଚାପ ପକାଉଥିଲେ। ନାବାଳିକାଙ୍କ ଅଭିଯୋଗ ପରେ ପୁଲିସ୍ ମାମଲା ରୁଜୁ କରିଥିଲା। ହେଲେ ରାଜ କୁମାର ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ କୋର୍ଟରୁ ଅନ୍ତରୀଣ ଜାମିନ ପାଇଥିଲେ। ମାତ୍ର ସପ୍ତାହକ ତଳେ କୋର୍ଟ ରାଜ କୁମାରଙ୍କୁ ୨୦ ହଜାର ଟଙ୍କାର ପର୍ସନାଲ ବଣ୍ଡ ବଳରେ ଜାମିନ ଦେଇଥିଲେ। ଜାମିନ ପାଇବାର ଗୋଟିଏ ସପ୍ତାହ ପରେ ସେ ୬ ଜଣଙ୍କୁ ହତ୍ୟା କରିଛନ୍ତି। ଦୁଇ ପୁଅଙ୍କୁ ଶୋଇଥିବା ଅବସ୍ଥାରେ ସେ ମାରିଥିବା ବେଳେ ପ୍ରଭାତୀଙ୍କୁ ସହ ହାତାହାତି ହେବା ପରେ ତାଙ୍କୁ ହତ୍ୟା କରାଯାଇଛି।

## ୩ ଷ୍ଟାଡିୟମ ଉପରେ ଏନଜିଟିର କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ,୧୧।୭ (ଏଜେନ୍ସି): ଭାରତର ୩ଟି ବଡ଼ କ୍ରିକେଟ ଷ୍ଟାଡିୟମ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ନଭି ମୁମ୍ବାଇର ଡି ୱାଇ ପାଟିଲ ଷ୍ଟାଡିୟମ, ରାୟପୁରର ସହିଦ ବୀର ନାରାୟଣ ସିଂ, ଜୟପୁରର ସବାଇ ମାନସିଂ ଷ୍ଟାଡିୟମ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏନଜିଟି । ଜୟପୁରରେ ବୈଭବ ୩୪ ବଲରେ ଶତକ ମାରିଥିଲେ । ଏହି ୩ ଷ୍ଟାଡିୟମ ଭୂ-ଜଳର ଦୁରୁପଯୋଗ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏବେ ଏହି ଷ୍ଟାଡିୟମରେ କୌଣସି ପ୍ରକାର ଖେଳ କରାଯାଇପାରିବ ନାହିଁ । କେନ୍ଦ୍ରୀୟ ଭୂ-ଜଳ ପ୍ରାଧିକରଣ ଓ ଟ୍ରିବ୍ୟୁନାଲର ବାରମ୍ବାର ନୋଟିସ ସତ୍ତ୍ୱେ ଷ୍ଟାଡିୟମର ପରିଚାଳକ କୌଣସି ପ୍ରକାର ଉତ୍ତର ଦେଇନଥିଲେ । ଷ୍ଟାଡିୟମର ରକ୍ଷଣାବେକ୍ଷଣ ପାଇଁ ଭୂ-ଜଳ ଓ ପାନୀୟ ଜଳକୁ ବ୍ୟବହାର କରାଯାଇଥିଲା । ଗ୍ରାଉଣ୍ଡ ୱାଟର ଓ ରେନ ୱାଟର ହାର୍ଭେଷ୍ଟିଂ ସିଷ୍ଟମ ମଧ୍ୟ ଏହି ଷ୍ଟାଡିୟମ ପ୍ରସ୍ତୁତି କରିନାହିଁ । ଅଗଷ୍ଟ ୧୭ରେ ପରବର୍ତ୍ତୀ ଶୁଣାଣି ହେବ ।

## ଓଡ଼ିଶା ଡାକ ଚେସ

## ମନୋଜ ଚାମ୍ପିଅନ



ଭୁବନେଶ୍ୱର,୧୧।୭ (ସବ୍ୟୁ): କଟକ ଜିପିଓରେ ଓଡ଼ିଶା ସର୍କଲ, ପୋଷ୍ଟାଲ, ଚେସ, ସିଲେକସନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଡାକ ଚେସ ପ୍ରତିଯୋଗିତାରେ ମନୋଜ କୁମାର ପାଣିଗ୍ରାହୀ ଚାମ୍ପିଅନ ହୋଇଛନ୍ତି । ସୌମ୍ୟ ରଞ୍ଜନ ମିଶ୍ର ଦ୍ୱିତୀୟ, ଉତ୍କଳ ରଞ୍ଜନ ସାହୁ ତୃତୀୟ, ଗିରିଜା ପ୍ରସାଦ ଦାସ ଚତୁର୍ଥ ଏବଂ ସରୋଜ ରାଉତ ପଞ୍ଚମ ସ୍ଥାନରେ ରହିଛନ୍ତି । କଟକ ସିଟି ଡିଭିଜନର ବରିଷ୍ଠ ଡାକ ଅଧିକ୍ଷକ ଅପରାଜିତ ପଟ୍ଟନାୟକ ଯୋଗଦେଇ ଉକ୍ତ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କଟକ ଜେନେରାଲ ପୋଷ୍ଟ ଅଫିସର ଡାକପାଳ ଅସିତ କୁମାର ନାୟକ ଉପସ୍ଥିତ ଥିଲେ । ଦୁଇ ଦିନ ଧରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିବା କୃତିପ୍ରତିଯୋଗୀ ଅଗଷ୍ଟ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ଗୁଜରାଟ ଠାରେ ଆୟୋଜିତ ହେବାକୁଥିବା ଜାତୀୟ ଡାକସେବା ପ୍ରତିଯୋଗିତାରେ ଓଡ଼ିଶା ଡାକ କରିମଣ୍ଡଳ ତରଫରୁ ପ୍ରତିନିଧିତ୍ୱ କରିବେ । ଉକ୍ତ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ପରିଚାଳନା କରିଥିଲେ ।

**ଫିଫା ବିଶ୍ୱକପ୍**

# ସେମିଫାଇନାଲରେ ସ୍ପେନ

ଲସଏଞ୍ଜେଲସ,୧୧।୭ (ଏଜେନ୍ସି): ଚଳିତ ବିଶ୍ୱକପର ଏକ ରୋମାଞ୍ଚକର ମୁକାବିଲାରେ ବେଲଜିୟମକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚର ପ୍ରଥମାର୍ଦ୍ଧ ୧-୧ ଗୋଲରେ ବରାବର ରହିଥିଲା । ଦ୍ୱିତୀୟାର୍ଦ୍ଧର ଅନ୍ତିମ ପର୍ଯ୍ୟାୟରେ ସ୍ପେନ ବିଜୟସୂଚକ ଗୋଲ ଦେଇ ବାଜି ମାରିଥିଲା ।

ମ୍ୟାଚ ଆରମ୍ଭରୁ ସ୍ପେନ୍ ଅତ୍ୟନ୍ତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା । ସୁନ୍ଦର ଓ ଶୃଙ୍ଖଳିତ ପାସ ଯୋଗୁଁ ଦଳ ବାରମ୍ବାର ଗୋଲ ସୁଯୋଗ ସୃଷ୍ଟି କରିଥିଲା । ବିଶେଷ କରି ଷ୍ଟାର ଖେଳାଳି ଲାମିନ ଏମାର ବେଲଜିୟମ ଡିଫେନ୍ସ ଲାଇନକୁ ବ୍ୟସ୍ତ ରଖିଥିଲେ । ୨୧ତମ ମିନିଟରେ ଏମାରଙ୍କ ଏକ ଶକ୍ତିଶାଳୀ ସଟ୍ ଗୋଲପୋଷ୍ଟର ଅତି ନିକଟ ଦେଇ ବାହାରକୁ ଚାଲିଯାଇଥିଲା । ୩୦ତମ ମିନିଟରେ ସ୍ପେନ ପକ୍ଷରୁ ଗୋଲପୋଷ୍ଟ କରିଥିଲେ ଫାବିଆନୋ ରୁଇଜ । ସ୍ପେନର ଘନ ଘନ ଆକ୍ରମଣ ସତ୍ତ୍ୱେ ବେଲଜିୟମ ସୁଯୋଗ ଆପେକ୍ଷାରେ ରହିଥିଲା । ୪୧ତମ ମିନିଟରେ ତିମୋଥ କାଷ୍ଟାଗ୍ନେଙ୍କ ଏକ ଚତୁର ପାସକୁ ହେଡ କରି ଚାର୍ଲ୍ସ ଡି କେଟେ ଲେୟର ଗୋଲ କରିଥିଲେ । ତେଣୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା । ୫ଟି ମ୍ୟାଚ ପରେ ସ୍ପେନ ଚଳିତ ବିଶ୍ୱକପରେ ପ୍ରଥମ ଗୋଲ ଖାଇଥିଲା । ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା । ସ୍ପେନର ଆକ୍ରମଣକୁ ଅଟକାଇବାକୁ ଯାଇ ବେଲଜିୟମ ଗୋଲକିପର କର୍ଟୟସ ବାରମ୍ବାର ଗ୍ରାଉଣ୍ଡରୁ ବିଦା ନେଇଥିଲେ । ମ୍ୟାଚର ୮୮ତମ ମିନିଟରେ ସ୍ପେନର ସଫଳତା ମିଳିଥିଲା । ମିକେଲ ମେରିନୋ ବିଜୟ ସୂଚକ ଗୋଲ କରିଥିଲେ । ଶେଷରେ ସ୍ପେନ ୨-୧ ବ୍ୟବଧାନରେ ବିଜୟୀ ହୋଇ ସେମିଫାଇନାଲ ଟିକେଟ ହାସଲ କରିଛି ।



## ଚୂଡ଼ାନ୍ତ ଏକାଦଶରୁ ବୈଭବ ବିଦା



ନୂଆଦିଲ୍ଲୀ,୧୧।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି-୨୦ ମ୍ୟାଚର ଚୂଡ଼ାନ୍ତ ଏକାଦଶରୁ ବୈଭବ ସୂର୍ଯ୍ୟବଂଶୀଙ୍କୁ ବାଦ ପଡିଛନ୍ତି । ଇଂଲଣ୍ଡ ବିପକ୍ଷରେ କ୍ରମାଗତ ୩ଟି ମ୍ୟାଚରେ ବିଫଳ ହେବା ପରେ ତାଙ୍କୁ ବେଞ୍ଚରେ ବସିବାକୁ ପଡିଛି । ତାଙ୍କ ବଦଳରେ ପୁଣି ଅଭିଜ୍ଞ ସଞ୍ଜୁ ସାମସନଙ୍କୁ ସାମିଲ କରାଯାଇଛି । ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ମ୍ୟାଚର ସାମସନ ବିଫଳ ହୋଇଥିଲେ । ତେଣୁ ତାଙ୍କ ସ୍ଥାନରେ ବୈଭବଙ୍କୁ ଗତ ୩ଟି ମ୍ୟାଚ ଖେଳାଯାଇଥିଲା । ଭାରତ ପାଇଁ ସର୍ବକନିଷ୍ଠ ଖେଳାଳି ହେବାର ରେକର୍ଡ ମଧ୍ୟ ବୈଭବଙ୍କ ନାଁରେ ରହିଛି । କିନ୍ତୁ ପ୍ରଥମ ମ୍ୟାଚରେ ସେ ମାତ୍ର ୧୪ ରନ୍ କରିପାରିଥିଲେ । ଦ୍ୱିତୀୟ ମ୍ୟାଚରେ ୧୩ ରନ ଓ ତୃତୀୟ ମ୍ୟାଚରେ ୧୫ ରନ୍ କରିଥିଲେ । ୩ଟି ଯାକ ମ୍ୟାଚରେ ଦାୟିତ୍ୱହୀନ ସଟ ଖେଳ ଆଉଟ୍ ହୋଇଥିବା ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ ଦେଇଛନ୍ତି ।

ସେହିଭଳି ଚତୁର୍ଥ ମ୍ୟାଚ ଖେଳିଥିବା ୱାଶିଂଟନ ସୁନ୍ଦରଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିନାହିଁ । ତାଙ୍କ ବଦଳରେ ଇଂଲଣ୍ଡ ମାଟିରେ ପ୍ରଥମଥର ମ୍ୟାଚ ଖେଳିବାର ସୁଯୋଗ ପାଇଛନ୍ତି ସୂର୍ଯ୍ୟାଂଶ ସେଗଡେ । ସେ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ଡେବ୍ୟୁ କରିଥିଲେ କେବଳ ୧ ରନ କରିପାରିଥିଲେ । ପୁଣି ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାର ଶେଷ ମ୍ୟାଚରେ ସେଗଡେ ସୁଯୋଗ ପାଇଛନ୍ତି । ୫ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ଇଂଲଣ୍ଡ ୦-୩ରେ ଅଗ୍ରଣୀ ହାସଲ କରି ଶୃଙ୍ଖଳା ହାତେଇ ସାରିଛି । ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇଥିବା ବେଳେ ଭାରତ ୩ଟି ଯାକ ମ୍ୟାଚ ହାରିଛି । ଆୟର୍ଲାଣ୍ଡ ବିପକ୍ଷ ଶୃଙ୍ଖଳାରେ ମଧ୍ୟ ଭାରତ ୨-୦ରେ ହାରିଥିଲା । ତେବେ ପଞ୍ଚମ ମ୍ୟାଚ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା । କାରଣ ଭାରତୀୟ ଦଳ ଷ୍ଟାଡିୟମ ଆସିବା ସମୟରେ ଟ୍ରାଫିକରେ ଫସି ଯାଇଥିଲେ । ଏଥିଯୋଗୁଁ ୭ଟା ପରିବର୍ତ୍ତେ ୭.୩୦ରୁ ଆରମ୍ଭ ହୋଇଥିଲା ।

## ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳ : ସ୍ଥାନ ପାଇଲେ ସୁନେଲିତା

ଭୁବନେଶ୍ୱର,୧୧।୭ (ସବ୍ୟୁ): ଏସିଆନ ଗେମ୍ସ ପାଇଁ ଜାତୀୟ ମହିଳା ହକି ଦଳ ଘୋଷଣା ହୋଇସାରିଛି । ଜାପାନରେ ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏସିଆନ୍ ଗେମ୍ସ ଆରମ୍ଭ ହେବ । ସଲିମା ଟେଟେଙ୍କ ନେତୃତ୍ୱ ଦଳରେ ଓଡ଼ିଶାର ଉଦୀୟମାନ ମିଡ଼ଫିଲ୍ଡର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି । ରାଜଗିରିରେ ଖେଳାଯାଇଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ସୁନେଲିତା । ଆବଶ୍ୟକ ପଡ଼ିଲେ ସୁନେଲିତା ଫରୱାର୍ଡ ଭୂମିକା ମଧ୍ୟ ସୁଚାରୁରୂପେ ତୁଲାଇ ପାରିବେ । ଏହି ଯୁବ ଦଳ ଭଲ ପ୍ରଦର୍ଶନ କରିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି । ଗତ ସଂସ୍କରଣରେ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା ।

**ଭାରତୀୟ ଦଳ:** ସବିତା ପୁନିଆ, ବିଚ୍ଛୁ ଦେବୀ ଖରିବାମ, ଇସିକା ଚୌଧୁରୀ, ସୁଶୀଲା ଚାନୁ, ଲାଲଥାନ୍ତୁଲୁନାଗି, ଜ୍ୟୋତି, ଶିଲ୍ପୀ ଦେବାସ, ନିକି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟପ୍ପୋ, ସଲିମା ଟେଟେ, ନେହା, ଦୀପିକା, ସୋରେଙ୍ଗ, ଲାଲ ରେମସିଆମି, ଋତୁଜା ପିଶାଲ, ନବନୀତ କୌର, ଦୀପିକା, ଇସିକା, ବଲଜିତ କୌର ଏବଂ ବ୍ୟୁଟି ଡୁଙ୍ଗଡୁଙ୍ଗ ।

## ୱିମ୍ବଲଡନ

## ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ସ୍ୱପ୍ନ ଭାଙ୍ଗିଲା



ଲଣ୍ଡନ,୧୧।୭ (ଏଜେନ୍ସି): ଚଳିତ ୱିମ୍ବଲଡନ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ସର୍ବିଆର ମହାନ ଖେଳାଳି ନୋଭାକ ଜୋକୋଭିକ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାର ସ୍ୱପ୍ନ ଭାଙ୍ଗି ଯାଇଛି । ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସେ ଇଟାଲୀର ଜାନିକ ସିନରଙ୍କ ନିକଟରୁ ୬-୪, ୬-୪, ୬-୪ ପରାଜିତ ହୋଇଛନ୍ତି । ୨୪ ବର୍ଷୀୟ ଖେଳାଳି ଜାନିକ ସିନର ଦ୍ୱିତୀୟଥର ପାଇଁ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି । ଗତବର୍ଷ ସ୍ପେନର କାର୍ଲୋସ ଆଲକାରେଜଙ୍କ ନିକଟରୁ ସେ ପରାଜିତ ହୋଇଥିଲେ । ଏଥର ଫାଇନାଲରେ ସେ ଜର୍ମାନୀର ଆଲେକ୍ସଜାଣ୍ଡର ଭିର୍ଭଙ୍କୁ ଭେଟିବେ । ଭିର୍ଭ ୭-୬, ୬-୨ ଓ ୬-୪ ସେଟରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି କରିଥିବା ଆର୍ଥର ପେରୀଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ୧୯୯୫ ପରେ ସେ ଦ୍ୱିତୀୟ ଜର୍ମାନୀ ଖେଳାଳି ଭାବେ ୱିମ୍ବଲଡନ ଟାଇଟଲ ମୁକାବିଲାରେ ଅବତୀର୍ଣ ହୋଇଛନ୍ତି ।

# ଶୃଙ୍ଖଳା ପୋଛି ନେଲା ଇଂଲଣ୍ଡ

ସାଉଥମ୍ପଟନ,୧୧।୭ (ଏଜେନ୍ସି): ଭାରତ ବିପକ୍ଷ ଟି-୨୦ ଶୃଙ୍ଖଳାକୁ ଘରୋଇ ଇଂଲଣ୍ଡ ଦଳ ୪-୦ରେ ପୋଛି ନେଇଛି । ଶନିବାର ସାଉଥମ୍ପଟନରେ ଅନୁଷ୍ଠିତ ପଞ୍ଚମ ତଥା ଶେଷ ମ୍ୟାଚରେ ଇଂଲଣ୍ଡ ୫୬ ବ୍ୟବଧାନରେ ବିଜୟଲାଭ କରି ଏହି ସଫଳତା ପାଇଛି । ବିଗତ ୫ ବର୍ଷ ମଧ୍ୟରେ ଇଂଲଣ୍ଡ କୌଣସି ଟି-୨୦ ଶୃଙ୍ଖଳାରେ ଭାରତକୁ ଧରାଶାୟୀ କରିବାରେ ଗୌରବ ଅର୍ଜନ କରିଛି । ଏହି ମ୍ୟାଚରେ ଇଂଲଣ୍ଡ ଜୋସ ବଟଲରଙ୍କ ୬୪ ବଲରୁ ୧୩୧ ଏବଂ ଅଧିନାୟକ ହ୍ୟାରି ବ୍ରୁକଙ୍କ ୪୫ ବଲରୁ ୯୫ ରନ ସହାୟତାରେ ୨୦ ଓଭରରେ ୩ ୱିକେଟ୍ ହରାଇ ୨୫୭ ରନର ବିଶାଳ ସ୍କୋର କରିଥିଲା । ଜବାବରେ ଭାରତ ୨୦ ଓଭରରେ ୨୦୧/୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଅଧିନାୟକ ଶ୍ରେୟାସ ଆୟର କ୍ରମାଗତ ସପ୍ତମ ଥର ପାଇଁ ଟସ ଜିତି ଇଂଲଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଇଂଲଣ୍ଡର ଫିଲସଲ୍ଟ ଓ ଜୋସ ବଟଲର ପାଳି ଆରମ୍ଭ କରିଥିଲେ । ମ୍ୟାଚର ଦ୍ୱିତୀୟ ଓଭରରେ ଫିଲସଲ୍ଟ ବ୍ୟକ୍ତିଗତ ୬ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ହୋଇଥିଲେ । ଓପନିଂ ଯୋଡି ଭାଙ୍ଗିବା ସତ୍ତ୍ୱେ ଅଧିନାୟକ ହ୍ୟାରି ବ୍ରୁକ୍ସ ଓ ଜୋଶ ବଟଲର ଏପରି ଖେଳିଲେ ଯେ, ଦ୍ୱିତୀୟ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୨୩୩ ରନର ବିଶାଳ ପାଟନରସିପ ହୋଇଥିଲା । ଟି-୨୦ କ୍ରିକେଟରେ ଏହା ଦ୍ୱିତୀୟ ୱିକେଟ ପାଇଁ ବଡ଼ ପାର୍ଟନରସିପ ଭାବେ ବିବେଚନା କରାଯାଉଛି । ବଟଲର ୬୪ ବଲର ସମ୍ମୁଖୀନ ହୋଇ ୧୨ ଟି ଚୌକା ଓ ୮ଟି ବିଶାଳ ଛକା ସହାୟତାରେ ୧୩୧ ରନ କରିଥିଲେ । ବ୍ରୁକ୍ସ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୪୫ ବଲରୁ ୪ଟି ଚୌକା ଓ ୮ଟି ଛକା ସହାୟତାରେ ୯୫ ରନ୍ କରିଥିଲେ । ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଶେଷ ଭାଗରେ ୱିଲଜ୍ୟାକ୍ସ ଅପରାଜିତ ୭ ରନ୍ କରିଥିଲେ । ଅତିରିକ୍ତ ୧୮ ରନ ସହ ଇଂଲଣ୍ଡ ୨୦ ଓଭରରେ ୩ ୱିକେଟ୍ ହରାଇ ୨୫୭ ରନ କରିଥିଲା । ଭାରତର ଶିବମ ଦୁବେଙ୍କୁ ଦୁଇଟି ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ୱିକେଟ ସଫଳତା ପାଇଥିଲେ ।

୨୫୮ ରନର ବିଜୟଲକ୍ଷ୍ୟକୁ ଭାରତ ପିଛା କରିଥିଲା । ବୈଭବଙ୍କ ସ୍ଥାନରେ ସଞ୍ଜୁ ସାମସନ ଖେଳିଥିଲେ । ପ୍ରଥମ ୱିକେଟ ପାଇଁ ଅଭିଶେକ ଶର୍ମା ଓ ସଞ୍ଜୁଙ୍କ ମଧ୍ୟରେ ୨୫ ରନର ପାର୍ଟନରସିପ ହୋଇଥିଲା । ଅଭିଶେକ ୩ ରନ କରି ଆର୍ଚରଙ୍କ ବଲରେ ୱିକେଟ ରକ୍ଷକ ବଟଲରଙ୍କ ହାତରେ ଧରାପଡିଥିଲେ । ପରେ ପରେ ଇଶାନ କିଷାନ ୩୫ ବଲରୁ ୭ ଚୌକା ଓ ୨ ଛକା ସହାୟତାରେ ୫୬ ରନ କରି ରସିଦଙ୍କ ଶିକାର ହୋଇଥିଲେ । ଅଧିନାୟକ ଶ୍ରେୟାସ ଆୟର ୧୬ ବଲରୁ ୪ଟି ଚୌକା ସହାୟତାରେ ୨୮ ରନ କରିଥିଲେ । ତିଲକ ବର୍ମା ୩ଟି ଚୌକା ଓ ୪ଟି ଛକା ସହାୟତାରେ ୨୫ ବଲରୁ ୫୩ ରନ ତଥା ଶିବମ ଦୁବେ ୧୦ ବଲରୁ ୧୪ ରନ କରି କୁରନଙ୍କ ଶିକାର ହୋଇଥିଲେ । ଏହାପରେ ସୂର୍ଯ୍ୟାଂଶ ସେଗେଡେ ୭, ଅକ୍ଷର ପଟେଲ ୩ ଓ ଅର୍ଶଦୀପ ସିଂ ଅପରାଜିତ ୪ ଓ ପ୍ରସିଦ୍ଧ କ୍ରିଷ୍ଣା ୧ ରନ୍ କରି ଅପରାଜିତ ଥିଲେ । ଭାରତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୧ ରନ୍ କରିବାକୁ ସମର୍ଥ ହୋଇଥିଲା । ଇଂଲଣ୍ଡର ସାମ କୁରନଙ୍କୁ ୩ଟି, ଆଦିଲ ରସିଦ ୨ଟି, ଜୋଫ୍ରା ଆର୍ଚର, ଜୋସ ଟସ, ଲିଆମ ଡାଓସନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ଟାଟା ଷ୍ଟିଲ ଫାଉଣ୍ଡେସନରେ ତାଲିମ ପ୍ରାପ୍ତ ସୌମ୍ୟ ରଞ୍ଜନ ଆଣିଲେ ରାଜ୍ୟ ପାଇଁ ଗୌରବ

ଢେଙ୍କାନାଳ,୧୧।୭ (ସବ୍ୟୁ): ଓଡ଼ିଶାର କ୍ରୀଡ଼ା ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି । ଚୀନରେ ଆୟୋଜିତ ହେବାକୁ ଥିବା ୨୦୨୬ ଏଭିସି ୧୮ ବର୍ଷରୁ କମ ବାଳକ ଏସୀୟ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ଭାରତୀୟ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି ଢେଙ୍କାନାଳ ଜିଲ୍ଲା ଶିବପୁର ପଞ୍ଚାୟତର ଓଡ଼ିଆ ପୁଅ ସୌମ୍ୟ ରଞ୍ଜନ ସାମଲ । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଭଲିବଲ୍ କୋଚିଂ ସେଣ୍ଟରରୁ ସୌମ୍ୟଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା । ପ୍ରତିଦିନ ପ୍ରଶିକ୍ଷଣ ପାଇଁ ପାଠପଢ଼ା ସହ ୪୦ କିଲୋମିଟର ସାଇକେଲ ଚଲାଇ ସେ କୋଚିଂ ସେଣ୍ଟରକୁ ଆସୁଥିଲେ । ଚଳିତ ଭାରତୀୟ ସ୍କ୍ୱାର୍ଡରେ ସେ ଓଡ଼ିଶାରୁ ମନୋନୀତ ହୋଇଥିବାରୁ ସାରା ରାଜ୍ୟ ତାଙ୍କ ପାଇଁ ଗର୍ବିତ । ଓଡ଼ିଶା ଭଲିବଲ୍ ଆସୋସିଏସନ୍ (OVA) ର ସଭାପତି ପ୍ରଫେସର (ଡକ୍ଟର) ଅଚ୍ୟୁତ ସାମନ୍ତ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ସୌମ୍ୟ ଓ ସମଗ୍ର ଭାରତୀୟ ଦଳକୁ ଚୀନ୍ ଗସ୍ତ ଏବଂ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି । ସାରା ରାଜ୍ୟ ସହ ପରିବାର ଓ ଗ୍ରାମବାସୀ ସୌମ୍ୟଙ୍କର ଏହି ସଫଳତା ପାଇଁ ଅଜସ୍ର ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି ।

ଢେଙ୍କାନାଳର ସୌମ୍ୟ ଟାଟା ଷ୍ଟିଲ ଫାଉଣ୍ଡେସନ ପରିଚାଳିତ ଭଲିଭଲ କୋଚିଂ କେନ୍ଦ୍ରରେ ତାଲିମ ନେଉଥିଲେ । ୨୦୨୩ ମସିହାରୁ ସୌମ୍ୟଙ୍କୁ ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟ ନିକଟସ୍ଥ ଶିବପୁର ଗ୍ରାମରେ ଟାଟା ଷ୍ଟିଲ ଫାଉଣ୍ଡେସନର ଭଲିବଲ୍ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ଦିଆଯାଉଛି । ଜାତୀୟ ଶିବିର ଏବଂ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ବାସ୍ତବ ରୂପ ନେବାର ବହୁ ପୂର୍ବରୁ



ସୌମ୍ୟଙ୍କ ପ୍ରଥମ ପ୍ରଶିକ୍ଷକ ଥିଲେ ତାଙ୍କ ପିତା ପ୍ରଶାନ୍ତ ସାମଲ, ଯିଏ ଜଣେ ପୂର୍ବତନ ରାଜ୍ୟସ୍ତରୀୟ ଭଲିବଲ୍ ଖେଳାଳି । ତାଙ୍କ ପୁଅର ଖେଳ ପ୍ରତି ଆଗ୍ରହକୁ ଚିହ୍ନି ସେ ସୀମିତ ସମ୍ବଳ ସତ୍ତ୍ୱେ ଖେଳକୁ ଆଗକୁ ବଢାଇବାକୁ ଉତ୍ସାହିତ କରିଥିଲେ । ୨୦୨୩ରେ, ସୌମ୍ୟ ପାଇକାପୁରଣା କୋଟରେ ଥିବା ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ୟୁଥ୍ ଡେଭଲପମେଣ୍ଟ ସେଣ୍ଟରରେ ପ୍ରଶିକ୍ଷଣ ଗ୍ରହଣ ଆରମ୍ଭ କରିଥିଲେ । ୧୦ କିଲୋମିଟର ଦୂରରେ ରହୁଥିବା ସେ ସ୍କୁଲ ଏବଂ ପ୍ରତିଯୋଗିତାମୂଳକ ଟୁର୍ଣ୍ଣାମେଣ୍ଟରେ ସନ୍ତୁଳନ ରକ୍ଷା କରିବା ସହିତ ସକାଳ ଏବଂ ସନ୍ଧ୍ୟା ଅଭ୍ୟାସ ଅଧିବେଶନରେ ଯୋଗଦେବା ପାଇଁ ପ୍ରତିଦିନ ପ୍ରାୟ ୪୦ କିଲୋମିଟର ସାଇକେଲ ଚଳାଉଥିଲେ । ଜିଲ୍ଲା ଏବଂ ବିଦ୍ୟାଳୟ ପ୍ରତିଯୋଗିତାରେ ତାଙ୍କର କ୍ରମାଗତ ପ୍ରଦର୍ଶନ ଟାଟା ଷ୍ଟିଲ ଫାଉଣ୍ଡେସନର ଭଲିବଲ ପ୍ରଶିକ୍ଷକ ଆଶୁତୋଷ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଓଡ଼ିଶା ରାଜ୍ୟ ଦଳ ସହିତ ଏକ ପ୍ରାରମ୍ଭିକ ସୁଯୋଗ ସୀମିତ ଖେଳ ସମୟ ପ୍ରଦାନ କରିଥିଲା, କିନ୍ତୁ ଏହି ମୋଡ଼ ଗୁରୁତ୍ୱପୂର୍ଣ୍ଣ ଥିଲା । "ସୌମ୍ୟଙ୍କ ସବୁଠାରୁ ବଡ଼ ଶକ୍ତି ହେଉଛି ଶିଖିବାର ଇଚ୍ଛା । ସେ ମତାମତକୁ ଗ୍ରହଣ କରନ୍ତି, ପ୍ରତିଦିନ କଠିନ ପରିଶ୍ରମ କରନ୍ତି ଏବଂ ଉନ୍ନତି ଜାରି ରଖନ୍ତି । ସେହି ସ୍ଥିରତା ତାଙ୍କୁ ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ଖେଳାଳି ଭାବରେ ବଢିବାରେ ସାହାଯ୍ୟ କରିଛି ବୋଲି କୋଚ ଆଶୁତୋଷ ପାତ୍ର କହିଛନ୍ତି ।

ସମୟ | ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି